ଚଣ୍ଡିଦାସ

ସୁକୁମାର ସେନ୍

OR
891.441 52
C 36 S

ଭାରତୀୟ

OR
891.441 52
C 36 S



INDIAN INSTITUTE
OF
ADVANCED STUDY
LIBRARY, SHIMLA





ଚଣ୍ଡୀଦାସ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜ୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନକଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

ଚଣ୍ଡୀଦାସ

ସୁକୁମାର ସେନ୍

ଅନୁବାଦ
ରବୀନ୍ଦ୍ର କୁମାର ପ୍ରହରାଜ

ସାହିତ୍ୟ ଅକାଦେମି

Chandidas : Oriya translation by Dr. Rabindra Kumar Praharaj of the same title in English by Sukumar Sen. Sahitya Akademi, New Delhi, 1996. Price : Rs 15.00.

© ସାହିତ୍ୟ ଅକାଦେମି

OR
891.44152
C36S

ପ୍ରଥମ ପ୍ରକାଶ : ୧୯୯୬
ISBN 81-7201—919-X

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫ ଫିରୋଜଶାହ ରୋଡ୍, ନୂଆଦିଲ୍ଲୀ ୧୧୦ ୦୦୧

Library IIAS, Shimla
OR 891.441 52 C 36 S
00117751

ବିକ୍ରୟ କେନ୍ଦ୍ର :

'ସ୍ୱାତୀ', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦
ଜୀବନତାରା-୨୩ ଏ/୪୪ ଏକ୍ସ, ଡାଇମ
କଲିକତା ୭୦୦ ୦୫୩
'ଗୁନା ବିଲ୍ଡିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ,
ଟେନାମ୍‌ପେଟ୍, ମାଡ୍ରାଜ ୬୦୦ ୦୧୮
୧୭୨ ମୁମ୍ବାଇ ମାରଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ମୁମ୍ବାଇ ୪୦୦ ୦୧୪
ଏଡିଏ ରଙ୍ଗମନ୍ଦିର, ୧୦୯ ଜେ. ସି. ରୋଡ୍, ବାଙ୍ଗାଲୋର ୫୬୦ ୦୦୨

ମୂଲ୍ୟ : ୧୫-୦୦

Indian Institute ... SHIMLA
17751

ମୁଦ୍ରାକର :
ଦି' ପ୍ରିଣ୍ଟୋଭର୍ସ
ମୈତ୍ରୀ ସରଣୀ
କଟକ ୭୫୩ ୦୦୧

ସୂଚୀପତ୍ର

ଅନୁବାଦ ସମ୍ପର୍କରେ	
ଚଣ୍ଡୀଦାସ ପରିଚିତି	୧
ଜୀବନ ଓ କାଳ : ଅନୁସନ୍ଧାନ ଓ ଗବେଷଣା	୯
କେତେକ ଆକର୍ଷଣୀୟ ବୃତ୍ତାନ୍ତ	୧୯
ସହଜିୟା ଗୀତଗୁଡ଼ିକୁ ଲେଖିଲା କିଏ ?	୨୫
'ଶ୍ରୀକୃଷ୍ଣ କୀର୍ତ୍ତନ' ଗ୍ରନ୍ଥ	୩୫
'ଶ୍ରୀକୃଷ୍ଣ କୀର୍ତ୍ତନ'ରେ ଉତ୍‌ଥାପିତ ସମସ୍ୟାବଳୀ : ପୁନର୍ବିବେଚନ	୫୪
ପ୍ରାନ୍ତଭାଷ	୬୧
ସହାୟକ ଗ୍ରନ୍ଥସୂଚୀ	୬୩

ଅନୁବାଦ ସମ୍ପର୍କରେ

ସର୍ବଭାରତୀୟ ସାହିତ୍ୟଧାରାର ଐତିହାସିକ ତଥା ସାଂସ୍କୃତିକ ପରିଚିତି ଲାଭ କରିଥିବା ତଦ୍‌ବିଦ୍‌ମାନଙ୍କୁ 'ଚଣ୍ଡୀ ଦାସ' ଅବିଦିତ ନୁହନ୍ତି । ସାର୍ବଜନୀନ ପ୍ରେମଧର୍ମର ଉଦ୍‌ବୋଧନ ଦେଇ ଯେଉଁ ଚଣ୍ଡୀ ଦାସ ଉଦାତ୍ତ ସ୍ୱରରେ କହିଥିଲେ, "ଶୁନରେ ମାନୁଷ ଭାଇ, ସବାଇ ଉପରେ ମାନୁଷ ସତ୍ୟ, ତାଆରି ଉପରେ ନାଇଁ", ସେ ଯେଉଁ 'ଚଣ୍ଡୀ ଦାସ' ହୁଅନ୍ତୁ ନା କାହିଁକି, ଅଗୋଚର ରହି ନ ପାରନ୍ତି ।

ଡକ୍ଟର ସୁକୁମାର ସେନ୍ କେବଳ ବଙ୍ଗଳା ସାହିତ୍ୟର ନୁହନ୍ତି, ପୂର୍ବ ଭାରତୀୟ ଭାଷା-ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ଏକ ବିଚକ୍ଷଣ, ନିରପେକ୍ଷ, ତଦ୍‌ବିଦ୍ ସମୀକ୍ଷକ ତଥା ସାହିତ୍ୟ ଇତିହାସକାର ଭାବରେ ଓଡ଼ିଆ ସାହିତ୍ୟ-ଗବେଷକ ଓ ପଣ୍ଡିତମାନଙ୍କର ସର୍ବବାଦୀସମ୍ମତ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ । ଚଣ୍ଡୀ ଦାସଙ୍କ ଜୀବନ ଓ ସାରସ୍ୱତ କୃତିତ୍ୱର ନିରାସକ୍ତ, ତଥ୍ୟନିଷ୍ଠ ମୂଲ୍ୟାଙ୍କନ ଯୋଗୁଁ ଡଃ ସେନ୍ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ମାତ୍ର ଚଣ୍ଡୀ ଦାସଙ୍କ ସଙ୍ଗୀତର ସୁନିପୁଣ ଇଂରାଜୀ ଅନୁବାଦରୁ ଓଡ଼ିଆ ପାଠକମାନଙ୍କ ନିକଟରେ କବି ଚଣ୍ଡୀ ଦାସଙ୍କୁ ଯଥାର୍ଥ ଭାବରେ ପରିଚିତ କରାଇବା ସମ୍ଭବ ମନେ ନ ହେବାରୁ ମୁଁ ସ୍ୱଳ୍ପ ହେଲେହେଁ ଯଥାସମ୍ଭାବ୍ୟ ସ୍ଥଳରେ ଚଣ୍ଡୀ ଦାସଙ୍କର ମୂଳ ବଙ୍ଗଳା-ଗୀତ ପ୍ରଦାନ କରିଛି । ସଂସ୍କୃତ ଶ୍ଳୋକ ସହ 'ଶ୍ରୀକୃଷ୍ଣ କୀର୍ତ୍ତନ'ର ତିନୋଟିଯାକ ଉଦ୍ଧରଣୀୟ ଅଂଶକୁ ଅବିକଳ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଡଃ ସେନ୍‌ଙ୍କର ଇଂରାଜୀ ଭାଷାନ୍ତରକୁ ଓଡ଼ିଆ ପଦ୍ୟାନୁବାଦରେ ମୁଁ ଅଭିବ୍ୟକ୍ତ କରିଛି ।

ଓଡ଼ିଶାର ପ୍ରଥିତଯଶା କବି ରମାକାନ୍ତ ରଥ ଚଣ୍ଡୀ ଦାସଙ୍କର ମୂଳରଚନା ଏଥିରେ ସନ୍ନିବେଶିତ କରିବା ଲାଗି ପରାମର୍ଶ ପ୍ରଦାନ କରି ଏ ଦିଗରେ ମୋତେ ଉତ୍ସାହିତ କରିଅଛନ୍ତି ।

ଚଣ୍ଡୀ ଦାସଙ୍କର ମୂଳ ପ୍ରାଚୀନ ପଦ୍ୟରେ ଓଡ଼ିଆ ଭାଷାର ପଦଧ୍ୱନି ଡଃ ସେନ୍ ଯେପରି ଲକ୍ଷ୍ୟ କରିଛନ୍ତି (ଦ୍ରଷ୍ଟବ୍ୟ ପୃ. ୫୫ ରୁ ୫୮) ଓଡ଼ିଆ ପାଠକମାନଙ୍କୁ ତାହା ଆକୃଷ୍ଟ କରିବା ସ୍ୱାଭାବିକ । ସେହି ଦୃଷ୍ଟିରୁ ଏହି ଅନୁବାଦଟି ପାଠକମାନଙ୍କଦ୍ୱାରା ଆଦୃତ ହେବ, ଆଶା କରୁଛି ।

ଡକ୍‌ଟର ରବୀନ୍ଦ୍ର କୁମାର ପ୍ରହରାଜ

ସମ୍ପ୍ରତି ଆମେ ଯେଉଁ ବୈଷ୍ଣବ ସଙ୍ଗୀତାବଳୀ ବା ଗୀତିକା ସମୂହ ଦେଖୁଁ, ପ୍ରାକ୍ତନ ବଙ୍ଗ କବିତାର ସେଗୁଡ଼ିକ ଅମ୍ଳାନ କୁସୁମ ଏବଂ ସେଥିରୁ ଯେଉଁଗୁଡ଼ିକ ଚଣ୍ଡୀ ଦାସଙ୍କର ନାମ ବହନ କରନ୍ତି, ସେଗୁଡ଼ିକ ମଧୁରତମ । ବଙ୍ଗୀୟ ଜୀବନଧାରା ଓ ସଂସ୍କୃତିରେ ଯାହା କିଛି ଉଲ୍ଲେଖନୀୟ, ସାଧାରଣ ଦୃଷ୍ଟିରେ ତାହା ଚୈତନ୍ୟଙ୍କ ପ୍ରଭବପ୍ରସୂତ, ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱର ପ୍ରତିଫଳନ । ଚଣ୍ଡୀ ଦାସଙ୍କର ସୁନାମ ଓ ଯଶ ବିସ୍ମୃତିର ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ ନ ହୋଇ ଯେ ବିଦ୍ୟମାନ ରହିଛି, ସେଥିପାଇଁ ପରୋକ୍ଷରେ ଚୈତନ୍ୟ ହିଁ ଦାୟୀ । ଚୈତନ୍ୟଙ୍କ ସଫଳ ଜୀବନୀକାର ଓ ତାଙ୍କର ବୟଃକନିଷ୍ଠ ସାମସମୟିକ କୃଷ୍ଣ ଦାସ କବିରାଜ ଉଲ୍ଲେଖ କରିଛନ୍ତି ଯେ ଚୈତନ୍ୟ ତାଙ୍କ ଜୀବଦ୍ଦଶାର ଉତ୍ତର କାଳରେ ଜୟଦେବ (ସଂସ୍କୃତ ଭାଷାରେ), ବିଦ୍ୟାପତି (ମୈଥିଳୀ ଭାଷାରେ), ଚଣ୍ଡୀ ଦାସ (ବଙ୍ଗଳା ଭାଷାରେ) ଙ୍କର ଗୀତିକା-ମାନଙ୍କରୁ ପ୍ରେରଣା ଲାଭ କରିଥିଲେ । ଜୟଦେବଙ୍କର ଥିଲା ସର୍ବଭାରତୀୟ ପ୍ରସାର; କିନ୍ତୁ ଅନ୍ୟ କବିଦ୍ୱୟ ଥିଲେ ସ୍ୱଳ୍ପ ପରିସର ମଧ୍ୟରେ ଖ୍ୟାତ । ଅନ୍ୟ ଅନେକ ଗାନଧର୍ମୀ ଗୀତିକାର ସ୍ରଷ୍ଟାମାନଙ୍କ ଭଳି ହୁଏତ ବିଦ୍ୟାପତି ଏବଂ ଚଣ୍ଡୀ ଦାସ ସଂପୂର୍ଣ୍ଣ ବିସ୍ମୃତ ହୋଇ ଯାଇଥାଆନ୍ତେ ଯଦି ଚୈତନ୍ୟଙ୍କର ପ୍ରଶଂସା ତାଙ୍କର ସର୍ବୋତ୍ତମ ଜୀବନୀକାରଙ୍କଦ୍ୱାରା ଲିପିବଦ୍ଧ ହୋଇ ନଥାନ୍ତା ।

ସର୍ବସାଧାରଣଙ୍କ ପାଇଁ (ଶିକ୍ଷାପ୍ରାପ୍ତ ସାକ୍ଷର ବୈଷ୍ଣବ ବ୍ୟତୀତ) ଷୋଡ଼ଶ କିମ୍ବା ସପ୍ତଦଶ ଶତାବ୍ଦୀରେ ବଙ୍ଗଳା ସାହିତ୍ୟ ବୋଲି କିଛି ନଥିଲା । ପୂର୍ବବର୍ତ୍ତୀ ଶତାବ୍ଦୀମାନଙ୍କରେ ତ କାହାରି ପାଇଁ ନଥିଲା; କେବଳ ପଣ୍ଡିତବର୍ଗ, ବୈଷ୍ଣବ ଗୁରୁ ସଂପ୍ରଦାୟ, କେତେକ ସ୍ୱଳ୍ପ ଉତ୍ସାହୀ ବ୍ୟକ୍ତି ବଙ୍ଗଳା ବହି ପଢ଼ୁଥିଲେ, ଅନ୍ୟମାନେ କେବଳ କଣ୍ଢେଇ ନାଚ, ସୁଆଙ୍ଗ ଇତ୍ୟାଦିରେ ବୋଲାଯାଉଥିବା ବିବରଣାତ୍ମକ ପଦ୍ୟମାନଙ୍କରୁ ଛୋଟ, ବଡ଼ ଗୀତମାନ ଶୁଣି ଉପଭୋଗ କରୁଥିଲେ । ବୈଷ୍ଣବ ରଚନା

ବ୍ୟତୀତ ଅନ୍ୟ ସମସ୍ତ ପଠନୀୟ ବିଷୟ ଥିଲା ସଂସ୍କୃତରେ । ସମ୍ଭବତଃ ସ୍ୱଳ୍ପ କିଛି ପାର୍ସୀରେ ଥିଲା ।

ଚୈତନ୍ୟଙ୍କର ଜୀବନ ଓ କର୍ମଧାରା ସମ୍ବଳିତ ଯେଉଁ ଦୁଇଟି ପଦ୍ୟାତ୍ମକ ଜୀବନୀଗ୍ରନ୍ଥ ଆଦ୍ୟତଃ ବଙ୍ଗଳାରେ ଲେଖାଯାଇଥିଲା, ସେଗୁଡ଼ିକ ପଠନ ଲାଗି ହିଁ ଥିଲା ଉଦ୍ଦିଷ୍ଟ । କୃଷ୍ଣ ଦାସ କବିରାଜକୃତ 'ଚୈତନ୍ୟ ଚରିତାମୃତ' କେବେ ଭଜନ ବା ସଙ୍ଗୀତ ଭାବରେ ଗୀତ ହୋଇନଥିଲା । ଏହି ଗ୍ରନ୍ଥଟି ମୂଳରୁ ବଙ୍ଗୀୟ ବୈଷ୍ଣବମାନଙ୍କ ଉପରେ ପ୍ରଭୂତ ପ୍ରଭାବ ବିସ୍ତୃତ କରିଥିଲା । ଏଥିରେ ଗୁହ୍ୟସାଧନାର ସମର୍ଥନ କରାଯାଇଥିବାରୁ ରାଗାତ୍ମିକା ପଦ୍ଧତି ଅନୁସରଣ କରୁଥିବା ସେହି ସେହି ବୈଷ୍ଣବ ସଂପ୍ରଦାୟରେ ଏହା ଚୂଡ଼ାନ୍ତ ପ୍ରାମାଣିକ ଗ୍ରନ୍ଥ ଭାବରେ ଗୃହୀତ ହୋଇଥିଲା । ଏହି ରହସ୍ୟବାଦୀ ବୈଷ୍ଣବମାନେ ଥିଲେ ଅଧୁନା ପରିଚିତ ବାଉଲ୍ (ଅକ୍ଷରଶଃ ବାତୁଳ) ଓ ସହଜିୟା (ଆକ୍ଷରିକ ଅର୍ଥରେ ସହଜ ପନ୍ଥାର ପଥିକ) ମାନଙ୍କର ପୂର୍ବଜ । ଏମାନେ ଅପାର୍ଥିବ ରାଧାକୃଷ୍ଣ ପ୍ରେମଲୀଳାକୁ ମାନବୀୟ ପ୍ରୀତିବିଳାସର ରୂପ ଦେଇ ସଙ୍ଗୀତ ରଚୟିତା ଚଣ୍ଡୀ ଦାସ, ବିଦ୍ୟାପତି ଓ ଜୟଦେବଙ୍କୁ ସେମାନଙ୍କର ପ୍ରାଚୀନତମ ଦିଙ୍ନିର୍ଦ୍ଦେଶକ ଭାବରେ ଗ୍ରହଣ କରିଥିଲେ । ଏହି ତିନି ଜଣ କବି ସହଜିଆ ମାର୍ଗର ମୌଳିକ ତତ୍ତ୍ୱଦର୍ଶୀ ଗୁରୁ ଭାବରେ ଅଭ୍ୟର୍ଚ୍ଚିତ ହୋଇଥିଲେ । ଏମାନେ ଯେ ସମ୍ଭୋଗାତ୍ମିକା ରାଧାକୃଷ୍ଣ ପ୍ରେମଲୀଳାକୁ ଅଙ୍ଗେ ଅଙ୍ଗେ ଲିଭାଇଥିଲେ ଏବଂ ସେମାନଙ୍କର ଅନୁଭୂତିସକଳକୁ ସଙ୍ଗୀତରୂପ ଦେଇଥିଲେ, ଏହିଭଳି ବିଶ୍ୱାସ ପୋଷଣ କରାଯାଇଥିଲା । ସେହି ଅନୁକ୍ରମରେ ସେମାନେ ପ୍ରତ୍ୟେକେ ଯେ ସେମାନଙ୍କର ସାଧନାସଙ୍ଗିନୀ ଭାବରେ ଜଣେ ଜଣେ 'ରାଧା'ଙ୍କୁ ପାଇଥିଲେ ଏହା ମଧ୍ୟ ଥିଲା ବିଶ୍ୱାସର ବିଷୟ । ଜୟଦେବଙ୍କର ପଦ୍ମାବତୀ ଇତିହାସ-ସମର୍ଥିତା । ସେ ତାଙ୍କର ବିବାହିତା ପତ୍ନୀ ଥିଲେ କି ନାହିଁ, ସେ ସମ୍ପର୍କରେ ଆମେ ନିଶ୍ଚିତ ନୋହୁ । ବିଦ୍ୟାପତି ତାଙ୍କ ପୃଷ୍ଠପୋଷକଙ୍କର ପତ୍ନୀ ଲଚିମାଙ୍କର ଅନ୍ତରଙ୍ଗ ଥିଲେ । ଏହି ମତକୁ ସିଦ୍ଧ କିମ୍ବା ପ୍ରତ୍ୟାଖ୍ୟାନ କରିବା ଲାଗି ଆମ ପାଖରେ ବିଶେଷ ପ୍ରାମାଣିକ ଦୃଷ୍ଟାନ୍ତ ନାହିଁ । ଯାହା କିଛି ଅଛି, ତାହା କେବଳ ତାଙ୍କ ସ୍ୱରଚିତ ଗୀତର ଭଣିତାଂଶରେ ସଂଯୋଜିତ ଦୁହିଁଙ୍କର ନାମ ମାତ୍ର । ଚଣ୍ଡୀ ଦାସଙ୍କ ସମ୍ବନ୍ଧରେ ଅସୁବିଧାଟି ହେଉଛି ତାଙ୍କର ଗୀତଭଣିତାରେ କେବଳ ଏକ ହିଁ ନାରୀ 'ବାସଳୀ' ବା 'ବାସୁଳୀ' (କଙ୍କାଳସାର କ୍ଷୁଧାର୍ତ୍ତା ଦେବୀ (ଚାମୁଣ୍ଡା)ଙ୍କର ଉଲ୍ଲେଖ । ଏତଦ୍ ସମ୍ବନ୍ଧୀୟ ତତ୍ତ୍ୱ ତଥା ପରମ୍ପରାଗତ କାହାଣୀମାନଙ୍କରେ ବାସୁଳୀ ହେଉଛନ୍ତି ସ୍ୱଭାବତଃ ମାନବ ଦେହଧାରିଣୀ ଦିବ୍ୟନାରୀ ପ୍ରତିକଳ୍ପା, ଯେ ତନ୍ତ୍ରସାଧନ ମାର୍ଗରେ ପୁରୁଷର ସଙ୍ଗିନୀ ଭାବରେ ବର୍ତ୍ତମାନା ଥାନ୍ତି । ସେ ହେଉଛନ୍ତି ରଜକିନୀ; କିନ୍ତୁ ତାଙ୍କର ନାମ ସମ୍ପର୍କରେ କୌଣସି ମତୈକ୍ୟ ଦେଖାଯାଏ ନାହିଁ । କାହାଣୀମାନ ବେଶ୍ କୌତୂହଳପ୍ରଦ । ଚଣ୍ଡୀ ଦାସଙ୍କ ନାମର

ଭଣିତାଥିବା ଗୀତମାନଙ୍କରେ ସେଗୁଡ଼ିକ ନିବିଡ଼ ଭାବେ ଜଡ଼ିତ । ସେସବୁ ପରେ କୁହାଯିବ ।

ବିଦ୍ୟାପତି ଓ ଜୟଦେବଙ୍କୁ ସେମାନଙ୍କର ଉତ୍ତମ ଭକ୍ତିଗୀତିକା ପାଇଁ ରକ୍ଷଣଶୀଳ ବୈଷ୍ଣବମାନେ ଯେପରି ସମ୍ମାନ ଦେଇଥାନ୍ତି, ଚଣ୍ଡୀ ଦାସଙ୍କୁ ମଧ୍ୟ ସେହି ଦୃଷ୍ଟିରେ ଗ୍ରହଣ କରିଥାନ୍ତି; କାରଣ ଚୈତନ୍ୟ ସ୍ୱୟଂ ଏମାନଙ୍କର ସଙ୍ଗୀତକୁ ଆବିଷ୍ଟ ଚିତ୍ତରେ ଶ୍ରବଣ ଓ ଉପଭୋଗ କରିଥିଲେ । ଏଥିରେ ସନ୍ଦେହ ନାହିଁ ଯେ ଘରୋଇ ଆସରରେ ହେଉ କିମ୍ବା ଔପଚାରିକ କୀର୍ତ୍ତନ ଅନୁଷ୍ଠାନରେ ହେଉ ରକ୍ଷଣଶୀଳ ବୈଷ୍ଣବମାନେ ଚଣ୍ଡୀ ଦାସଙ୍କ ସଙ୍ଗୀତ ଗାନ କରିଥାନ୍ତି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଚଣ୍ଡୀ ଦାସଙ୍କ ନାମର ଭଣିତା ଥିବା କୌଣସି ସଙ୍ଗୀତ କୀର୍ତ୍ତନ-ସଙ୍ଗୀତ ସଙ୍କଳନମାନଙ୍କରେ ଦେଖାଯାଏ ନାହିଁ କିମ୍ବା ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ କୌଣସି ରଚନାରେ ଚଣ୍ଡୀ ଦାସଙ୍କ ଗୀତର ଉଦ୍ଧୃତି ଦେଖିବାକୁ ମିଳେ ନାହିଁ । ବିଦ୍ୟାପତିଙ୍କ ଅପେକ୍ଷା ଚଣ୍ଡୀ ଦାସ ଷୋଡ଼ଶ ଶତାବ୍ଦୀର ଅଧିକ ନିକଟବର୍ତ୍ତୀ ଥିଲେ ବୋଲି କେହି କେହି ଅନୁମାନ କରନ୍ତି । ଅଜସ୍ର ସହଜିଆ ପନ୍ଥାର ଯେଉଁ ସଙ୍ଗୀତ ଏବଂ ଆଦିକୀର୍ତ୍ତନ ସଙ୍କଳନମାନ ରହିଛି ସେଗୁଡ଼ିକ ଚଣ୍ଡୀ ଦାସଙ୍କ ଭଳି ସୁକବିଙ୍କର ପ୍ରତିଭାର ନିଦର୍ଶନ ବହନ କରନ୍ତି ନାହିଁ; କାରଣ ସେଥିରୁ ଅଧିକାଂଶ ହେଉଛନ୍ତି ସ୍ୱଳ୍ପ ସାହିତ୍ୟିକ ମୂଲ୍ୟ ସମ୍ପନ୍ନ ଶୁଷ୍କ ତତ୍ତ୍ୱାଶ୍ରୟୀ ସଙ୍ଗୀତ ଓ ପରବର୍ତ୍ତୀ କାଳର ସାଧାରଣ ସ୍ତରୀୟ ବହୁଳ ସଙ୍ଗୀତ ରଚୟିତାଙ୍କର ରଚନା । ସମ୍ଭବତଃ ଶତାବ୍ଦୀ ଶତାବ୍ଦୀର ଆଦାନପ୍ରଦାନ ମଧ୍ୟରେ ଚଣ୍ଡୀ ଦାସଙ୍କର ଲୋକପ୍ରିୟ ସଙ୍ଗୀତଗୁଡ଼ିକରୁ ତାଙ୍କ ଭଣିତା ଉଠାଇ ଦିଆଯାଇ ସେହି ସେହି ସ୍ଥାନରେ ସମକାଳୀନ ସୁଜ୍ଞାତ କବିମାନଙ୍କର ନାମ ରଖାଯାଇଛି । ସପ୍ତଦଶ ଶତାବ୍ଦୀ ପରବର୍ତ୍ତୀ ସମୟରୁ ଏହାର ବିପରୀତ ଧାରା ମଧ୍ୟ କାର୍ଯ୍ୟକାରୀ ହୋଇଥିବା ଅନୁମିତ ହୁଏ । ଏହି ସମୟରୁ ହିଁ ଅନେକ ଗୀତିକାରେ ପ୍ରକୃତ କବିଙ୍କ ନାମ ବଦଳରେ ଚଣ୍ଡୀ ଦାସଙ୍କ ନାମ ଉଲ୍ଲେଖ କରିବାର ଉଦ୍ୟମ ସକ୍ରିୟ ହୋଇ ଉଠିଛି । ବଙ୍ଗ ଓ ମିଥିଳାରେ ସଙ୍ଗୀତ ସର୍ଜନାର ସେହି ଆଦି କାଳରେ ଭଣିତାଶୂନ୍ୟ ଏକପଦୀ ବା ଦ୍ୱିପଦୀ କ୍ଷୁଦ୍ର ସଙ୍ଗୀତ ରଚନା କବିଙ୍କ ପକ୍ଷରେ ସ୍ୱାଭାବିକ ଥିଲା । ଏହା ମଧ୍ୟ ଖୁବ୍ ସମ୍ଭବ ଯେ ଚଣ୍ଡୀ ଦାସ ଏହି ରୀତି ଅନୁସରଣ କରି ଯେଉଁ ଏକପଦୀ ବା ଦ୍ୱିପଦୀ ସଙ୍ଗୀତ ରଚନା କରିଥିଲେ ସେଗୁଡ଼ିକ ଆଦିବୈଷ୍ଣବ ଗୀତିକା ସଙ୍କଳନମାନଙ୍କରେ ଅଥବା ଅଣବୈଷ୍ଣବ ବର୍ଣ୍ଣନାତ୍ମକ କାବ୍ୟ-କବିତାର ଘୋଷା ପଦରୂପେ ବ୍ୟବହୃତ ହୋଇ ଆସୁଅଛି ।

ଊନବିଂଶ ଶତାବ୍ଦୀର ଠିକ୍ ଆରମ୍ଭ ବେଳକୁ ପ୍ରାଚୀନ ବଙ୍ଗଳା-ସାହିତ୍ୟ ମୁଦ୍ରିତ ରୂପରେ ଦେଖିବାକୁ ମିଳିଲା ଏବଂ ବୈଷ୍ଣବ ଶାସ୍ତ୍ର ଓ ସମ୍ପ୍ରଦାର ଯାହା କିଛି ମୁଦ୍ରଣରୂପ ବରଣ କଲା, ତାହା ସବୁ ହେଲା ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ମଧ୍ୟଭାଗରେ

ିଦ୍ୟାପତି, ଚଣ୍ଡୀ ଦାସ, ଗୋବିନ୍ଦ ଦାସ ଓ ଅନ୍ୟମାନଙ୍କର ସଙ୍ଗୀତ ସମେତ କ୍ଷୁଦ୍ର କ୍ଷୁଦ୍ର କୀର୍ତ୍ତନ-ସଙ୍କଳନ ଶସ୍ତା ଧରଣର ମୁଦ୍ରଣାଳୟମାନଙ୍କରୁ ଦେଶର ସାକ୍ଷର ବୈଷ୍ଣବ ନରନାରୀଙ୍କ ବ୍ୟବହାର ଲାଗି ପ୍ରକାଶ ପାଇଲା । କୃତ୍ତିବାସ, କାଶୀରାମ, କବିକଙ୍କଣ ଓ ଭାରତଚନ୍ଦ୍ର—ଏହି ଚାରିଜଣଙ୍କ ନାମ ସେକାଳର ଇଂରାଜୀ ଶିକ୍ଷିତ ଅଣବୈଷ୍ଣବ ସାହିତ୍ୟ ପ୍ରେମୀମାନଙ୍କୁ ଜଣାଥିଲା । ଏପରିକି ଭାରତଚନ୍ଦ୍ର ଓ ତାଙ୍କ ପନ୍ଥାନୁଗାମୀ ସଙ୍ଗୀତ ରଚୟିତାମାନଙ୍କର ଜନୈକ ବିଶିଷ୍ଟ ପ୍ରଶଂସକ ଈଶ୍ୱରଚନ୍ଦ୍ର ଗୁପ୍ତ (୧୮୧୨-୫୯ ଖ୍ରୀ.)ଙ୍କର ବୈଷ୍ଣବ କବିତା ପ୍ରତି ସେପରି ଅନୁରାଗ ନଥିଲା ।

ଏକାନ୍ତ ନଗଣ୍ୟ ଓ ଅପୂର୍ଣ୍ଣ ହେଲେହେଁ ବଙ୍ଗ-ସାହିତ୍ୟ-ଇତିହାସର ଆଦ୍ୟତମ ବିବରଣୀ ଯାହା 'ଲିଟରାରୀ ଗେଜେଟ୍' (୧୮୩୦ ଖ୍ରୀ.)ରେ ହିନ୍ଦୁ କଲେଜର ବିଦ୍ୟାର୍ଥୀ, ଭାରତୀୟ ଲେଖକମାନଙ୍କ ମଧ୍ୟରେ ଅନ୍ୟତମ ପ୍ରଥମ ଇଂରାଜୀ ପଦ୍ୟ ରଚୟିତା ଭାବରେ ପରିଗଣିତ କାଶୀ ପ୍ରସାଦ ଘୋଷଙ୍କ ଲେଖନୀ ପ୍ରସୂତ ରଚନା ଭାବରେ ପ୍ରକାଶ ପାଇଥିଲା, ଶିକ୍ଷିତ ବଙ୍ଗାଳୀମାନଙ୍କୁ କେବଳ ସେତିକି ମାତ୍ର ଜ୍ଞାତ ଥିଲା । ସେଥିରେ ବୈଷ୍ଣବ କବିତା କିମ୍ବା କୌଣସି ବୈଷ୍ଣବ କବିଙ୍କର ନାମ ପର୍ଯ୍ୟନ୍ତ ଉଲ୍ଲେଖ ନଥିଲା । ଏହାର ପ୍ରାୟ ଦୁଇ ଦଶନ୍ଧି ପରେ ଯେତେବେଳେ ଈଶ୍ୱର ଚନ୍ଦ୍ର ଗୁପ୍ତ ହୁଗୁଳି ସୀମାନ୍ତବର୍ତ୍ତୀ ନଗରାଞ୍ଚଳର ଜନପ୍ରିୟ ସଙ୍ଗୀତକାର ଓ କବିମାନଙ୍କର ଜୀବନୀ ଓ କୃତିକୁ ଉଦ୍ଧାର ପୂର୍ବକ ଗ୍ରଥନ କରିବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ମଧ୍ୟରେ ରହିଲେ ବହୁଖ୍ୟାତ (ଭାରତଚନ୍ଦ୍ର, ରାମପ୍ରସାଦ) ସ୍ୱଳ୍ପଜ୍ଞାତ (ରାମଜୀ ଦାସ, ହରିଠାକୁର ପ୍ରମୁଖ) କବିବୃନ୍ଦ, ଯେଉଁମାନେ ଥିଲେ ବିଗତ ଶହେ ବର୍ଷ ତଳର । ପ୍ରବୃତ୍ତିରେ ବୈଷ୍ଣବ ହେଉ ବା ନହେଉ ଯେଉଁ ଅର୍ଦ୍ଧପଲ୍ଲୀଗୀତିକା ଓ କୀର୍ତ୍ତନ-ଗୀତସବୁ ଧନିକମାନଙ୍କର ଶ୍ରାଦ୍ଧାଦି ଗାର୍ହସ୍ଥ୍ୟ ଉତ୍ସବାନୁଷ୍ଠାନମାନଙ୍କରେ ଗାନକରାଯିବାର ସୌଖୀନ ପରମ୍ପରା ତଥାପି ପ୍ରଚଳିତ ଥିଲା, ସେସବୁ ସମ୍ପର୍କରେ ସୁଅବହିତ ଥିବା ଈଶ୍ୱର ଚନ୍ଦ୍ର ଗୁପ୍ତଙ୍କର ସଙ୍ଗୀତରେ ମଧ୍ୟ ରୁଚି କମ୍ ନଥିଲା । ବିଶେଷତଃ ସେ ବୈଷ୍ଣବ ପରିବାରର ସନ୍ତାନ ହୋଇଥିବାରୁ ଏ ଦିଗରେ ସେ ପାରଙ୍ଗମ ଥିଲେ । ବାଉଲ୍-ସହଜିୟାଙ୍କର ରହସ୍ୟବାଦୀ ସଙ୍ଗୀତରୀତି ସହ ତାଙ୍କର ପୁଙ୍ଖାନୁପୁଙ୍ଖ ପରିଚୟ ଥିଲା । କର୍ତ୍ତାଭଜା (ଅକ୍ଷରଶଃ ଓସ୍ତାଦି-ପୂଜକ) ବୋଲି ଯେଉଁ ରହସ୍ୟବାଦୀ ତତ୍ତ୍ୱ ସୁଫୀବାଦ ଓ ଖ୍ରୀଷ୍ଟଧର୍ମର କେତେକ ଉପାଦାନକୁ ଗର୍ଭସ୍ଥ କରି ବୈଷ୍ଣବ ଭାବଧାରାର ପରିପାକରେ ପ୍ରସ୍ତୁତ ହୋଇ ଅଷ୍ଟାଦଶ ଶତାବ୍ଦୀର ଶେଷ କେତେକ ଦଶନ୍ଧି ଓ ଊନବିଂଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶନ୍ଧିରେ କଲିକତାର ବିତ୍ତଶାଳୀ ଗୃହସ୍ଥମାନଙ୍କର ଗୃହମାନଙ୍କରେ ଗୋପନୀୟ ଭାବରେ ଆଚରିତ-ବ୍ରତ ରୂପରେ ଲୋକପ୍ରିୟ ହୋଇଥିଲା, ସେ ବିଷୟରେ ସେ ମଧ୍ୟ ସୁପରିଜ୍ଞାତ ଥିଲେ । ଗୁପ୍ତ ବାଉଲ୍ ଓ କର୍ତ୍ତାଭଜା କବିତାର କେତେକ

ଚମତ୍କାର ଲଳିକା ରଚନା କରିଥିଲେହେଁ ବୈଷ୍ଣବ କବି ଓ କବିତା ସମ୍ପର୍କରେ ନୀରବ ରହିଗଲେ ।

ଊନବିଂଶ ଶତାବ୍ଦୀର ପ୍ରଖ୍ୟାତନାମା ଭାରତୀୟ ପ୍ରାଚ୍ୟବିଦ୍ୟାବିତ୍ ରାଜା ରାଜେନ୍ଦ୍ରଲାଲ ମିତ୍ର (୧୮୨୨-୧୮୯୧ ଖ୍ରୀ.)ଙ୍କ କୃତିତ୍ୱର ଆଲେଖ୍ୟ ବୈଷ୍ଣବ କବି (ବିଦ୍ୟାପତି ଓ ଚଣ୍ଡୀ ଦାସଙ୍କ ସମେତ) ବୃନ୍ଦଙ୍କୁ ଓ ବଙ୍ଗୀୟ ବୈଷ୍ଣବ ରଚନାବଳୀକୁ ସାଧାରଣ ବଙ୍ଗୀୟ ପାଠକମାନଙ୍କଠାରେ ପରିଚିତ କରାଇବା କାର୍ଯ୍ୟ ସମ୍ପନ୍ନ କରିଦେଲା । 'ପେନ୍ନି ମ୍ୟାଗାଜିନ୍'ରେ (୧୮୫୮) ତାଙ୍କର ବଙ୍ଗଳାରେ ଲିଖିତ କ୍ଷୁଦ୍ର ରଚନାଟିଏ ପ୍ରକାଶ ପାଇଥିଲା ଓ ସେ ସରକାରୀ ଅନୁଦାନ ପ୍ରାପ୍ତି ପୂର୍ବକ 'ବିବିଧାର୍ଥ ସଂଗ୍ରହ' ଶୀର୍ଷକ ଏକ ପୁସ୍ତକ ସମ୍ପାଦନା କରି ପ୍ରକାଶ କଲେ । ସେହି ରଚନାଟିର ନାମ ଥିଲା 'ବଙ୍ଗଭାଷାର ଉତ୍ପତ୍ତି' । ଯେଉଁମାନେ ଦେଶୀୟ ସାହିତ୍ୟକୁ ଆଦର କରନ୍ତି, ସେହିମାନେ କେବଳ କେତେକ ଅଜ୍ଞାତ କବି ଓ କୃତି ସମ୍ପର୍କରେ ଏଥିରୁ ଯାହାକିଛି ଜାଣିବାକୁ ପାଇଥିଲେ । ଶ୍ରୀ ମିତ୍ର ବୈଷ୍ଣବ ପରିବାରର ସନ୍ତାନ ଥିଲେ । ତାଙ୍କର ପିତା ଓ ପିତାମହ ବୈଷ୍ଣବ କୀର୍ତ୍ତନର ରଚୟିତା ଥିଲେ । ଉକ୍ତ ପ୍ରବନ୍ଧରେ ଉଲ୍ଲିଖିତ କବି ଓ ସେମାନଙ୍କର କୃତି ସମ୍ପର୍କରେ ପିଲାଦିନୁ ତାଙ୍କୁ ଜଣାଥିଲା । ତାଙ୍କର ସୁହୃଦ୍ ଓ ତାଙ୍କ ସାହିତ୍ୟର ଜଣେ ସମଝଦାର ସମାଲୋଚକ-ମାନଙ୍କ ମଧ୍ୟରେ ଅନ୍ୟତମ, ଆଧୁନିକ ବଙ୍ଗକବିତାର ସ୍ରଷ୍ଟା ମାଇକେଲ୍ ମଧୁସୂଦନ ଦତ୍ତ ଯେ ଏହି ମିତ୍ରଙ୍କର ସାନ୍ନିଧ୍ୟ ଯୋଗୁଁ ବୈଷ୍ଣବ ଗୀତିକାମାନଙ୍କୁ ସମାଦର କରିବାକୁ ଆରମ୍ଭ କରିଥିଲେ, ଏଭଳି ଅନୁମାନ ଅମୂଳକ ବୋଧ ହୁଏ ନାହିଁ ।

ଉଚ୍ଚ ଇଂରାଜୀ ବିଦ୍ୟାଳୟର ଜନୈକ ଶିକ୍ଷକ (ପରେ ପ୍ରଧାନଶିକ୍ଷକ), ଦୁଇଟି ନାଟକର ରଚୟିତା ଓ ଦତ୍ତଙ୍କର ସର୍ବଶ୍ରେଷ୍ଠ ରଚନାର ଲଳିକାକାର ଭାବରେ ତାଙ୍କର ସମକାଳୀନମାନଙ୍କ ମଧ୍ୟରେ ସୁବିଦିତ ଜଗବନ୍ଧୁ ଭଦ୍ରଙ୍କଦ୍ୱାରା ବୈଷ୍ଣବ ଗୀତିକା ଓ ଗୀତିକାରଙ୍କ ସମ୍ପର୍କୀୟ ବିଧିବଦ୍ଧ ସୂଚନା ବଙ୍ଗୀୟ ପାଠକମାନଙ୍କ ଲାଗି ପ୍ରଥମେ ପ୍ରକାଶ ଲାଭ କଲା । ପ୍ରାଚୀନ କୀର୍ତ୍ତନ-କବିତାମାନଙ୍କୁ ସଂଗ୍ରହ କରି ଭଦ୍ର କେତେକ ବୈଷ୍ଣବ ସଙ୍ଗୀତକୁ ନେଇ 'ମହାଜନପଦାବଳୀ ସଂଗ୍ରହ' ଓ 'ବ୍ରଜଗାଥା' ଶୀର୍ଷକ ଦୁଇଟି ସଂକଳନ-ଗ୍ରନ୍ଥ ପ୍ରକାଶ (୧୮୭୪, ୧୮୭୫) କଲେ । ଏକ ଗ୍ରାମ୍ୟ ମୁଦ୍ରଣାଳୟରେ ଛପା ହୋଇଥିବା ଓ ଶସ୍ତା ଧରଣର ମଲାଟବନ୍ଧା ଭଦ୍ରଙ୍କର ଏ ପୁସ୍ତକ ସାଧାରଣ ବଙ୍ଗୀୟ କିମ୍ବା ବୈଷ୍ଣବ ପାଠକମାନଙ୍କର ସେପରି ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିପାରି ନଥିଲା ଯେପରି କରିଥିଲା ସମକାଳରେ ପ୍ରକାଶିତ କାଳାନୁକ୍ରମିକତା ଓ ଅକ୍ଷୟ ଚନ୍ଦ୍ର ସରକାରଙ୍କ କୃତ 'ପ୍ରାଚୀନ କାବ୍ୟ ସଂଗ୍ରହ' । ଏହି ସଂକଳନଗୁଡ଼ିକ ପାଞ୍ଚଟି ଖଣ୍ଡରେ ବିଭକ୍ତ ଥିଲା । ସେଥିରୁ ତିନୋଟି ଥିଲା ପ୍ରମୁଖ କବି ବିଦ୍ୟାପତି, ଚଣ୍ଡୀ ଦାସ ଓ ଗୋବିନ୍ଦ ଦାସଙ୍କର ରଚନା ସଂଗ୍ରହ । ବିଦ୍ୟାପତି ସମ୍ବନ୍ଧିତ ଖଣ୍ଡଟି

ପ୍ରଥମେ ପ୍ରକାଶ ପାଇଥିଲା (୧୮୭୪) । ମିତ୍ର ଓ ସରକାରଙ୍କ ସଂଗ୍ରହାବଳୀ ଯଥାର୍ଥରେ ଶିକ୍ଷିତ ପାଠକମାନଙ୍କୁ ବୈଷ୍ଣବ କବିତାର ପରିଚିତି ଯୋଗାଇ ଦେଲା । ପରେ ପରେ ଆମେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ସମେତ ସେ ସମୟର ପ୍ରଖ୍ୟାତ ଲେଖକମାନେ ଚଣ୍ଡୀ ଦାସ ଓ ବିଦ୍ୟାପତିଙ୍କ ପଦମାନଙ୍କୁ ଉଦ୍ଧାର କରିବାର ଦେଖୁଁ । କିନ୍ତୁ ବିଶ୍ୱସାହିତ୍ୟ କ୍ଷେତ୍ରରେ ବୈଷ୍ଣବ କବିତାର ମୂଲ୍ୟକୁ ସୁପ୍ରତିଷ୍ଠ କରାଇବା କାର୍ଯ୍ୟ ଆଶୈଶବ ଜୟଦେବ ଓ ବୈଷ୍ଣବ କବିତାମାନଙ୍କରୁ ଭାବ ଆହରଣ କରି ଆସିଥିବା ରବୀନ୍ଦ୍ରନାଥ ଠାକୁରଙ୍କଠାରେ ନ୍ୟସ୍ତ ଥିଲା, କହିବାକୁ ହେବ ।

ଏକ ପ୍ରତିଷ୍ଠାନ ଭାବରେ ବଙ୍ଗୀୟ ସାହିତ୍ୟ ପରିଷଦର ଶୁଭାରମ୍ଭର ବହୁପୂର୍ବରୁ ଜର୍ଜ ଆବ୍ରାହାମ୍ ଗ୍ରୀୟର୍‌ସନ୍ କେତେକ ଆର୍ଯ୍ୟ ଭାରତୀୟ ଭାଷାର ଶାସ୍ତ୍ରସମ୍ମତ ସମୀକ୍ଷାତ୍ମକ ଅଧ୍ୟୟନ ଆରମ୍ଭ କରିଦେଇଥିଲେ । ସେ ବ୍ରଜଭାଷା ଓ ମୈଥିଳୀରେ ରଚିତ ବୈଷ୍ଣବ କବିତା ସମ୍ପର୍କରେ ଆଗ୍ରହ ପ୍ରକାଶ କରିଥିଲେ । ସ୍ୱଦେଶର ପରିସୀମା ମଧ୍ୟରେ ମଧ୍ୟ ପୂର୍ଣ୍ଣତଃ ବିସ୍ମୃତ ହୋଇପଡ଼ିଥିବା କବି ବିଦ୍ୟାପତିଙ୍କୁ ପ୍ରତିଷ୍ଠିତ କରାଇବା କ୍ଷେତ୍ରରେ ତାଙ୍କର ଉଦ୍ୟମ ଥିଲା ପ୍ରଭୂତ । କଲିକତାରେ ପରିଷଦର ପ୍ରତିଷ୍ଠା (୧୮୯୪) ଘଟିବା ପରେ ସେଯାବତ୍ ଅବଜ୍ଞାତ, ଅବହେଳିତ ଓ ସ୍ୱଳ୍ପଜ୍ଞାତ ହୋଇପଡ଼ିଥିବା ବଙ୍ଗ ସାହିତ୍ୟକୃତିମାନଙ୍କୁ ଅନାଦୃତ ଓ ବିକ୍ଷିପ୍ତ ପୋଥି-ପାଣ୍ଡୁଲିପି-ମାନଙ୍କରୁ ସଂଗ୍ରହ କରିବା କାର୍ଯ୍ୟ ତ୍ୱରାନ୍ୱିତ ହେଲା । ବଙ୍ଗଦେଶର ପ୍ରାୟ ସମସ୍ତ କୋଣ ଅନୁକୋଣରୁ ଆବିଷ୍କୃତ ହୋଇ ଚଣ୍ଡୀ ଦାସଙ୍କର କେତେକ ଅଜ୍ଞାତ ସଙ୍ଗୀତ-ରଚନା ପରିଷଦର ମୁଖପତ୍ରରେ ପ୍ରକାଶିତ ହେବାରୁ ସାଧାରଣରେ ଏତଦ୍ ସମ୍ପର୍କରେ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହେବାକୁ ଲାଗିଲା । ଚଳିତ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ ତାଙ୍କର ଯେଉଁ ସଙ୍ଗୀତାବଳୀ ଲୋକଲୋଚନକୁ ଅଣାଗଲା ସେଗୁଡ଼ିକ ବିଶେଷତଃ ପୂର୍ବରୁ ସେଯାବତ୍ ଜଣାଥିବା ସଙ୍ଗୀତମାନଙ୍କ ତୁଳନାରେ ସେପରି କିଛି ବିଶେଷ ଉତ୍କୃଷ୍ଟ ଧରଣର ନଥିଲା । ସେଥିପାଇଁ ଜଣେ ସୂକ୍ଷ୍ମଧୀ ପାଠକ ପକ୍ଷରେ ଏବେ ଏପରି ବିବେଚନା ନକରି ରହି ହେବ ନାହିଁ ଯେ ସମ୍ଭବତଃ ଅନ୍ୟ ଜଣେ କେହି ଚଣ୍ଡୀ ଦାସ ଥିଲେ ଓ ସେ ପରବର୍ତ୍ତୀ କାଳର କବି ଭାବରେ ନିତାନ୍ତ ନିଃସ୍ପୃହ ଚିତ୍ତରେ କେତେକ କୀର୍ତ୍ତନ ଓ ସହଜିୟା ସଙ୍ଗୀତ ଲେଖିଥିଲେ ।

ଚଣ୍ଡୀ ଦାସ ସମସ୍ୟାଟି ଅର୍ଥାତ୍ ତାଙ୍କର ବହୁବିଧ ସତ୍ତା ସମ୍ପର୍କୀୟ ଦ୍ୱନ୍ଦ୍ୱଟି ହଠାତ୍ ୧୯୧୬ ମସିହାରେ ତୀବ୍ର ହୋଇଉଠିଲା, ଯେତେବେଳେ ବଙ୍ଗୀୟ ସାହିତ୍ୟ ପରିଷଦର ଜନୈକ ପ୍ରବୀଣ ପାଣ୍ଡୁଲିପି ସଂଗ୍ରାହକ ବସନ୍ତ ରଞ୍ଜନ ରାୟଙ୍କ ଦ୍ୱାରା ନଅବର୍ଷତଳୁ ବିଷ୍ଣୁପୁର (ବାଙ୍କୁରା)ରୁ ସଂଗୃହୀତ ଏକମାତ୍ର ପାଣ୍ଡୁଲିପିରୁ ରାଧା ଓ କୃଷ୍ଣଙ୍କର ପ୍ରେମସମ୍ବଳିତ ଗୀତମାଳା ପ୍ରକାଶ ପାଇବାକୁ ଲାଗିଲା । ଏହି ପାଣ୍ଡୁଲିପିଟିର ସର୍ବପ୍ରଥମ ପୃଷ୍ଠା ଓ ତା'ର ଅଧା ଓ ଶେଷ ପୃଷ୍ଠା ସେଥିରେ ନଥିଲା; ଅଧିକନ୍ତୁ ଅନ୍ୟ

ଯେଉଁ ପୃଷ୍ଠାଗୁଡ଼ିକ ଥିଲା ସେଥିରେ କୌଣସି ସ୍ଥଳରେ ପୁସ୍ତକର ନାମ ଉଲ୍ଲେଖିତ ନଥିଲା । (୨-୨୨୬, ଏପଟ ସେପଟରୁ ହଜିଯାଇଥିବା ପୃଷ୍ଠା ସମେତ ମୋଟ ୨୨ ପୃଷ୍ଠା ଅଧେ) । ଏହି ପାଣ୍ଡୁଲିପିର ଆବିଷ୍କର୍ତ୍ତା ଶ୍ରୀ ରାୟ ଏହାକୁ 'ଶ୍ରୀକୃଷ୍ଣ କୀର୍ତ୍ତନ' ନାମ ଦେଇ ଅତ୍ୟନ୍ତ ସାବଧାନତା ଓ ଦକ୍ଷତାର ସହିତ ସଂପାଦନା କରି ପରିଷଦର କେତେକ ଗଣ୍ୟମାନ୍ୟ ବିଦ୍ୱାନ ବ୍ୟକ୍ତିଙ୍କ ଦ୍ୱାରା 'ଗ୍ରନ୍ଥପ୍ରବେଶ' ଲେଖାଇ ସେଥିରେ ସଂଯୋଜନ ପୂର୍ବକ ତାହାକୁ ପ୍ରକାଶ କଲେ । ପ୍ରକାଶିତ ଏହି ଗ୍ରନ୍ଥଟି ଯୋଗୁଁ ପ୍ରାଚୀନ ସାହିତ୍ୟପ୍ରେମୀ ବିଦ୍ୱାନଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖାଦେଲା । ସେସବୁ ଥିଲା ତୀବ୍ର ଓ ବିବିଧତାସମ୍ପନ୍ନ । ଶାସ୍ତ୍ରୀ ପ୍ରତ୍ନତତ୍ତ୍ୱବିତ୍‌ମାନେ ବେଶ୍ ଉତ୍ସାହୀ ହୋଇ ଉଠିଲେ । ଅଗ୍ରଗଣ୍ୟ ଶିଳାଲେଖ ବିଶାରଦ ଆର୍. ଡି. ବାନାର୍ଜୀ ପାଣ୍ଡୁଲିପିଟିର ଅଧ୍ୟୟନରୁ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପାଣ୍ଡୁଲିପିଟିର ନକଲ ଘଟିଥିଲା ଚତୁର୍ଦ୍ଦଶ କିମ୍ବା ପଞ୍ଚଦଶ ଶତାବ୍ଦୀର ଆଦ୍ୟ ଭାଗରେ । ସର୍ବସମ୍ମାନିତ ବଙ୍ଗୀୟ ପ୍ରତ୍ନତତ୍ତ୍ୱବିତ୍ ଏଚ୍. ପି. ଶାସ୍ତ୍ରୀ ସମଧିକ ଉତ୍ସାହ ଓ ସାହସ ସହକାରେ ମନ୍ତବ୍ୟ ଦେଲେ ଯେ ଏହି କବିତା ଜୟଦେବଙ୍କ ପୂର୍ବର ରଚନା । ଏହାର ବିରୋଧୀ ଦଳରେ ସେପରି ଦୃଢ଼ଚିତ୍ତ କେହି ନଥିଲେ ମଧ୍ୟ ଏମାନେ ଥିଲେ ସଂଖ୍ୟାଧିକ ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ଜଣାଶୁଣା ବୈଷ୍ଣବ ଶାସ୍ତ୍ରବିତ୍ ଓ ବୈଷ୍ଣବ କାବ୍ୟ କବିତାପ୍ରେମୀ ସାଧାରଣ ପାଠକବର୍ଗ । ଏହାକୁ ସର୍ବଥା ଏକ ପ୍ରାଚୀନ ତଥା ଚଣ୍ଡୀ ଦାସଙ୍କର ଅସଲ କୃତି ଭାବରେ ଗ୍ରହଣ କରିବା ପ୍ରତିପକ୍ଷରେ ଏମାନଙ୍କର ଯୁକ୍ତି ମୁଖ୍ୟତଃ ଥିଲା ଦ୍ୱିସ୍ତରୀୟ । ପ୍ରଥମତଃ କାବ୍ୟଟିର ଯେଉଁ ମୁଖ୍ୟ ଭାବଧାରା ଆଦ୍ୟନ୍ତ ପ୍ରବାହିତ, ତାହା ସ୍ପଷ୍ଟତଃ ଶୃଙ୍ଗାରାତ୍ମକ; ସେଥିପାଇଁ ଏହାର ସଙ୍ଗୀତମାନ ଯେ ଚୈତନ୍ୟଙ୍କର ସମର୍ଥନ ଲାଭ କରିଥିଲା, ଏଭଳି ବିଶ୍ୱାସ କରିବା ଏକାନ୍ତ କଠିନ । ଦ୍ୱିତୀୟତଃ ଏହାର ଭାଷା ଥିଲା ଅତ୍ୟନ୍ତ ଅପ୍ରଚଳିତ, ଏପରିକି କିମ୍ଭୂତ କିମାକାର; ସେଥିପାଇଁ ଅବସ୍ଥା ଏପରି ଥିଲା ଯେ ଉକ୍ତ 'ଶ୍ରୀକୃଷ୍ଣ କୀର୍ତ୍ତନ' ସନ୍ନିବଦ୍ଧ ସଙ୍ଗୀତଗୁଡ଼ିକର ଛନ୍ଦସଜ୍ଜା ସହିତ ଚଣ୍ଡୀ ଦାସଙ୍କର ଜଣାଶୁଣା ସଙ୍ଗୀତମାନଙ୍କୁ ଯୋଡ଼ିବାକୁ ଚେଷ୍ଟା କଲେ ବି ଯେ କେହି ହତାଶା ଅନୁଭବ କରିବା ଥିଲା ଏକାନ୍ତ ସ୍ୱାଭାବିକ ।

ସାହିତ୍ୟ ଇତିହାସକାର ଡି. ସି. ସେନ୍ ଶେଷକୁ 'ଶ୍ରୀକୃଷ୍ଣ କୀର୍ତ୍ତନ'କୁ ମାନି ନେଇ ତାଙ୍କର ସାହିତ୍ୟ ଇତିହାସରେ ଉଲ୍ଲେଖ କରିବା ପର୍ଯ୍ୟନ୍ତ ଉଭୟ ଶିବିର ମଧ୍ୟରେ ମତଦ୍ୱୈଧତା ଲାଗି ରହିଥିଲା । ନୂଆ କରି କଲିକତା ବିଶ୍ୱବିଦ୍ୟାଳୟରେ (୧୯୧୯) ବଙ୍ଗ ସାହିତ୍ୟରେ ଯେଉଁ ଏମ୍.ଏ. ପାଠ୍ୟକ୍ରମ ପ୍ରଚଳନ କରାଗଲା, ସେଥିରେ 'ଶ୍ରୀକୃଷ୍ଣ କୀର୍ତ୍ତନ' ପାଠ୍ୟ ବିଷୟ ଭାବରେ ଅନ୍ତର୍ଭୁକ୍ତ ହେଲା । ଏଭଳି ବିଜୟପ୍ରାପ୍ତି-ସତ୍ତ୍ୱେ କେହି କେହି ପ୍ରମୁଖ ନେତୃତ୍ୱ ସମ୍ପନ୍ନ ବ୍ୟକ୍ତି ସହଜ ଭାବରେ ଏହାକୁ ମାନି ନେଲେ ନାହିଁ । 'ଶ୍ରୀକୃଷ୍ଣ କୀର୍ତ୍ତନ'ର ପ୍ରାଚୀନତା ସପକ୍ଷରେ ସେମାନଙ୍କର ଦାବି ଥିଲା

ମୁଖ୍ୟତଃ ଦୁଇଟି ବିଷୟ ଉପରେ ଆଧାରିତ, (୧) ରଚନାଟିର ପ୍ରାଚୀନ ଆକୃତି ଏବଂ (୨) ରଚନାଟିର ଭଷା ଓ ଛନ୍ଦଜନିତ ପ୍ରାଚୀନତା । ସଚରାଚର ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଏହା ଜଣା ଯେ ପାଣ୍ଡୁଲିପିର ଲେଖାରେ ସାମ୍ୟ ନଥାଏ । 'ଶ୍ରୀକୃଷ୍ଣ କୀର୍ତ୍ତନ' ପାଣ୍ଡୁଲିପିରେ ସେହିପରି ଲକ୍ଷ୍ୟ କରଯାଏ ଯେ ଏହାର ଲେଖା ସ୍ୱଷ୍ଟତଃ ପୁରୁଣା ହସ୍ତାକ୍ଷରର; ଅଧିକନ୍ତୁ ସେଥିରେ ଆଉ ଦୁଇଟି ହସ୍ତାକ୍ଷର ମଧ୍ୟ ରହିଛି । ସେଥିରୁ ଗୋଟିଏ ଅନେକ ପରବର୍ତ୍ତୀ ସମୟର ଓ ଅପରଟି ଆହୁରି ପରବର୍ତ୍ତୀ କାଳର । କେତେକ ପୃଷ୍ଠାରେ ପୁରୁଣା ଅକ୍ଷର ସହିତ ଏ ଦୁଇଟିଯାକ ହସ୍ତାକ୍ଷର ଏକତ୍ର ଥିବାର ଦେଖାଯାଏ । ଅତଏବ ସେଥିପାଇଁ ଯେଉଁ ପୃଷ୍ଠାମାନଙ୍କରେ ଏ ଦୁଇଟିଯାକ ହସ୍ତାକ୍ଷର ରହିଛି, ସେସବୁ ଯେ ପରବର୍ତ୍ତୀ ସଂଯୋଜନ ବା ପରିବର୍ତ୍ତନ ଏହା କୁହାଯାଇପାରିବ ନାହିଁ । କିନ୍ତୁ ଏପରି ସଂଶୟକୁ ଆଦୌ ପ୍ରଶ୍ରୟ ନଦେବା କ୍ଷେତ୍ରରେ ସେମାନଙ୍କର ଉତ୍ସାହ ଥିଲା ବଳବତୀ । ଅନ୍ୟ ବିଷୟକ ଯୁକ୍ତିରେ ମଧ୍ୟ ଗଣ୍ଡିସବୁ ଥିଲା 'ଶ୍ରୀକୃଷ୍ଣ କୀର୍ତ୍ତନ'ର ବ୍ୟାକରଣଗତ ପରିପାଟୀ ନିଶ୍ଚିତ ପ୍ରାଚୀନ ଯୁଗର ; କିନ୍ତୁ ସେଥି ସହିତ ଦେଖାଯାଏ ଯେ ଏପରିକି ସପ୍ତଦଶ ଶତାବ୍ଦୀର ଆଦ୍ୟ ଭଗରେ ପ୍ରଚଳିତ ରଚନା-ଧାରାର ସାମାନ୍ୟତମ ପରିଚୟ ଇତସ୍ତତଃ କୁତ୍ରାପି ଏଥିରେ ପରିଲକ୍ଷିତ ହୁଏ ନାହିଁ । ତେଣୁ ଭଷାତାତ୍ତ୍ୱିକ ପ୍ରତିବାଦ ସହ ପ୍ରତ୍ନତାତ୍ତ୍ୱିକ ସଂଶୟ ସମାନ୍ତରାଳ ହୋଇ ଉଠେ । ମାତ୍ର ଏଥିରେ ଭଷାତାତ୍ତ୍ୱିକ ଅମେଳକୁ ଲକ୍ଷ୍ୟ କଲାଭଳି ବିଦ୍ୱାନ ପ୍ରାୟ କେହି ନଥିଲେ । ତେଣୁ ଶୀଘ୍ର ସବୁ ଥଣ୍ଡା ପଡ଼ିଗଲା । ଏହା ସତ୍ତ୍ୱେ ସମସ୍ୟା କିନ୍ତୁ ରହିଲା ଅସମାହିତ । ସେ ବିଷୟ ପରେ ଆଲେଚିତ ହେବ ।

'ଶ୍ରୀକୃଷ୍ଣ କୀର୍ତ୍ତନ' ପ୍ରକାଶ ପାଇବା ପରଠାରୁ ଚଣ୍ଡୀ ଦାସଙ୍କର ବହୁସଂଖ୍ୟକ ସଙ୍ଗୀତର ଯେଉଁ ପୁଥିମାନ ଆବିଷ୍କୃତ ହେବାରେ ଲାଗିଛି, ସେସବୁ ଅନେକ ପରବର୍ତ୍ତୀ କାଳର ପାଣ୍ଡୁଲିପିରେ ହିଁ ସ୍ଥାନ ପାଇଛି । ସେଗୁଡ଼ିକ ଏଠାରେ ଆମର ବିଚାର-ଆଲୋଚନା ପରିସରକୁ ଆସନ୍ତି ନାହିଁ ।

□

ଚଣ୍ଡୀ ଦାସଙ୍କର କେତେକ ଗୀତ ଚୈତନ୍ୟଙ୍କୁ ଜଣାଥିବାରୁ ସେ ଯେ ଷୋଡ଼ଶ ଶତାବ୍ଦୀର ପ୍ରଥମ ତିନି ଦଶନ୍ଧି ପରବର୍ତ୍ତୀ ସମୟର ହୋଇ ନ ପାରନ୍ତି, ଏହା ଗ୍ରହଣ କରାଯାଇପାରେ । ଅଧୋବର୍ତ୍ତୀ ସୀମା ସମ୍ଭବତଃ ୧୫୨୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ଅନୁମାନ ରାୟ ରମାନନ୍ଦଙ୍କୁ ନେଇ କରାଯାଇଛି, ଯେ ଥିଲେ ତାଙ୍କ ଭଳି ଜଣେ କବି । ଚୈତନ୍ୟଙ୍କୁ ରମାନନ୍ଦଙ୍କର ସଙ୍ଗୀତ ଆମୋଦିତ କରିଥିଲା ଓ ସେ ଥିଲେ ଚୈତନ୍ୟଙ୍କର ସାମସମୟିକ । ଊର୍ଦ୍ଧ୍ୱବର୍ତ୍ତୀ ସୀମା, ଯାହା ଏବେ ସାଧାରଣରେ ବିଶ୍ୱାସ କରାଯାଏ, ତାହା ହେଉଛି ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ । 'ଶ୍ରୀକୃଷ୍ଣ କୀର୍ତ୍ତନ'ର 'ପୁରାତନତ୍ୱ'କୁ ଏବେ ଏହା ସପକ୍ଷରେ ଉପସ୍ଥାପନ କରାଯାଇଥାଏ । କିନ୍ତୁ ପୂର୍ବରୁ ଯାହା କୁହାଯାଇଛି, କୃତିଟିର ପ୍ରାଚୀନତ୍ୱ ଆନୁମାନିକ ଏବଂ ଏହା ପ୍ରମାଣିତ ହେବାକୁ ତଥାପି ବାକି ରହିଛି । ଏକଦା ଯାହାକୁ ନିର୍ଦ୍ଦିଷ୍ଟ ପ୍ରମାଣ ବୋଲି ମନେ କରାଯାଇଥିଲା ତାହାକୁ ଉପସ୍ଥାପନ କରାଯାଉଛି । ଏଇଟି ହେଉଛି ଗାଣିତିକ ଆର୍ଯ୍ୟାଛନ୍ଦରେ ଲିଖିତ ଏକ ଚତୁଷ୍ପାଦୀ । ପ୍ରକାଶ ଲାଭ କରିଥିଲା ଅବଲୁପ୍ତ ଏକ ପତ୍ରିକାରେ । ତେବେ ଏହାର ଉତ୍ସ ସମ୍ପର୍କରେ କୌଣସି ଆଭାସ ପର୍ଯ୍ୟନ୍ତ ନଥିଲା :

ବିଧୁର ନିକଟେ ବସି ନେତ୍ର ପଞ୍ଚ-ବାଣ,
ନବ-ହୁ ନବ-ହୁ ରସ ଗୀତି ପରିମାଣ ।
ପରିଚୟ ସଙ୍କେତେ ଅଙ୍କେ ନିଜ୍ଞା,
ଚଣ୍ଡୀଦାସ ରସ-କୌତୁକ କିଜ୍ଞା ।
(ଆଦି ବିଧେୟ ରସ ଚଣ୍ଡୀଦାସ କିଜ୍ଞା ।)

ନିମ୍ନୋକ୍ତ ଆକ୍ଷରିକ ଅଥଚ ନିରର୍ଥକ ଅନୁବାଦରେ ସଂଖ୍ୟାବାଚକ ରୀତିରେ ପ୍ରତ୍ୟେକ ଉପଯୋଗୀ ଶବ୍ଦର ପରିଚୟ ବନ୍ଧନୀ ମଧ୍ୟରେ ଦିଆଯାଉଛି—

ଚନ୍ଦ୍ର ନିକଟରେ (୧) ଚକ୍ଷୁମାନେ ବସିଛନ୍ତି (୩) ପାଞ୍ଚଗୋଟି ବାଣ (୫) ନବଠାରୁ (୯) ନବକୁ (୯) ରସ ସଙ୍ଗୀତ ପରିମାପ (ହୋଇଛି) । ଅଙ୍କବାଚକତା

ମାଧ୍ୟମରେ ପ୍ରତୀକାତ୍ମକ ଭାବଟିକୁ ଏହାର ବିଶଦାର୍ଥ ରୂପେ ଗ୍ରହଣ କରାଯିବ । ଚଣ୍ଡୀ ଦାସ ଏହି କୌତୁକପ୍ରଦ ଧାନ୍ଦା ସୃଷ୍ଟି କରନ୍ତି (ବୋଧାନ୍ତରେ—ଚଣ୍ଡୀ ଦାସ ଏହି ଆଦି ଓ ସଙ୍ଗତ ରସର ଉଲ୍ଲେଖ କରନ୍ତି) ।

ଉକ୍ତ ଧାଡ଼ିମାନଙ୍କରୁ ଏଥିରେ ସନ୍ନିବଦ୍ଧ ତଥ୍ୟାନୁଯାୟୀ ରଚନାଟିର ପୂର୍ଣ୍ଣାଙ୍ଗତା ୧୩୫୫ ଶକ (=୧୪୩୩-୩୪ ଖ୍ରୀ:) ରେ ସମ୍ପାଦିତ ହେବାର ଧରି ନିଆଗଲା । କିନ୍ତୁ ଏହି ସିଦ୍ଧାନ୍ତ ସମ୍ପର୍କରେ ମୁଖ୍ୟ ଅଭିଯୋଗ ହେଉଛି ଯେ ଏଥିରେ ସଂଖ୍ୟାଧିକ ଆନୁମାନିକତା ବିଦ୍ୟମାନ, ଯଥା—(୧) ଚତୁଷ୍ପାଦୀଟି ଅସଲ, (୨) ଏହା ଅବଧି ହଜିଯାଇଥିବା କୌଣସି ସଙ୍ଗୀତ-ସଂଗ୍ରହରୁ ଉଦ୍ଧାର କରାଯାଇଛି, (୩) ପ୍ରଥମ ପଦଟି ଏକ ଗାଣିତିକ ସୂତ୍ର, (୪) ନବହୁ, ନବହୁ ସେହି ସୂତ୍ରର ଅଂଶବିଶେଷ, (୫) ଏହା ଏକ କୃତିର ପୂର୍ଣ୍ଣାଙ୍ଗପ୍ରାପ୍ତିର ସମୟ ସୂଚିତ କରେ ଯାହାର ପାଣ୍ଡୁଲିପିଟି ସେତେବେଳେ ଜଣାଶୁଣା ଥିଲା । ଏହାର ଅସଲତ୍ୱ ସମ୍ପର୍କରେ ଏକ ଗୌଣ ଅଥଚ ଅକାଟ୍ୟ ଯୁକ୍ତି ରହୁଛି : ପ୍ରଥମ ପଦଟିର ଅର୍ଥ ପୂରାପୂରି ଅସ୍ପଷ୍ଟ ।

ଚଣ୍ଡୀ ଦାସଙ୍କର ସମୟକୁ ଉପରକୁ ଉଠାଇ ନେବା କ୍ଷେତ୍ରରେ ପରିସ୍ଥିତିଗତ ପ୍ରମାଣ ବିଶେଷ କିଛି ସାହାଯ୍ୟ କରେ ନାହିଁ । ଷଷ୍ଠଦଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ବିଦ୍ୟାପତି ବଙ୍ଗଦେଶରେ ଥିଲେ ଅପେକ୍ଷାକୃତ ବେଶ୍ ଜଣାଶୁଣା କବି । ବସ୍ତୁତଃ ଦେଖିବାକୁ ଗଲେ ଚୈତନ୍ୟଙ୍କର ଗାର୍ହସ୍ଥ୍ୟ ଜୀବନରୁ ସନ୍ନ୍ୟାସ ନେବାର ପରବର୍ତ୍ତୀ କୌଣସି ସମୟରେ ହିଁ ଚଣ୍ଡୀ ଦାସଙ୍କର ନାମ ଶୁଣାଯାଇଛି । ଚୈତନ୍ୟଙ୍କର ପିତୃକଳ୍ପ କେବଳ ନୁହନ୍ତି, ତାଙ୍କର ଅନୁଗାମୀମାନଙ୍କ ମଧ୍ୟରେ ଜଣେ ବିଶିଷ୍ଟ ଭକ୍ତ ଅଦ୍ୱୈତ ଆଚାର୍ଯ୍ୟ ଥିଲେ ବିଦ୍ୟାପତିଙ୍କ ସଙ୍ଗୀତର ଏକାନ୍ତ ଅନୁରାଗୀ । ସନ୍ନ୍ୟାସ ଗ୍ରହଣ ପରେ ଥରେ ଚୈତନ୍ୟ ଅନାହୂତ ଭାବରେ ତାଙ୍କ ପାଖକୁ ଆସିଥିଲାବେଳେ ସେ ତାଙ୍କ ଆଗରେ ବିଦ୍ୟାପତି ରଚିତ ସଙ୍ଗୀତ ଗାନକରିଥିଲେ । ବଙ୍ଗଳାରେ ଲେଖିଥିବା ଚୈତନ୍ୟଙ୍କର ଆଦ୍ୟତମ ଜୀବନୀକାର ବୃନ୍ଦାବନ ଦାସ ସେକାଳର ସୁବିଦିତ କବି ଭାବରେ ବିଦ୍ୟାପତି, ଜୟଦେବ ଓ କାଳିଦାସଙ୍କର ନାମ ଉଲ୍ଲେଖ କରିଛନ୍ତି । ଯେବେ କେବଳ ଖ୍ୟାତି ପରିମାପକ ହୁଏ, ତେବେ ବିଦ୍ୟାପତି ଚଣ୍ଡୀ ଦାସଙ୍କଠାରୁ ବୟୋଜ୍ୟେଷ୍ଠ ଓ ଉନ୍ନତତର ଥିଲେ । ଆମେ ନିଶ୍ଚିତ ଭାବରେ ଜାଣୁ ଯେ ମିଥିଳାର ବିଦ୍ୟାପତି ୧୪୬୦ ଖ୍ରୀ: ଯାଏ ଜୀବିତ ଥିଲେ ।

ଚଣ୍ଡୀ ଦାସ-ଧାରଣାଟି ଷଷ୍ଠଦଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍ତରରାଢ଼ ଓ ସମାନ୍ତଃପାତୀ ଗଙ୍ଗାର ଅପରପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୀମାବଦ୍ଧ ଥିବା ଅନୁମିତ ହୁଏ । ବଙ୍ଗ ସୁଲତାନମାନଙ୍କର ନଗର-ରାଜଧାନୀ ଗୌଡ଼ର ଉପାନ୍ତବର୍ତ୍ତୀ ରାମକେଳି ନିକଟରେ ଥିଲା ଏକ ଗାଆଁ । ସେ ଗାଆଁଟି ସଙ୍ଗୀତ-ଅନୁଷ୍ଠାନ, ପୁତ୍ତଳିକା ନୃତ୍ୟ ବା

ସେକାଳକୁ ଗ୍ରହିଁ କୃଷ୍ଣଲୀଳାର ନାନାପ୍ରକାର କଳାତ୍ମକ ଅଭିବ୍ୟକ୍ତି ଲାଗି ପ୍ରସିଦ୍ଧି ଅର୍ଜନ କରିଥିଲା । ଯଥାର୍ଥରେ ଗାଆଁଟିର ନାମ କର୍ମାନୁସାରୀ ଥିଲା 'କାନାଇଁର ନାଟଶାଲ' (କହ୍ନେଇର ନାଟଶାଳା) । ପ୍ରଥମ ଥର ପାଇଁ ଚୈତନ୍ୟ ମଥୁରା ଓ ବୃନ୍ଦାବନ ଦର୍ଶନ କରିବାକୁ ଯାଇ ଫେରିବା ବାଟରେ ରାମକେଳି ପର୍ଯ୍ୟନ୍ତ ଆସି ଯାଇଥିଲେ । ସେତେବେଳେ ସେ କାନାଇଁର ନାଟଶାଳା ପାଖ ଦେଇ ଯାତ୍ରା କରୁଥିଲାବେଳେ କୃଷ୍ଣଲୀଳାତ୍ମକ ପୁତ୍ତଳିକାନୃତ୍ୟ ହେଉ କିମ୍ବା ସେହି ଢାଞ୍ଚାରେ ପ୍ରସ୍ତୁତ କୃଷ୍ଣବିଷୟକ ସଙ୍ଗୀତାନୁଷ୍ଠାନ ପ୍ରତ୍ୟକ୍ଷ କରିଥିଲେ । ତେଣୁ ଏହିଠାରେ ପ୍ରଥମକରି ଶ୍ରୀମଦ୍‌ସ୍ୱାମୀ ଯେ ଚଣ୍ଡୀ ଦାସଙ୍କର ଗୀତ କିମ୍ବା ଗୀତାଶ୍ରୟୀ ଅଭିନୟ ମାଧ୍ୟମରେ ଆମୋଦ ଲାଭ କରିଥିଲେ, ଏଭଳି ଅନୁମାନ ପୋଷଣ କରିବା ଲାଗି ଯେ କେହି ପ୍ରଣୋଦିତ ହୋଇଥାଏ । ଏ ସଂକ୍ରାନ୍ତରେ ଚଣ୍ଡୀ ଦାସ-ବିଷୟକ ଅନ୍ୟ ଏକ ତଥ୍ୟ ମୁଁ ଉପସ୍ଥାପନ କରିପାରେ । ସନାତନ ଗୋସ୍ୱାମୀ ଓ ତାଙ୍କ ପୁତୁରା ଜୀବ ଗୋସ୍ୱାମୀ ଯୁଗ୍ମଭାବରେ ଭାଗବତ ପୁରାଣର ବୈଷ୍ଣବ ତୋଷଣୀ ଟୀକାରେ ଚଣ୍ଡୀ ଦାସଙ୍କ ନାମ ସଙ୍ଗେ ସଙ୍ଗେ 'ଶ୍ରୀକୃଷ୍ଣକୀର୍ତ୍ତନ'ର ଦୁଇଟି ବିଲକ୍ଷଣ ପ୍ରସଙ୍ଗର ଅବତାରଣା କରନ୍ତି । ଭାଗବତରେ ଉଲ୍ଲେଖ ନଥିବା ଶ୍ରୀକୃଷ୍ଣଙ୍କର ଅନ୍ୟାନ୍ୟ କାମକେଳି ସମ୍ପର୍କରେ ସେମାନଙ୍କର ଟୀକାରେ ମନ୍ତବ୍ୟ ଦେବାକୁ ଯାଇ ଗୋସ୍ୱାମୀ ଯୁଗଳ କହନ୍ତି, "ଶ୍ରୀ ଜୟଦେବ-ଚଣ୍ଡୀ ଦାସାଦି ଦର୍ଶିତ ଦାନଖଣ୍ଡ-ନୌକାଖଣ୍ଡାଦି ଲୀଳାପ୍ରକାରଶ୍ଚ ଜ୍ଞେୟାଃ ।" (ଜୟଦେବ, ଚଣ୍ଡୀ ଦାସ ଓ ଅନ୍ୟମାନଙ୍କଦ୍ୱାରା ଦାନଖଣ୍ଡ ଓ ନୌକାଖଣ୍ଡ ଆଦିରେ ପ୍ରଦର୍ଶିତ କୃଷ୍ଣଲୀଳାମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବୁଝିବାକୁ ହେବ ।) ଏହା ଉଲ୍ଲେଖନୀୟ ଯେ ଗୋସ୍ୱାମୀଦ୍ୱୟ 'ଦର୍ଶିତ' ଶବ୍ଦ (ଅତୀତ କାଳଜ୍ଞାପକ 'ଦୃଶ୍' ଧାତୁ ନିଷ୍ପନ୍ନ ଅର୍ଥ 'ଦେଖିବା') 'ବର୍ଣ୍ଣିତ' (କୁହାଯାଇଛି, ବିବୃତ ହୋଇଅଛି) ପରିବର୍ତ୍ତେ ବ୍ୟବହାର କରିଛନ୍ତି । ଆମକୁ ଏହା ମନେ ରଖିବାକୁ ହେବ ଯେ ଯଥାର୍ଥ ବିଗ୍ରର ଦୃଷ୍ଟିରୁ ଜୟଦେବଙ୍କ କାବ୍ୟଟି ଯେପରି ଏକପ୍ରକାର ଗୀତି-ନାଟକ, ଚଣ୍ଡୀଦାସଙ୍କ 'ଶ୍ରୀକୃଷ୍ଣକୀର୍ତ୍ତନ' ମଧ୍ୟ ତଦନୁରୂପ । ସନାତନ ହୁସେନ୍ ଶାହଙ୍କ ମନ୍ତ୍ରୀ ଥିଲେ ଓ ରାମକେଳିରେ ଅବସ୍ଥାନ କରୁଥିଲେ, ତେଣୁ ଚଣ୍ଡୀ ଦାସଙ୍କ କୃତି ତାଙ୍କୁ ଉତ୍ତମରୂପେ ଜ୍ଞାତ ଥିବ । ସୁଲତାନଙ୍କ ଦରବାର ସହ ଚଣ୍ଡୀ ଦାସଙ୍କର କିଛି ସଂଯୋଗ ଥିବାରୁ ହିନ୍ଦୁ, ମୁସଲମାନ ନିର୍ବିଶେଷରେ କିଛି ଅମଲାଙ୍କ ସହ ଯୋଗାଯୋଗ ଥାଇପାରେ । ଚଣ୍ଡୀ ଦାସଙ୍କ ମୃତ୍ୟୁ ସମ୍ପର୍କିତ ଏକ କାହାଣୀରେ ଉଲ୍ଲେଖ ଅଛି ଯେ ତାଙ୍କୁ ଦରବାର ତଥା ଅନ୍ତଃପୁର ସମକ୍ଷରେ ଲୀଳା ପ୍ରଦର୍ଶନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । 'ଶ୍ରୀକୃଷ୍ଣ କୀର୍ତ୍ତନ' ପାଣ୍ଡୁଲିପିର ଅନେକ ସ୍ଥଳରେ ମୁସଲମାନ ଲୋକଙ୍କର କିଛି କିଛି ସ୍ୱାକ୍ଷର ରହିଥିବାରୁ ଓ ସେଥିରେ ଠାଏଁ ଠାଏଁ ପାର୍ସୀ ଅକ୍ଷର (ଅବଧି ପାଠୋଦ୍ଧାର ଘଟି ନଥିବା) ଲେଖା ଥିବାରୁ ପାଣ୍ଡୁଲିପିଟି ଯେ ଏକଦା କେହି କେହି ବଙ୍ଗ ସାହିତ୍ୟପ୍ରେମୀ ମୁସଲମାନଙ୍କର କରଗତ ଥିଲା ଏହା ସ୍ପଷ୍ଟତଃ ସୂଚିତ ହୋଇଥାଏ ।

ଚଣ୍ଡୀ ଦାସଙ୍କ ନାମକୁ କେନ୍ଦ୍ରକରି ପରବର୍ତ୍ତୀ ଶତକମାନଙ୍କରେ ଅନେକାନେକ କାହାଣୀ ଓ ଉପାଖ୍ୟାନମାନ ଗଢ଼ାଯାଇ ଆସିଅଛି । ଏହି କାହାଣୀଗୁଡ଼ିକ ମୁଖ୍ୟତଃ ଦୁଇଟି ବର୍ଗର : (୧) ତାଙ୍କର ଅଣରକ୍ଷଣଶୀଳ ବିଶ୍ୱାସବାଦ ଏବଂ ଜନୈକା ନୀଚ ଜାତୀୟା ରମଣୀସହ ନିତ୍ୟବାସ, (୨) ତାଙ୍କର ସାଧାରଣ ଜୀବନଚର୍ଯ୍ୟା ଓ କାର୍ଯ୍ୟକଳାପର ପୁଙ୍ଖାନୁପୁଙ୍ଖ ବିବରଣୀ । ପ୍ରଥମବର୍ଗର ଉପାଖ୍ୟାନମାନଙ୍କ ମଧ୍ଯରୁ କୌଣସିଟି ସପ୍ତଦଶ ଶତାବ୍ଦୀର ଅନ୍ତଃକାଳ ପର୍ଯ୍ୟନ୍ତ ବ୍ୟବହୃତ ହୋଇ ନଥିବାର ଜଣାଯାଏ । ଦ୍ୱିତୀୟବର୍ଗର କାହାଣୀସବୁ ଅଷ୍ଟାଦଶ ଶତାବ୍ଦୀର ଶେଷଆଡ଼କୁ ଦୃଷ୍ଟିଗୋଚର ହୁଅନ୍ତି ।

ରହସ୍ୟଧର୍ମୀ ବୈଷ୍ଣବମତର ଅନୁଗାମୀମାନେ ବିଶ୍ୱାସ କଲେ ଯେ ଚଣ୍ଡୀ ଦାସ ଥିଲେ ଅନ୍ୟତମ ରହସ୍ୟବାଦୀ ବୈଷ୍ଣବ ଏବଂ ନିଜ ସ୍ତ୍ରୀ ହୋଇ ନଥିବା କିମ୍ବା ଆପଣା ଜାତିର ନଥିବା ଜନୈକା ରମଣୀଙ୍କୁ ସଙ୍ଗିନୀ ଭବରେ ଗ୍ରହଣ କରି ସେ ଯୋଗ ସାଧନା କରିଥିଲେ । ଏଥିରେ କିଛି ସତ୍ୟତା ଥାଇପାରେ ବା ଆଦୌ କୌଣସି ସତ୍ୟତା ନଥାଇପାରେ; ମାତ୍ର ଏହା ଜାଣିବାର କିଛି ବାଟ ନାହିଁ । ତାଙ୍କ ନାମଟି ଯଦି ଲେଖକୀୟ ନହୋଇ ବ୍ୟକ୍ତିଗତ ହୋଇଥାଏ, ତେବେ ତାହା ଜଣାଇ-ଦିଏ ଯେ ସେ ଥିଲେ ଶକ୍ତି ଉପାସକ ପରିବାରର । ଯେବେ ଏହି ନାମଟିକୁ କବି ନିଜ ପାଇଁ ଗ୍ରହଣ କରିଥାନ୍ତି (ଯେପରି ଓଡ଼ିଶାର ସାରଳା ଦାସ) ତେବେ ଏହା ତାଙ୍କର ତନ୍ତ୍ର ଉପାସନା ସହ ସମ୍ଭାବ୍ୟ ସଂପର୍କକୁ ଯାଥାର୍ଥ୍ୟ ପ୍ରଦାନ କରିବ । ତାଙ୍କର 'ଶ୍ରୀକୃଷ୍ଣ କୀର୍ତ୍ତନ'ର ସଙ୍ଗୀତମାନଙ୍କର ପୁଷ୍ପିକା (ଭଣିତା)ରେ ସେ ବରବର ଯେଉଁ ମୂର୍ତ୍ତିଙ୍କର ସେବାରେ ନିରତ ଥିଲେ, ସେହି ବାସଲୀ (ବାସୋଳୀ) ଦେବୀଙ୍କର ନାମ ଉଚ୍ଚାରଣ କରନ୍ତି । ତାଙ୍କର ଅଳ୍ପ କେତେକ ସାଧାରଣ ସଙ୍ଗୀତରେ 'ବାସୁଲୀ' ନାମୋଲ୍ଲେଖ ଦେଖାଯାଏ । ବୃନ୍ଦାବନ ଦାସଙ୍କର 'ଚୈତନ୍ୟ ଭଗବତ'ଠାରୁ ଆରମ୍ଭ କରି ଷୋଡ଼ଶ ଶତାବ୍ଦୀର ଅନ୍ୟାନ୍ୟ ଗ୍ରନ୍ଥ-କୃତିରେ ପ୍ରାୟ ବରବର ଭୟଙ୍କରୀ ଦେବୀ ଚାମୁଣ୍ଡା ବାସୁଲୀ ବା ବାସଲୀ ନାମରେ ଅଭିବ୍ୟକ୍ତା ହୋଇଛନ୍ତି । ଚଣ୍ଡୀ ଦାସଙ୍କ ସମ୍ବନ୍ଧୀୟ କେତେକ ଉପାଖ୍ୟାନରୁ ଯାହା ଜଣାଯାଏ, ବାସୁଲୀ ଦେବୀ କବିଙ୍କ ସହ ମାନୁଷୀ ବ୍ୟବହାର କରନ୍ତି ଓ ଦେବୀ 'ନିତ୍ୟା'ଙ୍କର ଦୂତିକା ଭବରେ ତାଙ୍କ ନିକଟକୁ ଯା-ଆସ କରନ୍ତି । [ଏ ବାବଦରେ ମୁଁ ଏଠାରେ ସୂଚାଇ ଦେବାକୁ ଚାହେ ଯେ, କବିଙ୍କର ସାଧନ-ସଙ୍ଗିନୀର ନୀଚ ଜାତି ସମ୍ବନ୍ଧରେ 'ନିତ୍ୟା' ଏକ ସୂତ୍ର ଧରାଇଦିଅନ୍ତି । 'ନିତ୍ୟା' ଶବ୍ଦଟିର ପ୍ରତିଧ୍ୱନି ଆମେ ପ୍ରାଚୀନ ବଙ୍ଗଳା ଶବ୍ଦ 'ନେତା' (ସୂକ୍ଷ୍ମ ଲୁଗା) ରେ ଏବଂ ଆଧୁନିକ ବଙ୍ଗଳାରେ 'ନେତା' (ମଇଳା ଲୁଗା, ଲୁଗା ସଫା କରିବା) ରେ ପାଇଥାଉଁ । ତେଣୁ ଦେବାଦେବୀ-ଲୁଗାକାଚ୍ର ଦାୟିତ୍ୱ 'ନିତ୍ୟା' ଦେବୀଙ୍କୁ ସହଜରେ ଅର୍ପିତ ହେଲା । ସେହି ଭବରେ ଚଣ୍ଡୀ ଦାସଙ୍କର ସଙ୍ଗିନୀ ହେଲେ ଜନୈକା ରଜକ-ରମଣୀ ।]

'ଶ୍ରୀକୃଷ୍ଣ କୀର୍ତ୍ତନ'ରେ କବି ବରାବର ନିଜକୁ 'ବଡ଼ୁ ଚଣ୍ଡୀ ଦାସ' ବୋଲି କହିଛନ୍ତି । ବଙ୍ଗଳାରେ ସାଧାରଣ ତଥା ସ୍ୱାଭାବିକ ଅର୍ଥରେ 'ବଡ଼ୁ' କହିଲେ ଦେଉଳର ଅବ୍ରାହ୍ମଣ ସେବକଙ୍କୁ ବୁଝାଇଥାଏ । 'ଶ୍ରୀକୃଷ୍ଣ କୀର୍ତ୍ତନ' ଆବିଷ୍କାର ପୂର୍ବରୁ ଓ ପରେ ଜଣାଥିବା ଅନେକ ଗୀତରେ କବି ଆପଣାକୁ 'ଦ୍ୱିଜ' ଅର୍ଥାତ୍ ବ୍ରାହ୍ମଣ ବୋଲି ନିମ୍ନରେ ସ୍ୱାକ୍ଷର ଦେଇଥିବାର ଜଣାଯାଏ । ଅନ୍ୟ କେତେକ ଗୀତରେ କବି ନିଜକୁ 'ବଟୁ' ବୋଲି କହିଛନ୍ତି । 'ବଡ଼ୁ'ଠାରୁ ଦ୍ୱିଜ ସ୍ପଷ୍ଟତଃ ଭିନ୍ନ; କିନ୍ତୁ 'ବଡ଼ୁ' ସଂସ୍କୃତ 'ବଟୁ'ର ତଦ୍‌ଭବ ରୂପ କି ନୁହେଁ ନିଶ୍ଚିତ ଭାବରେ କହି ହେବ ନାହିଁ । ଯାହାହେଉ ନା କାହିଁକି କେତେକ ପଣ୍ଡିତଙ୍କ ମତରେ 'ଦ୍ୱିଜ' ଚଣ୍ଡୀ ଦାସ ଓ 'ବଡ଼ୁ' ଚଣ୍ଡୀ ଦାସ ଅଭିନ୍ନ ବୋଲି କହିବା କଷ୍ଟକର । ତେବେ ଷୋଡ଼ଶ ଶତାବ୍ଦୀର ଶେଷ ଚତୁର୍ଥାଂଶରେ ଦ୍ୱିଜ ଚଣ୍ଡୀ ଦାସ ସ୍ୱତନ୍ତ୍ର ବ୍ୟକ୍ତି ଭାବରେ ନିର୍ଦ୍ଦିଷ୍ଟ ଭାବରେ ଜଣାଶୁଣା ଥିଲେ । ସେ ଥିଲେ ନରୋତ୍ତମ ଦାସଙ୍କର ଶିଷ୍ୟ ।

ଚଣ୍ଡୀ ଦାସଙ୍କର ଗାର୍ହସ୍ଥ୍ୟ ଜୀବନ ସଂକ୍ରାନ୍ତ ଅପେକ୍ଷାକୃତ ପୁରାତନ କାହାଣୀ ମାନଙ୍କରେ ତାଙ୍କର ସଙ୍ଗିନୀ ରଜକ ସଂପ୍ରଦାୟର ଥିବା ଓ ତାଙ୍କ ନାମ ତାରା (ବାସୁଲୀଙ୍କର ଅନ୍ୟ ଏକ ନାମ, କିନ୍ତୁ ଚାମୁଣ୍ଡାଙ୍କର କମନୀୟ କାନ୍ତିରୂପା) ଥିବା ବିଷୟ ରହିଛି । ପରବର୍ତ୍ତୀ କେତେକ ବିବରଣ ଏହି ନାମକୁ ରାମା କିମ୍ବା ରାମୀ ବୋଲି ଦର୍ଶାଇଥାଆନ୍ତି । ଯାହାହେଉ, ସର୍ବଶେଷ ସାମ୍ପ୍ରତିକ ବିବରଣମାନଙ୍କରେ ପୂର୍ବବର୍ତ୍ତୀ ଦୁଇ ପ୍ରକାର ବିବୃତି ମଧ୍ୟରେ ଏକ ମୀମାଂସା ଅଣାଯାଇ ଚୂଡ଼ାନ୍ତ ଭାବେ 'ରାମତାରା' ନାମଟିକୁ ଗ୍ରହଣ କରାଯାଇଛି । କିନ୍ତୁ ଅଷ୍ଟାଦଶ ପୂର୍ବ ଶତାବ୍ଦୀମାନଙ୍କରେ ବଙ୍ଗନାରୀଙ୍କର ଏଭଳି ନାମକରଣ ସମ୍ଭବ ନୁହେଁ ।

ଚଳିତ ଶତାବ୍ଦୀର ବିଂଶ ଓ ତ୍ରିଂଶ ଦଶକରେ ଯେତେବେଳେ ଚଣ୍ଡୀ ଦାସ ସମସ୍ୟାଟି ତଥାପି ଅସମାହିତ ଥିଲା, ସେତେବେଳେ କବି କେଉଁ ସ୍ଥାନ ବା ଅଞ୍ଚଳରେ ଥିଲେ, ଏ ବିଷୟରେ ବିଶାରଦମାନଙ୍କ ମଧ୍ୟରେ ମତଭେଦ ଥିଲା । ବୋଲପୁର (ଶାନ୍ତିନିକେତନ) ଠାରୁ ପୂର୍ବ ଦିଗରେ ଅଳ୍ପ କେତେ ମାଇଲ ଦୂରରେ ନାନୁର (ଅଥବା ନାନ୍ନୁର) ନାମରେ ଥିବା ଗ୍ରାମଟିରେ ଚଣ୍ଡୀ ଦାସଙ୍କର ପୈତୃକ ଆବାସ ଥିବା ଗୃହୀତ ହେଲା । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର କୌଣସି ସମୟରେ ଲିଖିତ ଓ ବାଉଲ୍-ସହଜିୟାଙ୍କ ଲାଗି ଅଭିପ୍ରେତ ଏକ ଆପ୍ତଗ୍ରନ୍ଥ 'ବିବର୍ତ୍ତନବିଳାସ'ରେ ପ୍ରଥମେ ଉକ୍ତ ଗ୍ରାମର ନାମ ଉଲ୍ଲିଖିତ ହୋଇଥିବାର ଜଣାଯାଏ । କିନ୍ତୁ ସେଥିରେ ଉକ୍ତ ନାମ ଥରକ ପାଇଁ 'ନାନୁର' ଓ ଅନ୍ୟ ଥରକ ପାଇଁ 'ନାନ୍ଦ' ବୋଲି ଅଭିହିତ ଥିବାରୁ ପ୍ରକୃତ ନାମ 'ନାନ୍ଦୁର' ଥିବାର ସୂଚନା ମିଳେ ।

ବସ୍ତୁତଃ ସ୍ଥାନୀୟ ଲୋକମାନଙ୍କ ନିକଟରେ ଏହି ଗ୍ରାମଟି 'ନାନ୍ଦୁର୍' ବୋଲି ପରିଚିତ ଥିବାରୁ ଆମେ ଯେବେ ଶେଷ ବ୍ୟଞ୍ଜନ ବର୍ଣ୍ଣକୁ ଏଡ଼ାଇଯିବା ତେବେ ଏହାର

ପରବର୍ତ୍ତୀ ନାମକୁ 'ନାହୁର' ବୋଲି ଗ୍ରହଣ କରାଯାଇପାରିବ । କିନ୍ତୁ ଯାହାହେଉ, ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ କେତେକ ନଥିପତ୍ର ଓ ଉତ୍ତର ବଙ୍ଗବାସୀ ଜଗନ୍ନାଥ ଦାସ (ଊନବିଂଶ ଶତାବ୍ଦୀର ଆଦ୍ୟପ୍ରାନ୍ତୀୟ)ଙ୍କର 'ଭକ୍ତ ସରିତାମୃତ'ରେ ଏହି ନାମଟି 'ନାନୋର' ବୋଲି ଅଭିହିତ ଅଛି । ତାଙ୍କ ରଚନାରୁ କିୟଦଂଶ ଉଦ୍ଧାର କରାଯାଇପାରେ ।

"ପୂର୍ବଦେଶେ ଆଚେ ଏକ୍ ନାନୋର ନାମେ ଗ୍ରାମ ।" (ପୂର୍ବ ଦେଶରେ ନାନୋର ନାମରେ ଏକ ଗ୍ରାମ ଅଛି) । ରେନେଲ୍‌ଙ୍କର ବଙ୍ଗ-ମାନଚିତ୍ରରେ (୧୭୭୯) ମଧ୍ୟ ନାନୋର ଦେଖିବାକୁ ମିଳେ ।

ଆଧୁନିକ କାଳରେ ରାମଗତି ନ୍ୟାୟରତ୍ନଙ୍କର ବଙ୍ଗ-ସାହିତ୍ୟ ଇତିହାସ, (ବେଙ୍ଗଲଭାଷା ଓ ସାହିତ୍ୟ ବିଷୟକ ପ୍ରସ୍ତାବ-୧୮୭୩) ପ୍ରଥମ ଭାଗରେ ଚଣ୍ଡୀ ଦାସଙ୍କର ଘରୋଇ ଜୀବନର ଇତିବୃତ୍ତ ପ୍ରଥମେ ଆମକୁ ମିଳିଲା । ସେଥିରେ ଚଣ୍ଡୀ ଦାସ ବ୍ରାହ୍ମଣ ଥିବା ଓ ବୀରଭୂମ ଜିଲ୍ଲାର ପୂର୍ବ ଭାଗବର୍ତ୍ତୀ ସାକୁଲି ଥାନା ଅନ୍ତର୍ଗତ ନନୁର ନାମକ ଗ୍ରାମରେ ବାସ କରୁଥିବା ବିଷୟ ସେ ବିବୃତ କରନ୍ତି ।

ସଂକ୍ଷିପ୍ତ ହେଉ ନ ହେଉ, ପ୍ରାୟ ସମସ୍ତ ବିବରଣୀରେ ଗ୍ରାମଦେବତୀ ବାସୁଲୀଙ୍କ ସହ ଚଣ୍ଡୀ ଦାସ ସଂପୃକ୍ତ । ନ୍ୟାୟରତ୍ନ କହନ୍ତି ଯେ ସେହି ଦେବୀଙ୍କର ପଥର ପ୍ରତିମା ଏପର୍ଯ୍ୟନ୍ତ ସେ ଗ୍ରାମରେ ପୂଜିତା ହେଉଥିଲେ ଏବଂ ଚଣ୍ଡୀ ଦାସ ଥିଲେ ତାଙ୍କର ଅନୁରକ୍ତ ପୂଜକ ଭାବରେ ବେଶ୍ ଜଣାଶୁଣା । କିନ୍ତୁ ଅସୁବିଧାଟି ଗଢ଼ିଉଠିଲା ସେତେବେଳେ, ଯେତେବେଳେ ପଣ୍ଡିତମାନେ ନ୍ୟାୟରତ୍ନଙ୍କର ଏ ଉକ୍ତିର ସତ୍ୟାସତ୍ୟ ପରୀକ୍ଷା ପାଇଁ ଅନୁସନ୍ଧାନ ଆରମ୍ଭ କଲେ । ଏହା ସ୍ପଷ୍ଟ ହୋଇଗଲା ଯେ ଉଲ୍ଲିଖିତ ଦେବୀ ପ୍ରତିମା ଭୟଙ୍କରୀ ବାସୁଲୀଙ୍କର ନୁହନ୍ତି, ହସ୍ତରେ ପୁସ୍ତକ ଧାରଣ କରିଥିବା ଜଣେ ଦୟାବତୀ ଦେବୀଙ୍କର । ନନୁର୍‌ର ସପକ୍ଷବାଦୀମାନେ କିନ୍ତୁ ପରାଜୟ ସ୍ୱୀକାର କଲେ ନାହିଁ । ଅନବବୋଧ ହେଲେହେଁ 'ବାସୁଲୀ' ଦେବୀ ସରସ୍ୱତୀଙ୍କର ଅନ୍ୟ ନାମ ବାଗୀଶ୍ୱରୀରୁ ଆସିଥିବାର ଯୁକ୍ତି ଦର୍ଶାଇବା ପ୍ରଚେଷ୍ଟାରୁ ସେମାନେ ବିରତ ହେଲେ ନାହିଁ ।

ଷଷ୍ଠଦଶ ଓ ସପ୍ତଦଶ ଶତାବ୍ଦୀରେ ପଶ୍ଚିମବଙ୍ଗର ରାଢ଼ ଅଞ୍ଚଳର ଯେକୌଣସି ଗୁରୁତ୍ୱବହନକାରୀ ଗ୍ରାମରେ ଯୁଗ୍ମଦେବତା, ଜଣେ ଦେବ ଓ ଅନ୍ୟଟି ଦେବୀଙ୍କର ପ୍ରତିମା ଏକତ୍ର ପୂଜିତା ହେଉଥିଲେ ଏବଂ ସେମାନଙ୍କୁ ଗ୍ରାମର ପ୍ରଧାନ ଉପାସ୍ୟ ଦେବ ବିଗ୍ରହ ରୂପେ ଗ୍ରହଣ କରାଯାଉଥିଲା । କେତେକ ପ୍ରତିମା ଇଟା ନିର୍ମିତ ଦେଉଳରେ, କେତେକ ଖଡ଼ଛପର ଘରମାନଙ୍କରେ, ଆଉ କେତେକ କୁଡ଼ିଆ-ମାନଙ୍କରେ ଓ ଅବଶିଷ୍ଟତକ ମାନ୍ୟତାପ୍ରାପ୍ତ ପ୍ରାଚୀନ ବୃକ୍ଷ ମୂଳରେ ଅବସ୍ଥାପନା ଲାଭ

କରିଥିଲେ । ପୁରୁଷ ପ୍ରତିମା ଥିଲେ ଧର୍ମ ଅଥବା ଧର୍ମରାଜ ଓ ନାରୀ ପ୍ରତିମା ଥିଲେ ବାସୁଳୀଙ୍କର । ପରବର୍ତ୍ତୀ ଶତାବ୍ଦୀଗୁଡ଼ିକରେ ଧୀରେ ଧୀରେ ଅଥଚ ସ୍ଥିର ନିଶ୍ଚିତ ଭାବରେ ଅନେକ ଗ୍ରାମରେ 'ଧର୍ମଦେବ' 'ଶିବ'ରେ ରୂପାନ୍ତରିତ ହୋଇଥିଲେ ହେଁ ବାସୁଳୀ ରହିଗଲେ ଅପରିବର୍ତ୍ତିତା, କିନ୍ତୁ ତାଙ୍କର ନାମ ପରିବର୍ତ୍ତିତ ହୋଇ ପ୍ରାୟ ସବୁ କ୍ଷେତ୍ରରେ ବିଶାଳାକ୍ଷୀ ହୋଇଗଲେ । ଅଳ୍ପ କେତେକ ସ୍ଥାନ ଯେଉଁଠି ବାସୁଳୀ ନାମ ଅପରିବର୍ତ୍ତିତ ରହିଗଲା, ସେଗୁଡ଼ିକ ମଧ୍ୟରେ ବିଷ୍ଣୁପୁର (ବାଙ୍କୁରା) ଠାରୁ କିଛି ମାଇଲ୍ ଦୂରବର୍ତ୍ତୀ ଗ୍ରାମଟିଏ ନାଁ ତା'ର ଛାତନା (ଅ) ନା । ଚଣ୍ଡୀ ଦାସଙ୍କର ଜନ୍ମସ୍ଥାନ ଓ ବାସସ୍ଥଳୀର ଗୌରବ ପ୍ରଦାନ କ୍ଷେତ୍ରରେ ନାନୁର ବିପକ୍ଷରେ ଛାତନାର ଦାବୀ ୧୯୨୭ ସୁଦ୍ଧା ଗୁରୁତ୍ୱ ସହ ଉପସ୍ଥାପନ କରାଗଲା । 'ଚଣ୍ଡୀ ଦାସ'-ଗବେଷକବୃନ୍ଦ ବର୍ତ୍ତମାନ ବୀରଭୂମ ଓ ବାଙ୍କୁରା ମଧ୍ୟରେ ଗଢ଼ିଉଠିଥିବା ପ୍ରତିଯୋଗିତା ଯୋଗୁଁ 'ନ ଯଯୌ ନ ତସ୍ଥୌ' ଅବସ୍ଥାରେ ପଡ଼ିଗଲେ । ନାନୁରର ଚଣ୍ଡୀ ଦାସ ଅଛନ୍ତି, ବାସୁଳୀ ନାହାନ୍ତି, ଛାତନାର ବାସୁଳୀ ଅଛନ୍ତି; କିନ୍ତୁ (ଏବେ ସୁଦ୍ଧା) ଚଣ୍ଡୀ ଦାସ ନାହାନ୍ତି । ବିଦ୍ୟା ସମ୍ବନ୍ଧୀୟ ତଥା ଅନ୍ୟାନ୍ୟ ଗୁରୁତ୍ୱ ଆରୋପଣ ସତ୍ତ୍ୱେ ଦାବୀଦାର କେହି ନ ମିଳିବାରୁ ଛାତନାବାଦୀମାନେ ନାନୁରବାଦୀଙ୍କ ବିରୋଧରେ ବେଶି ଦୂର ଅଗ୍ରସର ହୋଇ ପାରିଲେ ନାହିଁ । କିନ୍ତୁ ସେମାନଙ୍କର ଏହି ସଙ୍କଟଜନକ ପରିସ୍ଥିତିକୁ ଅତିକ୍ରମ କରିବାକୁ ଯାଇ ସେମାନେ ସନ୍ଦେହାସ୍ପଦ ମୌଳିକତାସମ୍ପନ୍ନ ଏକ ନଥି ଉପସ୍ଥାପନ କରିଦେଲେ । ଏହା ଥିଲା 'ଚଣ୍ଡୀ ଦାସ ଚରିତ' ନାମକ ପଦ୍ୟାକାର ଏକ ଅପେକ୍ଷାକୃତ ବୃହତ୍ 'ଆବିଷ୍କୃତ' ପାଣ୍ଡୁଲେଖ୍ୟ । କୃଷ୍ଣପ୍ରସାଦ ସେନଙ୍କ ଦ୍ୱାରା ଲିଖିତ, ବଙ୍ଗୀୟ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଭୀଷ୍ମ ନାମରେ ପରିଚିତ, ଛାତନାବାଦୀ ମାନଙ୍କର ପରିପୋଷକ ଯୋଗେଶ ଚନ୍ଦ୍ର ରାୟଙ୍କ କର୍ତ୍ତୃକ ସମ୍ପାଦିତ ଏବଂ ଜନୈକ ଅବିଚଳ ଜାତୀୟତାବାଦୀ (ବାଙ୍କୁରାରୁ ଆସିଥିବା), ପ୍ରଖ୍ୟାତ ସାମ୍ବାଦିକ ଓ ବିଦ୍ୱାନ ରାମାନନ୍ଦ ଚାଟାର୍ଜୀଙ୍କ ଦ୍ୱାରା ପ୍ରକାଶିତ (୧୯୩୪) ଥିଲା ଏଇ ଗ୍ରନ୍ଥଟି । ଚଣ୍ଡୀ ଦାସଙ୍କର ଜୀବନୀ-ଗତ ତଥ୍ୟକୁ ସୁନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ କବିଙ୍କର ବ୍ୟକ୍ତିଗତ ଜୀବନଧାରା ସମ୍ପର୍କିତ ଯାବତୀୟ ମତଦ୍ୱୈଧତାକୁ ସବୁ ସମୟ ପାଇଁ ମୋହର ଦେଇ ବନ୍ଦ କରିଦେବା ପ୍ରୟାସ 'ଚଣ୍ଡୀ ଦାସ ଚରିତ'ର ଉଦ୍ଦେଶ୍ୟ ଥିଲା । ନାନୁରବାଦୀଙ୍କୁ ଶାନ୍ତ ରଖିବା ଲକ୍ଷ୍ୟରେ ଏତଦ୍ଦ୍ୱାରା ନାନୁର୍‌କୁ ପୁରାପୁରି ଆଗ୍ରାହ୍ୟ କରାଗଲା ନାହିଁ; ବରଂ ଏହାକୁ କବିଙ୍କର ଅନ୍ୟ ଏକ ଠିକଣା ରୂପେ ସ୍ୱୀକାର କରାଗଲା । ସେହିପରି ଭିନ୍ନ ଭିନ୍ନ ବିବରଣୀରୁ ଉପୁଜିଥିବା ପାର୍ଥକ୍ୟକୁ ଏହି ଆଧାର ମଧ୍ୟରେ ଖଞ୍ଜି ଦିଆଗଲା । ଲକ୍ଷ୍ୟସ୍ଥଳକୁ ନହରାଇ ସିଧାସଳଖ ସଯତ୍ନ ଭେଦ କରିବା ଭଳି ବନ୍ଧୁକଟିଏ ଥିଲା ଏହି ଦସ୍ତାବିଜଟି । ଦୃଷ୍ଟାନ୍ତ ସ୍ୱରୂପ ଏଥିରେ ଚଣ୍ଡୀ ଦାସଙ୍କର ଜନ୍ମ ତାରିଖଟି ସେହିଦିନ ବୋଲି ଦର୍ଶାଇ ଦିଆଗଲା, ଯେଉଁଦିନ ନିଜ ଖୁଡ଼ୁତାଙ୍କୁ ଆତତାୟୀ ଦ୍ୱାରା ହତ୍ୟା କରାଇ ଫିରୋଜଶାହ ତୋଗଲକ ତାଙ୍କର ସିଂହାସନ ଅଧିକାର କରିଥିଲେ ।

ସବୁ ପ୍ରକାର ଆବଶ୍ୟକ ସାବଧାନତା ଅବଲମ୍ବନ କରାଯିବା ସତ୍ତ୍ୱେ ବନ୍ଧୁକ ଲକ୍ଷ୍ୟଭ୍ରଷ୍ଟ ହେଲା; ଆମେ ଏହାକୁ ବିସ୍ଫୋରଣ ବୋଲି ବି କହିପାରୁ । ସମାଦୃତ ଐତିହାସିକ ନଳିନୀକାନ୍ତ ଭଟ୍ଟଶାଳୀ ଅତି ସ୍ପଷ୍ଟ ଓ ହୃଦ୍‌ବୋଧ ଭାବରେ ସପ୍ରମାଣ ଦର୍ଶାଇଲେ ଯେ ଦସ୍ତାବିଜ୍‌ଟି ଏକ ସହଜଜ୍ଞେୟ କୂଟଲିଖନ କେବଳ ନୁହେଁ ଚଳନ୍ତି ସମୟର ଏକ ଅନ୍ୟତମ ଫନ୍ଦିବାଜ ଉଦ୍ଭାବନ ।

ଷୋଡ଼ଶ ଶତାବ୍ଦୀରେ ତଥା ତା'ର ପୂର୍ବରୁ କେତେକ ତାନ୍ତ୍ରିକପୀଠରେ ତନ୍ତ୍ର ଉପାସନା ଯୋଗୁ ଉତ୍ତର ରାଢ଼ ଅଞ୍ଚଳ ପ୍ରସିଦ୍ଧ ଥିଲା ଏବଂ ଏଠାକାର ପ୍ରଧାନ ଉପାସ୍ୟା ଦେବୀ ଥିଲେ ଚାମୁଣ୍ଡା ବା ବାସୁଲୀ । ବର୍ଦ୍ଧମାନ ଜିଲ୍ଲା ଅନ୍ତଃପାତୀ କଟଓ୍ୱାର ଉତ୍ତରକୁ କିଛି ମାଇଲ୍ ଦୂରରେ କେତୁଗ୍ରାମ ନାମକ ଗ୍ରାମରେ ଏହିପରି ଏକ ପୀଠ ଥିଲା । ଷୋଡ଼ଶ ଶତାବ୍ଦୀର ଆଦ୍ୟ ପାଦରେ ଚଣ୍ଡୀ ଦାସ ନାମଧେୟ ଜନୈକ ବ୍ରାହ୍ମଣ ପଣ୍ଡିତ ଓ କବି ବିଦ୍ୟମାନ ଥିଲେ । ତାଙ୍କର ଉତ୍ତରପୁରୁଷ, ଯେ ହେବେ ତାଙ୍କର ନବମ ବଂଶଧର, ସେହିଭଳି ଜଣେ ବ୍ୟକ୍ତି ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏକ ବିଶିଷ୍ଟ ବୈୟାକରଣ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ନାମ ତାଙ୍କର ନୃସିଂହ ତର୍କ ପଞ୍ଚାନନ । ସେ ତାଙ୍କର ପୂର୍ବଜଙ୍କ ପାଇଁ ଏପରି ଗର୍ବ ଅନୁଭବ କରୁଥିଲେ ଯେ ସେ ତାଙ୍କ ରଚିତ ଗ୍ରନ୍ଥର ପ୍ରତ୍ୟେକ ଅଧ୍ୟାୟର ଶେଷ ପଦ ପଙ୍‌କ୍ତିରେ ତାଙ୍କର ଏହି ପୂର୍ବଜଙ୍କୁ ବନ୍ଦନା କରିଥିଲେ । ଏହି ପୁସ୍ତକଟି ଥିଲା ଦ୍ୱାଦଶ ଶତାବ୍ଦୀରୁ ପଶ୍ଚିମବଙ୍ଗରେ ସୁପ୍ରଚଳିତ ଏକ ବ୍ୟାକରଣ 'ସଂକ୍ଷିପ୍ତସାର'ର କ୍ରିୟାପ୍ରକରଣ ଟୀକା । ନୃସିଂହଙ୍କ ଉକ୍ତିରେ ତାଙ୍କର ପୂର୍ବପୁରୁଷ ଚଣ୍ଡୀ ଦାସ ଥିଲେ ଜଣେ ବିଚକ୍ଷଣ କବି (କବୀନ୍ଦ୍ର କବୀନାଂ ରବିଃ) । ଆମର ଆଲୋଚ୍ୟ ଚଣ୍ଡୀ ଦାସଙ୍କ ସହ ତାଙ୍କୁ ଏକାକାର କରିବାର ଉଦ୍ୟମରେ ଏକଦା ମୁଁ ପ୍ରଲୋଭିତ ହୋଇପଡ଼ିଥିଲି । କିନ୍ତୁ ବାରମ୍ବାର ଜଣେ ବିଲକ୍ଷଣ ବିଦ୍ୱାନ୍ (ଭଟ୍ଟାଚାର୍ଯ୍ୟ ଶିରୋମଣି) ରୂପେ ସମ୍ବୋଧିତ ବ୍ୟକ୍ତିଙ୍କୁ 'ଶ୍ରୀକୃଷ୍ଣ କୀର୍ତ୍ତନ'ର ଗୀତମାନଙ୍କର କବିଙ୍କ ସହ ଚିହ୍ନିତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ଭକ୍ତି ଓ କୃଷ୍ଣ ଉପାସନାର ବିବିଧ ବିଭବ ସମ୍ବଳିତ 'ଭାବଚନ୍ଦ୍ରିକା' ପଦ୍ୟକୃତିର କବି ନୃସିଂହଙ୍କର ପୂର୍ବପୁରୁଷ ସେହି ଚଣ୍ଡୀ ଦାସ କି ନୁହନ୍ତି, ଏ ବିଷୟରେ ଆମେ ସ୍ଥିର ନିଶ୍ଚିତ ନୋହୁ । ଏଥିରେ ସେ ଆପଣାକୁ ଜନୈକ ଚୈତନ୍ୟ ଭକ୍ତ (ଶ୍ରୀ ଭଗବଚ୍ଚରଣ ମଧୁବ୍ରତ-ଶ୍ରୀ ଚଣ୍ଡୀ ଦାସ) ଭାବରେ ଅଭିହିତ କରିଛନ୍ତି ।

ତାଙ୍କୁ ବିବାହ କରି ନଥିବା ଅନ୍ୟ ଜାତିର ଏକ ରମଣୀ ସହ ଚଣ୍ଡୀ ଦାସ ଜୀବନ ଅତିବାହିତ କରୁଥିବା ଘଟଣାକୁ ପ୍ରମାଣିତ କରିବା ଲାଗି ସାମାନ୍ୟତମ ଉପାଦାନ କୌଣସିଠାରେ ନାହିଁ । ଜନଶ୍ରୁତିରୁ ବଳିଷ୍ଠ ଓ ଦୃଢ଼ ପ୍ରୟାସ ପ୍ରସୂତ ମନ୍ତବ୍ୟରୂପେ ଆହୃତ ଉକ୍ତ ଘଟଣାର ସମ୍ଭାବନାକୁ ଆଗ୍ରାହ୍ୟ କରାଯାଇପାରୁ ନାହିଁ । ସମ୍ଭାବନାଠାରୁ ଅଧିକ କିଛି ଏ ସମ୍ବନ୍ଧରେ ସ୍ୱୀକାର କରିବାକୁ ଆମ୍ଭେମାନେ କିନ୍ତୁ

ପ୍ରସ୍ତୁତ ନୋହୁ । ଏହି ପରିପ୍ରେକ୍ଷୀରେ, ଯାହାହେଉ, ବାସୁଲୀଙ୍କର ଭୂମିକା ଆଲୋଚନାର ଆବଶ୍ୟକତା ରଖେ ।

ସହଜିୟା ପନ୍ଥାର ଏକାଧିକ ସ୍ଥଳରେ ଚଣ୍ଡୀ ଦାସଙ୍କର ଯେଉଁ ଗୀତଟି ବ୍ୟବହୃତ ହୋଇଛି, ତାହାର ଆଦ୍ୟାଂଶର ପଦଟି ଏହିପରି—

ନିତ୍ୟାର ଆଦେଶେ ବାସୁଲୀ ଚଲିଲ
ସହଜ ଜାନାବାର ତରେ
ଭ୍ରମିତେ ଭ୍ରମିତେ ନାଦୁର (କିମ୍ବା ନାନ୍ନ) ଗ୍ରାମେତେ
ପ୍ରବେଶ ଯାଇୟା କରେ ।

'ନିତ୍ୟାଦ୍ୱାରା ଉପଦିଷ୍ଟା ବାସୁଲୀ 'ସହଜ'ର ପ୍ରଚାର କରିବାକୁ ଗଲ । ତା'ର ଏହି ପର୍ଯ୍ୟଟନ କାଳରେ ସେ ଆସି ନାଦୁର (ନାନ୍ନ) ଗ୍ରାମରେ ପ୍ରବେଶ କଲ ।'

ଏହାକୁ ଉଦ୍ଧାର କରି 'ବିବର୍ତ୍ତବିଳାସ'କାର ଏକ ଟୀକା ପ୍ରଦାନ କରିଛନ୍ତି । ଅନୁବାଦ ମାଧ୍ୟମରେ ମୁଁ ତାହା ଉଦ୍ଧାର କରୁଛି—"(ଉପରି ଉଦ୍ଧୃତ ଗୀତଟିର ଭାବ) ଶର ସନ୍ଧାନର ଅଭ୍ୟାସ ("ବାଣେର ସାଧନ") ଜନୈକ ମହାପୁରୁଷଙ୍କ ଦ୍ୱାରା ପ୍ରକଟିତ ("ମହାଜନେର ବଚନ") ନିତ୍ୟାଙ୍କର ଉପଦେଶ ଅନୁସାରେ ଦେବୀ ଯୋଗମାୟା ପ୍ରକଟା ହେଲେ ଏବଂ ଚଣ୍ଡୀ ଦାସଙ୍କୁ ଶିକ୍ଷା ଦେଲେ ।"

ବାସୁଲୀ କବିଙ୍କ ପାଖକୁ ଆସି ତାଙ୍କୁ ଗୁହ୍ୟ ସାଧନାର ଶିକ୍ଷା ଦେବା ଉପାଖ୍ୟାନ ଅନ୍ୟତ୍ର ତଥା ଅଷ୍ଟାଦଶ ଶତାବ୍ଦୀର ଆଦି ପର୍ଯ୍ୟାୟରେ ମଧ୍ୟ ଲକ୍ଷ୍ୟ କରାଯାଏ । ବିବିଧ କୃତିତ୍ୱସମ୍ପନ୍ନ ଜଣେ ବହୁପ୍ରସୂ ବୈଷ୍ଣବ ରଚନାକାର ନରହରି ଚକ୍ରବର୍ତ୍ତୀ ଚଣ୍ଡୀ ଦାସଙ୍କର ପ୍ରଶସ୍ତି ଗାନ କରି ଏ ବିଷୟ ତାଙ୍କର ଏକ ଗୀତରେ ଉଲ୍ଲେଖ କରିଥିଲେ ।

'ଭକ୍ତଚରିତାମୃତ'ରେ ଜଗନ୍ନାଥ ଦାସ ବୟାନ କରିଥିବା ଆଖ୍ୟାନ ଅନୁଯାୟୀ ବାସୁଲୀ ଚଣ୍ଡୀ ଦାସଙ୍କ ସମ୍ମୁଖରେ ପ୍ରକଟିତା ହୋଇ ପାଠପଢ଼ା ପ୍ରତି ଅମନୋଯୋଗିତା ହେତୁ ଘରୁ ତଡ଼ା ଖାଇଥିବା ଯୋଗୁଁ ଆତ୍ମହତ୍ୟା କରିବାକୁ ବସୁଥିଲାବେଳେ ସେଥିରୁ ତାଙ୍କୁ ନିବୃତ୍ତ କରାଇଲେ । ଦେବୀ ଚଣ୍ଡୀ ଦାସଙ୍କୁ କହିଲେ ଯେ ସେ ଜଣେ ସୁପ୍ରସିଦ୍ଧ କବି ହେବାର ଭାଗ୍ୟ ଅର୍ଜନ କରିଥିବାରୁ ବିବ୍ରତ ନହୋଇ ଶାନ୍ତ ଭାବରେ ଘରକୁ ଫେରିଯାଆନ୍ତୁ । ଚଣ୍ଡୀ ଦାସ ଦେବୀଙ୍କ କଥାମାନି ଘରକୁ ଫେରିବା ବାଟରେ ଗ୍ରାମ ମଧ୍ୟକୁ ପ୍ରବେଶ କରିବାକୁ ଗଲାବେଳେ ପୋଖରୀ ଘାଟରେ ତାରା ନାମ୍ନୀ ଏକ ଅପରୂପା ଯୁବତୀ ଲୁଗା କାଚୁଥିବା ଅବସ୍ଥାରେ ତାଙ୍କର ଦୃଷ୍ଟି ଆକର୍ଷଣ

କଲ । ସେମାନେ ପ୍ରଥମ ସାକ୍ଷାତରେ ହିଁ ପରସ୍ପର ପ୍ରତି ପ୍ରେମାକୃଷ୍ଟ ହୋଇପଡ଼ିଲେ । ବାସୁଲୀଙ୍କ କୃପାରୁ ସେମାନଙ୍କର ମିଳନ ବିଳମ୍ବିତ ହେଲ ନାହିଁ ।

ନିତ୍ୟା (ଅଥବା ନେତା) ଥିଲେ ବାସୁଲୀଙ୍କର ସଖୀ, ଦାର୍ଶନିକା ଓ ମାର୍ଗଦର୍ଶିକା । (ସେ ମନସା ଉପାଖ୍ୟାନରେ ମଧ୍ଯ ଅନୁରୂପ ବିଭୂତି ପ୍ରଦର୍ଶନ କରିଥିବାର ଜଣାଯାଏ ।) ମୁଁ ପୂର୍ବରୁ 'ନେତା' ଶବ୍ଦର ଯେଉଁ ବ୍ୟୁତ୍ପତ୍ତି ଦର୍ଶାଇ ଅଛି, (ମଧ୍ଯଯୁଗୀୟ ବଙ୍ଗଳାର ନେତା ସଂସ୍କୃତରେ ନେତ୍ରା ଅର୍ଥାତ୍ ସୂକ୍ଷ୍ମ କାର୍ପାସ ବସ୍ତ୍ର) ତାହା ଦେବୀମାନଙ୍କର ପିନ୍ଧାଲୁଗା କାଚୁଥିବା ରଜକିନୀ ଦେବୀଙ୍କୁ ବୁଝାଉଅଛି । ତେଣୁ ଏ 'ନିତ୍ୟା' ହେବା ଏକାନ୍ତ ସମ୍ଭବ, ଯେ ଆପଣାକୁ ଚଣ୍ଡୀ ଦାସ (ଆକ୍ଷରିକ ଅର୍ଥରେ ଚଣ୍ଡୀଙ୍କର ଭୃତ୍ୟ)ଙ୍କର ପ୍ରେମିକାରେ ପରିଣତ କରିଛନ୍ତି ।

ଚଣ୍ଡୀ ଦାସ ସମ୍ବନ୍ଧୀୟ ଆଖ୍ୟାନ ବୃତ୍ତର ଶେଷ ଭଗରେ କବିଙ୍କର ଏକ ଭଇ ଯୁକ୍ତ ହୋଇଛନ୍ତି । ସହଜିୟା ପନ୍ଥାରେ ସେ 'ନକୁଳ' ଓ ଗ୍ରଟନା ସଂସ୍କରଣରେ ସେ 'ଦେବୀଦାସ' ନାମରେ ନାମିତ ହୋଇଛନ୍ତି । ପ୍ରଥମ ନାମ (ନକୁଳ)ଟି କବିଙ୍କ ଜାତିର ନିମ୍ନତା ଦର୍ଶାଇଲବେଳେ ଦ୍ୱିତୀୟ ନାମଟି ସ୍ପଷ୍ଟତଃ ଚଣ୍ଡୀ ଦାସ ଅନୁରୂପ ଗଠିତ ହୋଇଥିବାର ଜଣାଯାଏ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ ସମ୍ପାଦିତ କୀର୍ତ୍ତନ ସଙ୍ଗୀତାବଳୀ ମଧ୍ଯରେ ସର୍ବବୃହତ୍ ଓ ଶ୍ରେଷ୍ଠ ସଙ୍କଳନ 'ପଦକଳ୍ପତରୁ'ର କିଛି ଗୀତରେ ଚଣ୍ଡୀ ଦାସ ବିଦ୍ୟାପତିଙ୍କୁ ଗଙ୍ଗାତୀରବର୍ତ୍ତୀ କୌଣସି ସ୍ଥଳର ଏକ ବଟବୃକ୍ଷ ତଳେ ଭେଟିଥିବା ବିଷୟର ସୂଚନା ରହିଛି । ବିଦ୍ୱାନ୍‌ମାନେ ଏହାର ସତ୍ୟତା ସମ୍ପର୍କରେ ସନ୍ଦିଗ୍ଧ । ସେମାନେ, କିନ୍ତୁ, ଯାହାହେଉ, ''ଚଣ୍ଡୀ ଦାସ'', ''ବିଦ୍ୟାପତି''ଙ୍କୁ ଭେଟିବା କଥାଟିକୁ ଅସ୍ୱୀକାର କରିପାରନ୍ତି ନାହିଁ; ଉଭୟ ବଙ୍ଗ ଓ ମିଥିଳାରେ ଏହି ନାମ ବହନ କରୁଥିବା ବହୁ କବି ଦେଖାଯାଇପାରୁଥିବା ଅନସ୍ୱୀକାର୍ଯ୍ୟ । ଅନେକ ପରବର୍ତ୍ତୀ ପାଣ୍ଡୁଲିପିମାନଙ୍କରେ ଏହି ଘଟଣାର ସମଧିକ ବିସ୍ତୃତତର ଆଲେଖ୍ୟ ମଧ୍ଯ ଉପର୍ଯ୍ୟୁପରି ପରିଦୃଷ୍ଟ ହୋଇଅଛି ।

□

କେତେକ ଆକର୍ଷଣୀୟ ବୃତ୍ତାନ୍ତ

"ଚଣ୍ଡୀ ଦାସ" ନାମକୁ ନେଇ ବୟାନ କରାଯାଇଥିବା ବିଭିନ୍ନ ବୃତ୍ତାନ୍ତ (ଗଳ୍ପ) ମଧ୍ୟରୁ ଚାରିଗୋଟି ନିର୍ଦ୍ଦିଷ୍ଟ ଭାବରେ ଆକର୍ଷଣୀୟ । ସେଗୁଡ଼ିକୁ ଯଥାସମ୍ଭବ ସଂକ୍ଷେପରେ ଏଠାରେ ବିବୃତ କରାଯାଉଛି—

ପ୍ରଥମଟି ହେଲା—'ସିଦ୍ଧାନ୍ତ ଚନ୍ଦ୍ରୋଦୟ'ରେ ମୁକୁନ୍ଦ ଦାସଙ୍କଦ୍ୱାରା କଥିତ ବୃତ୍ତାନ୍ତ । କବି ତାଙ୍କର ସଙ୍ଗୀତ ରଚନା ପାଇଁ କିପରି ପ୍ରେରଣା ପାଇଲେ ଏଥିରେ ତାହା ସୂଚାଇ ଦିଆଯାଇଛି ।

ଚଣ୍ଡୀ ଦାସ ଥିଲେ ସଦ୍‌ବ୍ରାହ୍ମଣ ବଂଶଜ ଏକ ବିଚକ୍ଷଣ ବିଦ୍ୱାନ୍ । ମଇଳା ଲୁଗା କାଚି ନିଜ ପରିବାରକୁ ସାହାଯ୍ୟ କରୁଥିବା ତାରା ନାମ୍ନୀ ଜନୈକା ସୁନ୍ଦରୀ ମନୋହାରିଣୀ ଯୁବତୀର ପ୍ରେମରେ ସେ ପଡ଼ିଗଲେ । ପ୍ରେମୀ ଯୁଗଳ ଅତ୍ୟନ୍ତ ସାବଧାନତାର ସହିତ ଗୋପନରେ ମିଳିତ ହେଉଥିଲେ ; ସେମାନଙ୍କର ଘନିଷ୍ଠ ଆତ୍ମୀୟତା ଅନ୍ୟମାନଙ୍କୁ ଜଣା ନଥିଲା । ଦିନେ ବର୍ଷଣମୁଖର ଅନ୍ଧକାର-ରାତ୍ରିରେ ପୂର୍ବନିର୍ଦ୍ଧାରିତ ସ୍ଥାନରେ ତାରାକୁ ଭେଟିବା ପାଇଁ ଚଣ୍ଡୀ ଦାସ ଆସିଲେ । ପ୍ରତୀକ୍ଷା କରି କରି ରାତିଅଧ ପଛକେ ଗଡ଼ିଗଲା, ତାରା ଆସିଲା ନାହିଁ । ସେ ତାର ଜନୈକା ସଖୀ ସହ ବିଶ୍ରମ୍ଭାଳାପ କରୁ କରୁ ସମୟ ଜାଣିପାରିଲା ନାହିଁ, ଭୁଲିଗଲା । ଚଣ୍ଡୀ ଦାସ ଆଉ ଅଧିକ ସମୟ ପ୍ରତୀକ୍ଷା କରି ନପାରି ସାହସ କରି ତାରା ଘରପାଖ ପର୍ଯ୍ୟନ୍ତ ଚାଲିଆସିଲେ ଏବଂ ଯେ କୌଣସି ମୁହୂର୍ତ୍ତରେ ସେ ଆସିବ ବୋଲି ଭାବି ଧୈର୍ଯ୍ୟରସହ ଘରଚୌହଦୀ କଡ଼ରେ ଠିଆହୋଇ ରହିଲେ । ବର୍ଷା ଝରିବାକୁ ଲାଗିଥିଲା ; ସେଥିରେ ସେ ଏପାଖ ସେପାଖ ହେବାରୁ ଯେଉଁ ଶବ୍ଦ ହେଲା, ତାହା ଶୁଣିପାରି ତାରା ସତର୍କ ହୋଇଗଲା । ବାହାରକୁ ଯାଇ ଟିକେ ଦେଖିଆସିବାକୁ ସଖୀକୁ ସେ କହିବାରୁ ସଖୀ ଗଲା; କିନ୍ତୁ ଘାରି ଅନ୍ଧାର ଘୋଟିଥିବାରୁ କିଛି ଦେଖିପାରିଲା ନାହିଁ । ତା'ପରେ ନିଜେ ତାରା ଦୀପଟିଏ ନେଇ ଦେଖିବାକୁ ଆସି ଗୋଟାପଣେ ଓଦା ହୋଇ ଥରୁଥିବା

ଚଣ୍ଡୀ ଦାସଙ୍କୁ ଭେଟିଲା । ପ୍ରତିଶ୍ରୁତି ରଖିପାରି ନଥିବାରୁ ସେ ଅନୁତାପ କଲା ସତ, ସେଥି ସହିତ ସେଭଳି ଦୁର୍ଣ୍ଣୟ ପାଗରେ ପୁଣି ତା' ଘରପାଖକୁ ଚାଲିଆସିଥିବାର ବିପଦ ବରଣ କରିଥିବାରୁ ସେ ତାଙ୍କୁ ଭର୍ତ୍ସନା କଲା । ତିରସ୍କୃତ ଚଣ୍ଡୀଦାସ ଏହାପରେ ଘରକୁ ଫେରିଆସି ଯେଉଁ ଗୀତ ରଚନା କଲେ, ତା'ର ପ୍ରଥମ ପଦଟି ହେଲା—

ଏ ଘୋର ରଜନୀ ମେଘ-ଘଟା ବନ୍ଧୁ
କେସନେ ଆସିଲା ବାଟେ,
ଅଗଣା କୋଣରେ ବନ୍ଧୁଆ ତିନ୍ତୁଚି
ଦେଖିଣ ପରାଣ ଫାଟେ ।

ବହୁ ପରବର୍ତ୍ତୀ ସହଜିୟା ପନ୍ଥାର 'ସହଜ ଉପାସନାତତ୍ତ୍ୱ' ଶୀର୍ଷକ (ସହଜ ଉପାସନାର ଅତ୍ୟାବଶ୍ୟକ ଉପାଦାନ) ଗ୍ରନ୍ଥରେ ବୃତ୍ତାନ୍ତଟି ଯେପରି ବିବୃତ ଅଛି, ନିମ୍ନରେ ତାହା ଦିଆଗଲା—

ଚଣ୍ଡୀ ଦାସ ଥିଲେ ସଭକବି ଓ ତାଙ୍କର ଜଣେ କକେଇ-ପୁଅ ଭାଇ ନକୁଳ ସେ ଇଲାକାର ଶାସକଙ୍କ ଅଧୀନରେ ଥିଲା ଜନୈକ କ୍ଷମତାପନ୍ନ ଅମଲା । ରାମୀ ନାମଧେୟା ଜନୈକା ନୀଚଜାତୀୟା ରମଣୀଠାରେ ଚଣ୍ଡୀ ଦାସଙ୍କର ଆସକ୍ତି ବିଷୟ ତାଙ୍କର ପୃଷ୍ଠପୋଷକ କିମ୍ବା ଜନସାଧାରଣଙ୍କୁ ଗୁପ୍ତ ରହିଲା ନାହିଁ । ତେଣୁ ସେ (ପୃଷ୍ଠପୋଷକ) ତାଙ୍କୁ ଅନୁଗ୍ରହରୁ ଓ ସେମାନେ (ଜନସାଧାରଣ) ତାଙ୍କୁ ଜାତିରୁ ଚ୍ୟୁତ କରିଦେଲେ । ଏ ବିଷୟ କାହାକୁ ଜଣା ନଥିଲା ଯେ ସେଇ ଧୋବାଘର ଝିଅ ରାମୀକୁ ବାସୁଳୀଙ୍କର ଜଣେ ଯୋଗିନୀ ସାହାପକ୍ଷ ଥିଲେ । ପୃଷ୍ଠପୋଷକ ଓ ସୁହୃଦ୍‌ଗଣ ଆଶା କରୁଥିଲେ ଯେ ଚଣ୍ଡୀ ଦାସ ଯଥାଶୀଘ୍ର ରାମୀଠୁଁ ମନଛଡ଼ା ହୋଇ ପୁଣି ସ୍ୱଗୋଷ୍ଠୀକୁ ଫେରିବେ ; କିନ୍ତୁ ତାହା ହେବାର ନଥିଲା । ରାଜସଭାରେ ଚଣ୍ଡୀ ଦାସଙ୍କର ଅନୁପସ୍ଥିତି ଏପରି ଗଭୀର ଭାବରେ ଅନୁଭୂତ ହେଲା ଯେ ଶାସନକର୍ତ୍ତା ତାଙ୍କୁ ବୁଝାଇ-ସୁଝାଇ ଫେରାଇ ଆଣିବାକୁ ଉପାୟ କଲେ । ବୁଝାମଣା ପାଇଁ ନକୁଳକୁ ପଠାଗଲା । ସେତେବେଳେ ବାସୁଳୀ ମନ୍ଦିରର ଉତ୍ତର-ପୂର୍ବପାର୍ଶ୍ୱର ଅଦୂରବର୍ତ୍ତୀ ଏକ କୁଟୀରରେ ଚଣ୍ଡୀ ଦାସ ରହୁଥିଲେ ଓ ରାମୀ ତା'ର ଘର କରି ସେଠାରୁ ଦକ୍ଷିଣକୁ ଅଧକୋଶ ଦୂରରେ ରହୁଥିଲା । ନକୁଳ ଚଣ୍ଡୀ ଦାସଙ୍କୁ ଭେଟିବାକୁ ଆସି ଅନ୍ୟମାନଙ୍କ ସହ ରାମୀ ସେଠାରେ ଥିବାର ଦେଖିଲା । ଆଗନ୍ତୁକଙ୍କୁ ଦେଖି ରାମୀ ସେଠାରୁ ଚାଲିଗଲା ପରେ ନକୁଳ ସିଧାସଳଖ ଭାବରେ ରାମୀକୁ ପରିତ୍ୟାଗ କରି ନିଜର ଭଲ ପାଇଁ ଆପଣା ଜାତି, ଗୋତ୍ର ଓ ସମାଜକୁ ଫେରିଆସିବାକୁ ଚଣ୍ଡୀ ଦାସଙ୍କୁ କହିଲା । ଚଣ୍ଡୀ ଦାସ ତାକୁ କହିଲେ ଯେ ରାମୀ ତାଙ୍କର ପ୍ରାଣଠାରୁ ଅଧିକ, ତା'ଛଡ଼ା ସେ ଆଧ୍ୟାତ୍ମିକ ମାର୍ଗର ଉଚ୍ଚକୋଟୀର ଜ୍ଞାନାଧିକାରିଣୀ । ଚଣ୍ଡୀ ଦାସଙ୍କ ଉକ୍ତିର ଦୃଢ଼ତା ଓ ସତ୍ୟନିଷ୍ଠତାରେ

ନକୁଳର ପ୍ରତ୍ୟୟ ହେବାରୁ ସେ ତାଙ୍କଠାରୁ ଅଧ୍ୟାତ୍ମମାର୍ଗର ଦିଗ୍‌ଦର୍ଶନ ନେବାକୁ ଚାହିଁଲା । ଚଣ୍ଡୀ ଦାସ ଏଥିରେ ତା'ର ସହାୟତା ନକରି ରମୀ ପାଖକୁ ଯିବାକୁ କହିଲେ । ନକୁଳ ରମୀ ରହୁଥିବା ସ୍ଥାନରେ ପହଞ୍ଚି ସେଠାରେ ଚଣ୍ଡୀ ଦାସ ତା'ଆଗରୁ ଉପସ୍ଥିତ ରହିଥିବା ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଲା । ସେ ଯେ ରମୀକୁ ତା'ର ଦୀକ୍ଷାଗୁରୁ ଭବରେ ଗ୍ରହଣ କରିବାକୁ ପ୍ରସ୍ତୁତ, ଏହା ଜଣାଇବାକୁ ଯାଇ ରମୀର ପାଦଧୂଳି ନେବାକୁ ବସୁଥିଲା । ରମୀ ଓ ଚଣ୍ଡୀ ଦାସ ତାକୁ ଦୀକ୍ଷା ନେବା ପାଇଁ ରତିଅଧ ବେଳକୁ ଆସିବାକୁ କହିଲେ । ନକୁଳ ଶାସନକର୍ତ୍ତାଙ୍କ ପାଖକୁ ଫେରି ତାଙ୍କୁ ପ୍ରତ୍ୟେକ ବିଷୟ ଜଣାଇଲା । ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେଲା ଓ ଚଣ୍ଡୀଦାସ ରଜସଭା ତଥା ତାଙ୍କ ସମାଜରେ ପୁନଃ ଅବସ୍ଥାପିତ ହେଲେ । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନକୁଳ ଚଣ୍ଡୀ ଦାସ ଓ ରମୀଙ୍କଠାରୁ ଅଧ୍ୟାତ୍ମ-ଦୀକ୍ଷା ଗ୍ରହଣ କଲା ।

ଚଣ୍ଡୀ ଦାସ ନିଜ ରଚନାର ପରିବେଷଣ କରୁଥିଲେ ଏକ ସଙ୍ଗୀତ ଦଳ ନେଇ । ସେ ଯେ କେବଳ ନିଜେ ଗାଉଥିଲେ ତା' ନୁହେଁ, ଅନ୍ୟ ଗାୟକ ସେଇ ଦଳରେ ଥିଲେ ଓ ସେ ଥିଲେ ଦଳର ନେତା । ଦରବାରରେ ନୃତ୍ୟାଭିନୟ ପ୍ରଦର୍ଶନ କରିବା ଲଗି ସେ ଗୌଡ଼ର ସୁଲତାନଙ୍କଠାରୁ ନିମନ୍ତ୍ରଣ ପାଇଥିଲେ । ବାଉଁଶବତା ଘେର ପରଦା ଉହାଡ଼ରୁ ସୁଲତାନଙ୍କର ବେଗମ୍ (ପ୍ରଧାନ ପତ୍ନୀ) ଚଣ୍ଡୀ ଦାସଙ୍କର ଚେହେର ଓ ଅଭିନୟ ଦେଖି ତନ୍ମୟ ହୋଇଗଲେ । ସେ ଏପରି ବିହ୍ୱଳା ହୋଇଗଲେ ଯେ କବି-ନଟଙ୍କର ପ୍ରଶଂସାବାଦକୁ ସ୍ୱାମୀଙ୍କ ନଜରରୁ ଛପାଇ ପାରିଲେ ନାହିଁ । ନିଜ ପତ୍ନୀଙ୍କ ପ୍ରତି ପ୍ରେମ ଓ ଗଭୀର ଆସକ୍ତି ଯୋଗୁଁ ସ୍ୱାମୀ ତାଙ୍କର ଏଭଳି ସାମୟିକ ବିଚ୍ୟୁତି ପାଇଁ କ୍ଷମା ଦେଲେ ; କିନ୍ତୁ ଚଣ୍ଡୀ ଦାସଙ୍କୁ ଦଣ୍ଡ ନଦେଇ ଛାଡ଼ିଲେ ନାହିଁ । ଦଣ୍ଡ ଥିଲା ଚୂଡ଼ାନ୍ତ । ନିଷ୍ଠୁର ମୃତ୍ୟୁଦଣ୍ଡରେ ଦଣ୍ଡିତ କରଗଲା ତାଙ୍କୁ । ତାଙ୍କୁ ହାତୀ ପିଠିରୁ ତଳକୁ ଫୋପାଡ଼ି ଦିଆଗଲା ଓ ସେ ହାତୀ ତାଙ୍କୁ ପାଦରେ ଦଳିଦେଲା । ହାତୀ ପିଠିରୁ ତାଙ୍କୁ ତଳକୁ ଫୋପାଡ଼ି ଦିଆଯାଉଥିଲାବେଳେ ରମୀକୁ ସମ୍ବୋଧନ କରି ଏହି ଗୀତ ପଦକ ସେ ଗାଇ ଉଠିଥିଲେ—

ପ୍ରିୟା ରଜକିନୀ ଶୁଣ ମୋହେ ହରଉଛି ପ୍ରାଣ
ଏଥର ମୋତେ ତୁ ଉଦ୍ଧର,

ରମୀ ଯେତେବେଳେ ପଦଟିକୁ ପୂରଣ କରି ଉତ୍ତର ଦେଲା, ସେତେବେଳକୁ ସବୁ ସରି ଯାଇଥିଲା—

ବେଗମ ସହିତ ସ୍ନେହ ହା ନାଥ ହାରିଲ ଦେହ
ପ୍ରାଣେ ମାଇଲା ଏ ରଜା ଗୁଆଁର ।

ଏହି ବୃତ୍ତାନ୍ତର ଦ୍ୱିତୀୟ କଥନିକାରେ ପରିଣାମଗତ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ କରଯାଏ । ଚଣ୍ଡୀ ଦାସ ଛାତଥିବା ଏକ ମେଲା ଘରେ ଗୀତ ଗାଉଥିଲାବେଳେ ଛାତଟି ଭାଙ୍ଗି ପଡ଼ିଲା । କବି-ଗାୟକ ତତ୍‌କ୍ଷଣାତ୍ ମୃତ୍ୟୁବରଣ କଲେ ଏବଂ ଏଥିରେ ବାତୁଳୀ ପ୍ରାୟ ହୋଇ ସେ ଗୃହର ମାଲିକାଣୀ ସାନ୍ତ୍ୱନାତୀତ ବିଳାପ କରିବାକୁ ଲାଗିଲେ ।

ଉତ୍ତରବଙ୍ଗବାସୀ ଜଗନ୍ନାଥ ଦାସଙ୍କଦ୍ୱାରା ସଙ୍କଳିତ କେତେକ ସାଧୁ-ସନ୍ଥ ନର-ନାରୀଙ୍କର ଜୀବନ ବୃତ୍ତାନ୍ତ ଓ ଉପାଖ୍ୟାନ ସମ୍ବଳିତ 'ଭକ୍ତ ଚରିତାମୃତ'ରୁ ଚତୁର୍ଥ ବୃତ୍ତାନ୍ତଟି ଗୃହୀତ । ଏହି ବୃତ୍ତାନ୍ତଟି ଲୋକ ଗଳ୍ପଧାରାକୁ ଅନୁସରଣ କରିଛି ।

ପୂର୍ବଦିଗବର୍ତ୍ତୀ ନନୁର ନାମକ ଯେଉଁ ଗ୍ରାମ ଥିଲା, ସେଠାରେ ଏକ ଉତ୍ତମ ବ୍ରାହ୍ମଣ ପରିବାର ବସବାସ କରୁଥିଲେ । ସେହି ପରିବାରର ସନ୍ତାନ ଚଣ୍ଡୀ ଦାସ ଜଣେ ସୁଡ଼ୌଳ ସୁନ୍ଦର ଯୁବକ ଥିଲେ; କିନ୍ତୁ ପାଠପଢ଼ାରେ ଆଦୌ ମନୋଯୋଗ ଦେଉନଥିଲେ । ପିତା ପାରୁପର୍ଯ୍ୟନ୍ତ ଚେଷ୍ଟାକଲେହେଁ ପୁଅକୁ ନିୟନ୍ତ୍ରଣ କରିପାରିଲେ ନାହିଁ । ବିରକ୍ତ ହୋଇ ଖାଦ୍ୟ ବଦଳରେ ପାଉଁଶ ଖାଇବାକୁ ଦେବାକୁ ସେ ସ୍ତ୍ରୀଙ୍କୁ କହିଲେ । ଜନନୀ କ'ଣ ଏପରି କରିପାରେ ? କିନ୍ତୁ ଏଣେ ପତିବ୍ରତା ପତ୍ନୀ ବି ପତିଙ୍କ ଇଚ୍ଛା ବିରୁଦ୍ଧରେ କ'ଣ ପୁରାପୁରି ଯାଇପାରେ ? ସେଥିପାଇଁ ସେ ପୁଅକୁ ପୂର୍ବଭଳି ଖାଦ୍ୟ ପରଷି ଦେଲେ ସିନା, ହେଲେ ଖାଦ୍ୟ ପାଖରେ ଚିମୁଟାଏ ପାଉଁଶ ମଧ୍ୟ ବାଢ଼ି ଦେଲେ । ଚଣ୍ଡୀ ଦାସ ଏପରି ହେବାର କାରଣ ମାଆଙ୍କୁ ପଚାରିବାରୁ ବାପାଙ୍କ ସେପରି ନିର୍ଦ୍ଦେଶ ବୋଲି ମାଆ ଜଣାଇ ଦେଲେ । ଏ କଥାରେ ଅଭିମାନ କରି ଚଣ୍ଡୀ ଦାସ ସଙ୍ଗେ ସଙ୍ଗେ ଘର ଛାଡ଼ି ଚାଲିଗଲେ । ଗାଁ ବାହାରେ ଥିଲା ବାସୁଳୀଙ୍କର ପବିତ୍ର ଉପବନ । ସେ ସେଠାକୁ ଆସି ଗଭୀର ମନୋଦୁଃଖରେ ଅନେକ ସମୟ ବସି ରହିଲେ । ମନେ ମନେ ପ୍ରାଣ ହରାଇ ଦେବାକୁ ସଙ୍କଳ୍ପ କରୁଥିବାବେଳେ ସ୍ୱୟଂ ବାସୁଳୀ ତାଙ୍କ ସମ୍ମୁଖରେ ଆବିର୍ଭୂତା ହୋଇ ତାଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କଲେ । ଚଣ୍ଡୀ ଦାସ ନିବେଦିଲେ, "ମୋ ବାପା-ମା ମୋତେ ଘରୁ ତଡ଼ି ଦେଇଛନ୍ତି, ଆଉ ଏ ସଂସାରରେ ବଞ୍ଚି ନରହିବା ମୋ ପକ୍ଷରେ ଶ୍ରେୟସ୍କର ।" ବାସୁଳୀ ତାଙ୍କୁ ପ୍ରବୋଧନା ଦେଇ ଏହି ଆଶିଷ ଦେଲେ ଯେ ସେ ତାଙ୍କୁ ଜଣେ ବିଖ୍ୟାତ କବି ଓ ପଣ୍ଡିତରେ ପରିଣତ କରିଦେବେ । ବାସୁଳୀଙ୍କ ନିର୍ଦ୍ଦେଶ ଶିରୋଧାର୍ଯ୍ୟ କରି ଚଣ୍ଡୀ ଦାସ ଘରମୁହାଁ ଫେରିଲେ ।

ଗାଁ ଭିତରକୁ ଠିକ୍ ସେ ପଶିବାକୁ ଗଲାବେଳକୁ ଅପରୂପା ଯୁବତୀ ଝିଅଟିଏ ଶୋଭନ ଭଙ୍ଗୀରେ ତା' କୁଟୀର ଦ୍ୱାରରେ ଠିଆ ହୋଇଥିବାର ଦେଖିଲେ । ସେ ଥିଲା ରଜକ ପରିବାରର ଝିଅ ତାରା । ଚଣ୍ଡୀ ଦାସ ତା'ର ଲୀଳାୟିତ ଭାବଭଙ୍ଗୀରେ

ଏକାନ୍ତ ମୁଗ୍ଧ ହେବା ସଙ୍ଗେ ସଙ୍ଗେ ହୃଦୟ ଓ ମନକୁ ତା'ଠାରେ ଅଜାଡ଼ି ଦେଇ ବସିଲେ । କୃଷ୍ଣ ପ୍ରଥମେ ରାଧାଙ୍କୁ ଦେଖି ଯେପରି ଅନୁଭବ କରିଥିଲେ, ସେହି ଭାବ ତାଙ୍କୁ ଘାରୁଥିଲା । ଘରେ ପହଞ୍ଚି ଚଣ୍ଡୀ ଦାସ ସଙ୍ଗେ ସଙ୍ଗେ ନିମ୍ନୋକ୍ତ ଗୀତଟି ଲେଖିବସିଲେ । ଏହା ଥିଲା ତାଙ୍କ କବିତା ଲାଗି ସର୍ବପ୍ରଥମ ଅନୁପ୍ରେରଣା । ଗୀତଟିର ଗଦ୍ୟାନୁବାଦ ହେବ ଏହିପରି—"ଆହା, କି ନୟନଭରା ରୂପ ! ଅନୁପମା ରୂପବତୀ ଏ ଯୁବତୀଟି କିଏ ? ଯେ ମୋ ହୃଦୟକୁ ଅଧିକାର କରି ବସିଲା । ମୁଁ ଏବେ ନିଜକୁ ସ୍ଥିର ରଖିପାରୁ ନାହିଁ । ଅପହୃତ ହୃଦୟରେ ଏ କି ଯନ୍ତ୍ରଣା ! ଅଶ୍ରୁର ଶୋଣିତ ବହି ବହି ଏ ପ୍ରାଣ ନିଃଶେଷ ହୋଇଯିବ ପରା ! ଧୈର୍ଯ୍ୟ ଧରିବା କଥାହିଁ କାହିଁ ? ମନ ମୋର ଅଥର୍ବ, ବିସ୍ମରଣଶୀଳ ଆଉ ଛାତି ଆକୁଳ ହୋଇଉଠୁଛି । କିଛି ହେଲେ କରିବାକୁ ମନ ଡାକୁନାହିଁ । ଏପରି ଅପ୍ରତ୍ୟାଶିତ ଭାବରେ କ'ଣ ଇଏ, ଯାହା ମୁଁ ଦେଖିଲି ? ଏ ଯେଉଁ ସୁନ୍ଦରୀକୁ ମୁଁ ଦେଖିଲି, ତା'ଠାରେ ମୋର ମନ-ନୟନ ଲାଖିଗଲା ଯାହା .... ଚଣ୍ଡୀ ଦାସ କହେ, ବାସୁଲୀଙ୍କ ଆଜ୍ଞା ପାଳନ କରିବାକୁ ଯାଇ ସେ ଜ୍ଞାନହରା ହୋଇଯାଇଛି ।"

ବାସୁଲୀଙ୍କ କୃପାରୁ ପ୍ରଣୟୀଙ୍କର ମିଳନ ଘଟିଲା ଓ ଯଥାଶୀଘ୍ର ଚଣ୍ଡୀ ଦାସ ଜଣାଶୁଣା କବିର ଖ୍ୟାତି ଅର୍ଜନ କଲେ ।

କେତେକ ବିକ୍ଷିପ୍ତ ସଙ୍ଗୀତ ଓ ତଜ୍ଜନିତ ଜ୍ୱଳନ୍ତ ସମସ୍ୟାବଳୀ ଷଷ୍ଠଦଶ ଶତାବ୍ଦୀରେ ରଚିତ କୌଣସି କୃତିରେ ଚଣ୍ଡୀ ଦାସଙ୍କ ନାମ ସଂଲଗ୍ନ କୌଣସି ଗୀତର ଉଦ୍ଧୃତି ମିଳେ ନାହିଁ କିମ୍ବା କୀର୍ତ୍ତନ ସଙ୍ଗୀତର ଆଦି ସଙ୍କଳନରେ ଏଭଳି କୌଣସି ଗୀତ ସଂଗୃହୀତ ହୋଇଥିବାର ଜଣାଯାଏ ନାହିଁ । ଏଭଳି କୌଣସି ପାଣ୍ଡୁଲିପି ଚଣ୍ଡୀ ଦାସଙ୍କର ସଙ୍ଗୀତ ବହନ କରେ ନାହିଁ ଯାହାକୁ ଆମେ ନିଶ୍ଚିତ ଭାବରେ ସପ୍ତଦଶ ଶତାବ୍ଦୀର ବୋଲି ଚିହ୍ନିତ କରିପାରିବୁ । ଏଭଳି ବିଚିତ୍ର ତଥ୍ୟ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଏହି ଅନୁମାନ କରାଯାଇଛି ଯେ ସେ ସମୟରେ ବୈଷ୍ଣବ ମଣ୍ଡଳୀରେ ଚଣ୍ଡୀ ଦାସଙ୍କର ଯେଉଁ ଗୀତଗୁଡ଼ିକ ଜଣାଥିଲା ସେଗୁଡ଼ିକ ସମ୍ଭବତଃ କୀର୍ତ୍ତନ ଗୀତର ସୁଲେଖକମାନଙ୍କ ଦ୍ୱାରା ଅନୁକୃତ ଓ ସଂଶୋଧିତ ହୋଇଛି ଓ ଏହି ଧାରାରେ ଚଣ୍ଡୀ ଦାସଙ୍କ ନାମ ପରିବର୍ତ୍ତେ ଅପର ନାମର ଉଲ୍ଲେଖ କରାଯାଇଛି । ଏପରି ବିକଳନ ମୁଖ୍ୟତଃ କୀର୍ତ୍ତନ ଗାୟକଙ୍କଦ୍ୱାରା ଘଟିଛି । କେତେକ ବା ସେଥିମଧ୍ୟରୁ ଅଧିକାଂଶ ଗୀତ ସମ୍ପର୍କରେ ଏହା ସତ୍ୟ ହୋଇପାରେ, ସବୁ ଗୀତ ସମ୍ପର୍କରେ କିନ୍ତୁ ସତ୍ୟ ହୋଇ ନପାରେ । ଏହାଠାରୁ ଆହୁରି ଏକ ଉତ୍ତମ ସ୍ପଷ୍ଟୀକରଣ ରହିଛି, ଯେଉଁଥିରେ ଅନୁମାନ କରାଯାଇଛି ଯେ ଚଣ୍ଡୀ ଦାସ ବିଦ୍ୟାପତି ତଥା ଆଦ୍ୟକାଳୀନ ଅନେକ ଦେଶୀୟ ସଙ୍ଗୀତ ରଚୟିତାଙ୍କ ପରି କେତେକ ସଙ୍ଗୀତରେ ବିଶେଷତଃ ଦ୍ୱିପଦୀ ଓ ଚତୁଷ୍ପଦୀମାନଙ୍କରେ ସ୍ୱନାମ ଦରଜ କରିନଥିଲେ । ଚୈତନ୍ୟ ମତ

ପ୍ରଚଳନର ଦୁଇ ଶତାବ୍ଦୀ ମଧ୍ୟରେ ରଚିତ କୀର୍ତ୍ତନ ସଂକଳନ ସମେତ ବୈଷ୍ଣବ ରଚନାବଳୀରେ ପ୍ରଚଳିତ ରୀତି ଅନୁଯାୟୀ ଦ୍ୱିପଦୀ ଓ ଚତୁଷ୍ପଦୀ ଗୀତମାନ "ଧ୍ରୁବଗୀତ" ବା "ଧୁୟା" ବୋଲି ନାମିତ ହେଉଥିଲା । ଚୈତନ୍ୟ ସନ୍ନ୍ୟାସ ଗ୍ରହଣ କଲାପରେ ଅଦ୍ୱୈତ ତାଙ୍କୁ ସ୍ୱଗୃହରେ ସ୍ୱାଗତ କରିବା ସମୟରେ ଚୈତନ୍ୟଙ୍କର ସହଚର ଓ ତାଙ୍କ ମତାନୁଗାମୀ ମୁକୁନ୍ଦ ନିମ୍ନୋକ୍ତ ଯେଉଁ ଚତୁଷ୍ପଦୀଟି ଗାନ କରିଥିଲେ ତାହା ଚଣ୍ଡୀ ଦାସଙ୍କ ଲେଖନୀ ନିଃସୃତ ବୋଲି ଅନୁମାନ କରିବାରେ କିଛି କ୍ଷତି ନାହିଁ ।

ହା ହା ପ୍ରାଣପ୍ରିୟା ସଖୀ କି ହୋଇଲା ମୋର ।
କାହ୍ନୁ ପ୍ରେମ ବିଷେ ମୋର ତନୁ ମନ ଜଡ଼ ।।
ରାତ୍ରି ଦିନ ପୋଡ଼େ ମନ ଶୋଇ ତ ନ ପାରି ।
ଯହିଁ ଗଲେ କାହ୍ନୁ ମିଳେ ତହିଁ ଯିବି ଉଡ଼ି ।।

ଜଣେ ଚଣ୍ଡୀ ଦାସ ସମୁତ୍ସାହୀ ପକ୍ଷରେ ଏ ଗୀତକୁ ପୂର୍ଣ୍ଣାଙ୍ଗ କରିବାକୁ ଯାଇ ଯେଉଁ ବିଭଙ୍ଗ, ମନଗଢ଼ା ପଦମାନ ଯୋଡ଼ାଯାଇଛି, ତାକୁ ସବୁ 'ଆବିଷ୍କାର' ବୋଲି ଦାବୀ କରିବା ବାସ୍ତବରେ ଏକାନ୍ତ ଅନାବଶ୍ୟକ ଥିଲା ।

କଡ଼ାକଡ଼ି ଭବରେ ବୈଷ୍ଣବ ସାହିତ୍ୟ ଅନ୍ତର୍ଭୁକ୍ତ ନଥିବା, ଗାନ କରାଯାଉଥିବା ଅଥବା ଗାନୋଦ୍ଦିଷ୍ଟ ଥିବା ଅଷ୍ଟାଦଶ ଶତାବ୍ଦୀର କେତେକ ବିବରଣାତ୍ମକ କାବ୍ୟ କବିତାରେ ଯେପରି 'ଧୁୟା' ସମ୍ବଳିତ ଦ୍ୱିପଦୀ ଗୀତମାନ ଦେଖାଯାଏ, ସେଗୁଡ଼ିକ ଆମକୁ ପୁରାତନ ଚଣ୍ଡୀ ଦାସ ଓ 'ଶ୍ରୀକୃଷ୍ଣ କୀର୍ତ୍ତନ'କୁ ମନେ ପକାଇ ଦିଏ । ଅଷ୍ଟାଦଶ ଶତାବ୍ଦୀର ଏକ ପାଣ୍ଡୁଲିପିରୁ ଏବର ହୁଗୁଳି ଜିଲ୍ଲାର 'କବିଚନ୍ଦ୍ର' ରାମକୃଷ୍ଣଙ୍କ ରଚିତ ସପ୍ତଦଶ ଶତାବ୍ଦୀର ଏକ 'ଶିବ' ବନ୍ଦନାରୁ ଧୁୟାଟିଏ ନିମ୍ନରେ ଦର୍ଶାଇ ଦିଆଗଲା—

ତୁମକୁ ଦେଖିଲେ ପ୍ରାଣ ଯେଷ୍ଣେ ପାଇ
ଦେଖା ଦେବା ପାଇଁ କେତେ ଧନ ଗ୍ରହି ?
ବଡ଼ାୟୀ ଗୋ ଆଉ ନ ଆସିବା ଏଇ ପଥେ ।
ମଜ୍ଜିଲା ମହତ୍ତ୍ୱ ମୋର ଗୋପାଳର ହାତେ ।
ବୁଢ଼ୀ ବୋଲେ ନାତିଆରେ ଅନା ଏଣେ ବାରେ ।
ହାତେ ନିଧି ପାଇ କେହୁ ତାକୁ ଛାଡ଼ି ପାରେ ?
ଆର ପାରେ ନେଇ ତୁମେ ରଖ ଏ ରାଧାକୁ ।
ଠିଆ ହୋଇ କେତେ ତାର ଦେଖିବ ବାଧାକୁ ?

□

ସହଜିୟା ଗୀତଗୁଡ଼ିକୁ ଲେଖିଲା କିଏ ?

ବୃନ୍ଦାବନରେ ସ୍ଥାୟୀ ଭବରେ ବାସକରି ଲେଖାଲେଖି କରିବା ପୂର୍ବରୁ ଉତ୍ତରଗଡ଼ ଓ ଦକ୍ଷିଣ ବରେନ୍ଦ୍ରୀ ଅଞ୍ଚଳମାନଙ୍କରୁ ଆସିଥିବା ଏବଂ ଷୋଡ଼ଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିବା ସନାତନ, ଜୀବ (ଗୋସ୍ୱାମୀ) ଓ କୃଷ୍ଣ ଦାସ-ସମସ୍ତଙ୍କ ଦ୍ୱାରା କୃଷ୍ଣ ପ୍ରେମଲୀଳା ସମ୍ବଳିତ ସଙ୍ଗୀତ ଅଥବା କବିତାର ଏକ ବିଲକ୍ଷଣ ସ୍ରଷ୍ଟା ଭବରେ ଚଣ୍ଡୀ ଦାସ ଉଲ୍ଲିଖିତ ହୋଇଛନ୍ତି । ଏହା ପରେ ଅନ୍ୟୁନ ଦୁଇଟି ଶତାବ୍ଦୀର ଗତିପ୍ରବାହରେ ସାହିତ୍ୟ କ୍ଷେତ୍ରରେ କେବଳ ତାନ୍ତ୍ରିକ ବୈଷ୍ଣବ ଧାରାର ଜଣେ ମାନ୍ୟତା ପ୍ରାପ୍ତ ସାଧକ ଓ ଏହି ପନ୍ଥାର ତତ୍ତ୍ୱନିର୍ଦ୍ଦେଶାତ୍ମକ ସଙ୍ଗୀତ ରଚୟିତା ଭବରେ ଚଣ୍ଡୀ ଦାସଙ୍କୁ ଉପସ୍ଥାପନ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ସେହି ସଂକ୍ରାନ୍ତରେ ତାଙ୍କୁ ସ୍ମରଣ କରାଯାଇଛି । ସହଜିୟା ପନ୍ଥାର ଲେଖକମାନଙ୍କ ଦ୍ୱାରା ଚଣ୍ଡୀ ଦାସଙ୍କର ଯେଉଁ ଗୀତଗୁଡ଼ିକ (ଅଥବା ଗୀତର ଧ୍ରୁବ ପଦମାନ) ବ୍ୟବହୃତ ହୋଇଛି ସେଗୁଡ଼ିକ ଅଧିକାଂଶ ସ୍ପଷ୍ଟତଃ ଗୁହ୍ୟାର୍ଥ ବା ପ୍ରତୀକଧର୍ମୀ ଅଥବା ସେହି ଭବରେ ସେଗୁଡ଼ିକ ଅର୍ଥ ବହନ ସମର୍ଥ । ଏହିଭଳି କେତେକ ସଙ୍ଗୀତକୁ ଆଶ୍ରୟ କରି କବିଙ୍କର ଜୀବନ ସମ୍ବନ୍ଧୀୟ ବୃତ୍ତାନ୍ତମାନ ଯେ ସାଧାରଣ ଭବରେ ଚୟନ କରାଯାଇଛି, ତାହା ଆମେ ଦେଖିବେ । ବର୍ତ୍ତମାନ ପ୍ରଶ୍ନ ହେଉଛି— ଯେଉଁ ଚଣ୍ଡୀ ଦାସଙ୍କୁ ଚୈତନ୍ୟ ଓ ତାଙ୍କର ସମକାଳୀନମାନେ ସମାଦର କରିଛନ୍ତି ସେହି ଚଣ୍ଡୀ ଦାସ କବି କ'ଣ ଏହି ଗୁହ୍ୟାତ୍ମକ ପ୍ରତୀକଧର୍ମୀ ସଙ୍ଗୀତ ସବୁ ରଚନା କରିଥିଲେ ? ଚଣ୍ଡୀ ଦାସ ସମ୍ବନ୍ଧୀୟ ତଦ୍‌ବିଦ୍‌ମାନେ କହନ୍ତି, 'ନା' । ତୁଳନାତ୍ମକ ଭବରେ ପ୍ରଥମକାଳୀନ ବୋଲି ଚିହ୍ନିତ ହେଉଥିବା ସଙ୍ଗୀତମାନଙ୍କର ସାହିତ୍ୟିକ ଗୁଣ ଏଭଳି ଅକିଞ୍ଚିତ୍‌କର ଯେ ଅନ୍ୟ ଗୀତସବୁର ରଚୟିତା ଭବରେ ପରିଚିତ ଚଣ୍ଡୀ ଦାସଙ୍କ ପରି ସୁକବିଙ୍କର ରଚନା ଭବରେ ସେଗୁଡ଼ିକ ଗ୍ରହଣ କରିବା ସମୀଚୀନ ବୋଧହୁଏ ନାହିଁ । ଏ ଯେଉଁ ପ୍ରତିବାଦ ଉତ୍‌ଥାପିତ ହୋଇଛି, ତାକୁ ରଦ୍ଦ କରିଦେବା ସହଜସାଧ୍ୟ ନୁହେଁ; ମାତ୍ର ସବୁସତ୍ତ୍ୱେ ଏ ସମ୍ବନ୍ଧରେ ଦ୍ୱିତୀୟବାର ଚିନ୍ତା କରିବାର ଅନୁକୂଳ ପରିସ୍ଥିତି ରହିଛି, କହିବାକୁ

ହେବ । ସହଜ (ଏହି ସଂଜ୍ଞାଟିକୁ ମୁଁ ଗୁହ୍ୟଠାରୁ ଯଥାର୍ଥ ବୋଲି ଗ୍ରହଣ କରୁଥିଲେ ବି ସାଧାରଣ ପାଠକଙ୍କର ଏହା ସ୍ପଷ୍ଟ ବୋଧଗମ୍ୟ ହୋଇପାରୁ ନଥିବ) ପଦ୍ଧତି ବା ଉପାସନା ଏବଂ ପରକୀୟା (ଆକ୍ଷରିକ ଅର୍ଥରେ ଅନ୍ୟର ସ୍ତ୍ରୀ) ପୂଜା ବା ସାଧନା ଚୈତନ୍ୟ, ସ୍ୱରୂପ ଦାମୋଦର, ରଘୁନାଥ ଦାସ ଓ କୃଷ୍ଣଦାସ କବିରଜମାନଙ୍କର ପରବର୍ତ୍ତୀ କାଳରେ ଯେ ପ୍ରଚଳିତ ହୋଇ ନଥିଲା, ଏହି ତଥ୍ୟ ସାଧାରଣରେ ଗୃହୀତ ।

ଅଷ୍ଟମ ଶତାବ୍ଦୀ କିମ୍ବା ତତ୍‌ପୂର୍ବବର୍ତ୍ତୀ ସମୟରୁ ବଙ୍ଗଦେଶ ତଥା ପୂର୍ବଭରତର ଅନ୍ୟ ଅଞ୍ଚଳରେ ବ୍ୟାପକ ପ୍ରଚଳନ ଲଭ କରିଥିବା ତନ୍ତ୍ରପ୍ରଧାନ ମହାଯାନ ବୌଦ୍ଧଧର୍ମ ଉପରେ ଭକ୍ତି ଉପାସନାର ଏକ ଆରୋପଣ ଭବରେ ଏହାର ଅଭିବୃଦ୍ଧି ଘଟିଥିଲା । ମହାଯାନୀ ତନ୍ତ୍ରବାଦରେ ମଧ୍ୟ ଭକ୍ତିର ସତ୍ତ୍ୱ ଅନ୍ତର୍ଜଡ଼ିତ ଥିଲା ମହାଯାନ ଭକ୍ତିସତ୍ତ୍ୱଟି କୃଷ୍ଣବାଦରେ ଏକାକାର ହୋଇଯିବାରୁ କ୍ରମଶଃ ପରିଣାମତଃ ତନ୍ତ୍ରପ୍ରଧାନ ମହାଯାନ ଏକ ଅଭିନବ ରହସ୍ୟମୂଳକ (ଗୁହ୍ୟାତ୍ମକ) ବୈଷ୍ଣବ ତନ୍ତ୍ରବାଦ ଭବରେ ବଢ଼ିଉଠିଲା । ମତାନୈକ୍ୟ କ୍ରମଶଃ ଦୃଢ଼ ହେଲା । ମହାଯାନ ଭକ୍ତି (କେତେକ ତନ୍ତ୍ରସତ୍ତ୍ୱ ସମେତ) କୃଷ୍ଣବାଦରେ ସମାରୋପିତ ହେଲାବେଳକୁ ହିନ୍ଦୁ ତନ୍ତ୍ରବାଦ ଆପଣାକୁ ସୁପ୍ରତିଷ୍ଠିତ କରି ସାରିଥିଲା । ଏସବୁ ଚୈତନ୍ୟଙ୍କ ଜୀବନକାଳ ମଧ୍ୟରେ ଘଟିଥିଲା ଏବଂ ପରମେଶ୍ୱରଙ୍କଠାରେ ତାଙ୍କର ଯେଉଁ ନିଶ୍ଛିଦ୍ର ଭକ୍ତି ଥିଲା, ତଦ୍ଦ୍ୱାର ଏହି ନବ୍ୟ ତନ୍ତ୍ରବାଦୀ ବୈଷ୍ଣବ ମତବାଦରୁ କ୍ଲେଦ ଓ ଅଶ୍ଳୀଳତାର ନିଦର୍ଶନମାନ ବିଦୂରିତ ତଥା ମାର୍ଜିତ ହୋଇଯାଇଥିଲା । ସ୍ୱରୂପ ଦାମୋଦର (ଚୈତନ୍ୟଙ୍କର ଅନ୍ତରଙ୍ଗ ସଖା, ଭଗବଦ୍ଦତ୍ତ ଗାୟନ ପାଟବତା ଲଭ କରିଥିବା ବ୍ୟକ୍ତି ଯେ ସ୍ୱାମିନୀଙ୍କୁ ଚଣ୍ଡୀ ଦାସ ତଥା ଅନ୍ୟ କବିମାନଙ୍କର ସଙ୍ଗୀତ ଗାଇ ଶୁଣାଉଥିଲେ), ରଘୁନାଥ ଦାସ (ସ୍ୱରୂପଙ୍କର ଏକମାତ୍ର ଶିଷ୍ୟ) ଏବଂ କୃଷ୍ଣ ଦାସ କବିରଜ (ରଘୁନାଥଙ୍କର ଏକନିଷ୍ଠ ପ୍ରଶଂସକ) ହେଉଛନ୍ତି ତିନିଜଣ ବ୍ୟକ୍ତି, ଯେଉଁମାନେ ସ୍ତ୍ରୀ-ପୁରୁଷ ମଧ୍ୟରେ ଥିବା ପାର୍ଥିବ, ନିଷିଦ୍ଧ ରତ୍ୟାତ୍ମକ ପ୍ରୀତି ଭଳି ରଗାନୁଗା ପ୍ରେମାନୁସୃତି ମାଧ୍ୟମରେ ଈଶ୍ୱର ପ୍ରାପ୍ତିର ଉକ୍ତ ଅଭିନବ ପଦ୍ଧତି ବା ମାର୍ଗ ନିର୍ଦ୍ଦେଶ କରିବା କ୍ଷେତ୍ରରେ ପ୍ରମୁଖ ଭଗୀଦାର । କୃଷ୍ଣଙ୍କ ପ୍ରତି ରଧାଙ୍କର ପ୍ରେମ ଯେପରି ଅନ୍ତର୍ଘନ ଓ ମୁକ୍ତ, ତାହା ଆତ୍ମାର ଚୂଡ଼ାନ୍ତ ଅନୁଭବକୁ ପ୍ରତୀକିତ କରିବାରେ ସେଥିପାଇଁ ସର୍ବାଧିକ ସୁପ୍ରଯୁକ୍ତ ଭବଧାର । ରଧା କୃଷ୍ଣଙ୍କର ପତ୍ନୀ ନୁହନ୍ତି, ତେଣୁ ସେମାନଙ୍କର ସଂଯୋଗ ସମାଜ ଦୃଷ୍ଟିରୁ ସର୍ବଥା ଦୂଷଣୀୟ । ନିଜ ସ୍ୱାମୀ ବ୍ୟତୀତ ଅନ୍ୟ କାହାଠାରେ କୌଣସି ନାରୀର ପ୍ରେମ ଅଧିକ ରସଘନ ଓ ନିବିଡ଼ । ଏପ୍ରକାର ପ୍ରେମ ପରକୀୟା ବୋଲି ପରିଚିତ । ସନାତନ ତଥାପି ସୁଲତାନର ସେବାରେ ନିଯୁକ୍ତ ଥିଲାବେଳେ ଚୈତନ୍ୟ ଯେଉଁ ସଂସ୍କୃତ ଶ୍ଳୋକଟି ଲେଖି ତାଙ୍କ ପାଖକୁ ପଠାଇଥିଲେ ସେଥିରେ ଉପର ଭବଧାରର ସ୍ପଷ୍ଟ ଆଭସ ମିଳେ । —

ପରବ୍ୟସନିନୀ ନାରୀ ବ୍ୟଗ୍ରାପି ଗୃହକର୍ମେଷୁ ।
ତଦ୍ ଏବାସ୍ୱାଦୟନ୍ତ୍ୟାନ୍ତର୍ନବ ସଙ୍ଗରସାୟନମ୍ ।।

'ନିଜର ହୋଇ ନଥିବା ପୁରୁଷଟିଠାରେ ହୃଦୟକୁ ସମର୍ପଣ କରିଦେଇଥିବା ନାରୀଟି ପ୍ରେମିକ ସହ ପ୍ରତ୍ୟାଶିତ ମିଳନ-ସୁଖ ବିଷୟ ଭବି ଭବି ଆନନ୍ଦରେ ବିଭୋର ହୋଇପଡୁଥିଲ ବେଳେ ନିତିଦିନିଆ ଘରକରଣାରେ ମଧ୍ଯ ଲେଟି ଯାଉଥାଏ ।'

ଗୀତଟିଏ ହୋଇଥିବ, ତା'ର ଅର୍ଥ ହେଉଥିବ ଦୁଇପ୍ରକାର- ଗୋଟିଏ ଆକ୍ଷରିକ, ଅନ୍ୟଟି ନିଗୁଢ଼ ବା ସାଙ୍କେତିକ ଭବରେ ଅଧ୍ୟାତ୍ମ ସନ୍ଦେଶ ବହନ କରୁଥିବ, ଏଭଳି ଗୀତସବୁ ବଙ୍ଗଳା ସାହିତ୍ୟ ସୃଷ୍ଟିର ଆଦିଯୁଗରୁ ଚଳି ଆସିଅଛି । ଚର୍ଯ୍ୟାପଦ-ମାନଙ୍କର ପରମ୍ପରା ଚଣ୍ଡୀ ଦାସ ଓ ଅନ୍ୟମାନଙ୍କର ରହସ୍ୟଧର୍ମୀ ସଙ୍ଗୀତମାନଙ୍କରେ ପୁନରଭ୍ୟୁଦିତ ହୋଇଛି । ଏହି ପରମ୍ପରା ଅବଲୁପ୍ତ ହୋଇଯାଇଥିଲା ଏବଂ ଶତାବ୍ଦୀ ଶତାବ୍ଦୀର ବିନିଦ୍ରତା ପରେ ନୂତନ ଏକ ସର୍ଜନ ଭବରେ ସହଜିୟା ସଙ୍ଗୀତ-ମାନଙ୍କରେ ଯେ ପୁନର୍ଦୃଷ୍ଟ ହୋଇଛି, ଏପରି ଅନୁମାନର କୌଣସି କାରଣ ନାହିଁ । ବସ୍ତୁତଃ ଏଭଳି ସାଙ୍କେତିକ, ରହସ୍ୟଧର୍ମୀ ପ୍ରହେଳିକା-ଗୀତ ବା ଦ୍ୱିପଦୀମାନ ଏପରିକି ଷୋଡ଼ଶ ଶତାବ୍ଦୀର ଆଦ୍ୟପାଦରୁ ସାଧାରଣରେ ପ୍ରଚଳିତ ଥିଲା । ଏପ୍ରକାର ରଚନା ରୀତିର ଜଣେ ଜଣାଶୁଣା ମାନ୍ୟତାପ୍ରାପ୍ତ ଅନୁଗାମୀ ହେଉଛନ୍ତି ଅଦ୍ୱୈତାଚାର୍ଯ୍ୟ ।

ଅତଏବ ଗୁହ୍ୟାର୍ଥ ସମ୍ବଳିତ ଗୀତଟିର ମୌଳିକ ସର୍ଜନଗତ ବିଶୁଦ୍ଧତା ଅର୍ଥାତ୍ ତହିଁରେ ଚଣ୍ଡୀ ଦାସଙ୍କର ସମାବେଶପଣଗତ ନିର୍ଦ୍ଦିଷ୍ଟତାକୁ ପ୍ରଥମ ଦୃଷ୍ଟିରେ ଆଭ୍ୟନ୍ତରିକ ପ୍ରମାଣାବଳୀ, ଯଥା—ଏହାର ବିଷୟବସ୍ତୁ, ଏହାର ଭଷା, ଏହାର ବ୍ୟାକରଣଗତ ବ୍ୟବହାର ରୀତି ଓ ଏହାର ଛନ୍ଦ ଇତ୍ୟାଦିରୁ ନିରୂପଣ କରିବାକୁ ହେବ । ଦୃଷ୍ଟାନ୍ତ ସ୍ୱରୂପ ଚଣ୍ଡୀ ଦାସଙ୍କର୍ ନାମାଙ୍କିତ କେତେକ ଗୀତରେ 'ପ୍ରେମ' ଅର୍ଥରେ 'ଆସ୍‌କ' ଶବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭଗ ପର୍ଯ୍ୟନ୍ତ ଏହି ଆରବୀ ଶବ୍ଦଟି କ୍ୱଚିତ୍ କେଉଁଠି ବ୍ୟବହୃତ ହୋଇଥିବାର ଦେଖିବାକୁ ମିଳେ । ଏପରି ଏକ ଗୀତ ଏବଂ ଖୁବ୍ ସଂକ୍ଷେପରେ କହିଲେ ଏପରି ଏକ ଗୀତର ପରିଣତୀକରଣ ଯାହା ସବୁ ଆମକୁ ମିଳୁଛି, ସେ ସବୁ ତତ୍‌ପୂର୍ବବର୍ତ୍ତୀ କଥାହିଁ କାହିଁ, ଷୋଡ଼ଶ ଶତାବ୍ଦୀର କୌଣସି କବିର ଲେଖନୀରୁ ନିଃସୃତ ହୋଇ ନ ପାରେ । ଏକାଧିକ ବ୍ୟକ୍ତି ସ୍ୱନାମରେ ଅଥବା ଛଦ୍ମ ନାମରେ ଯେଉଁ ସହଜିୟା ଗୀତମାନ ଲେଖିଛନ୍ତି, ସେଗୁଡ଼ିକରେ ଚଣ୍ଡୀ ଦାସଙ୍କର ନାମକୁ ନିଶ୍ଚିତ କଳ୍ପନାବଶତଃ ଗ୍ରହଣ କରି ନିଆଯାଇଛି । ଏଭଳି ଦୁଇଜଣ ଚଣ୍ଡୀ ଦାସଙ୍କୁ ଅଭିନ୍ନତଃ ଚିହ୍ନିତ କରିବା ଉଦ୍ୟମରୁ ଏହା ବେଶ୍ ସ୍ପଷ୍ଟ ହୋଇଯାଉଛି । ଜଣେ ହେଉଛନ୍ତି ଷୋଡ଼ଶ ଶତାବ୍ଦୀ ଅପରାର୍ଦ୍ଧ ପରବର୍ତ୍ତୀ ନରୋତ୍ତମ ଦାସଙ୍କର ଶିଷ୍ୟ ଓ

ଅନ୍ୟ ଜଣକ ଅଷ୍ଟାଦଶ ଶତାବ୍ଦୀର ଶେଷ ପ୍ରାନ୍ତର ଅନ୍ୟ ନାମ ବିଶେଷତଃ ଲେଖକୀୟ 'ତରୁଣୀ ରମଣ' ନାମ ବହନ କରିଥିବା ବ୍ୟକ୍ତି । ସହଜିୟା ପନ୍ଥାର ପ୍ରାୟ ସମସ୍ତ ରଚକ ଲେଖିଛନ୍ତି ଯେ 'ସହଜ' ପନ୍ଥା ବା ପରକୀୟା ସାଧନାର ନରୋତ୍ତମ ଦାସ ହେଉଛନ୍ତି ଜଣେ ପ୍ରଧାନ ନେତୃସ୍ଥାନୀୟ ଅନୁଗାମୀ (ସାଧକ) ।

ଉକ୍ତ ପନ୍ଥାର ନେତୃତ୍ୱଧାରୀ ପରବର୍ତ୍ତୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଜୟଦେବ ତଥା ବୃନ୍ଦାବନର ଗୋସ୍ୱାମୀ ଗୁରୁବୃନ୍ଦଙ୍କୁ କେବଳ ଆଳଙ୍କାରିକ କର୍ତ୍ତା ସତ୍ତ୍ୱ ଭାବରେ ଅଭିହିତ କରାଯାଇଛି ଏବଂ 'ସହଜ' କିମ୍ବା 'ପରକୀୟା' ସହ ସେମାନଙ୍କ ସମ୍ବନ୍ଧ ସେମାନଙ୍କ ସହ ଜଡ଼ିତ ଜଣେ ଜଣେ ସଙ୍ଗିନୀଙ୍କୁ ନେଇ ନିର୍ଦ୍ଧାରଣ କରାଯାଇଛି । କୃଷ୍ଣ ଦାସ କବିରାଜଙ୍କୁ ମଧ୍ୟ ଜଣେ ଗୁରୁଶ୍ରେଣୀଭୁକ୍ତ କରାଯାଇଛି, ହେଲେ ତାଙ୍କର ସମ୍ବନ୍ଧ ହେଉଛି ପ୍ରତ୍ୟକ୍ଷ । ତାଙ୍କର 'ଚୈତନ୍ୟ ଚରିତାମୃତ' ଏକାନ୍ତ ମୌଳିକ ଓ ଉକ୍ତ ପନ୍ଥାର ଅତ୍ୟନ୍ତ ପବିତ୍ର ଧର୍ମଗ୍ରନ୍ଥ ଭାବରେ ବିବେଚିତ ହୁଏ । ସେମାନଙ୍କର ପ୍ରକୃତ ଗୁରୁମାନଙ୍କ ମଧ୍ୟରୁ ଏକତମ ନରୋତ୍ତମ ଦାସ କୃଷ୍ଣ ଦାସଙ୍କ କୃତି ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ହୋଇଥିବାର ଜଣାଯାଏ । ନରୋତ୍ତମ ଦାସ ଗୃହସ୍ଥ ଜୀବନ ପରିହାର କରି ନଥିଲେ ସତ, କିନ୍ତୁ ସେ ବିବାହ କରି ନଥିଲେ କିମ୍ବା ବଂଶଗତ ସମ୍ପତ୍ତି ପ୍ରତି କୌଣସି ଆଗ୍ରହ ପ୍ରକାଶ କରି ନଥିଲେ । ଭକ୍ତି, ପ୍ରାର୍ଥନା ଓ ସଂଗୀତମୟ ଜୀବନ ସେ ଯାପନ କରିଥିଲେ ।

ତାଙ୍କର କେତେକ ସହଚର ଓ ସଂଗଠନମାନଙ୍କର ସହଯୋଗରେ ତାଙ୍କ ନିଜସ୍ୱ ଉଦ୍ୟମଦ୍ୱାରା କୀର୍ତ୍ତନ ରୀତିର ସଙ୍ଗୀତଧାରାର ସ୍ଫୁରଣ ଘଟିଥିଲା । ସଙ୍ଗୀତକୁ ବୈଷ୍ଣବ ସାଧନାର ମୁଖ୍ୟ ଅଙ୍ଗ ଭାବରେ ସର୍ବପ୍ରଥମେ ଆଦରି ନେଇଥିଲେ ଏହି ନରୋତ୍ତମ ଦାସ । ନରୋତ୍ତମ ସହଜିୟା ନଥିଲେ । କେବଳ ଯେଉଁ ସହଜିୟାମାନେ ସଙ୍ଗୀତକୁ ସାଧନାର ମାଧ୍ୟମ ରୂପେ ଗ୍ରହଣ କରିଥିଲେ, ସେହିମାନଙ୍କ ଉକ୍ତି ବ୍ୟତୀତ ନରୋତ୍ତମ ସହଜିୟା ଥିବାର ସେପରି କୌଣସି ପ୍ରମାଣ ନାହିଁ । ସେ ସେପରି କୌଣସି ରହସ୍ୟଧର୍ମୀ ଗୀତ ଲେଖି ନଥିଲେ, ମାତ୍ର ଏ ସମ୍ପର୍କରେ ସେ ଜ୍ଞାତ ଥିବାର ସମ୍ଭାବନା କରାଯାଇପାରେ । ନରୋତ୍ତମ ଜଣେ କାୟସ୍ଥ ଥିଲେ ; କିନ୍ତୁ ତାଙ୍କର ଅନେକ ଶିଷ୍ୟ ଥିଲେ ବ୍ରାହ୍ମଣ । ସେମାନଙ୍କ ମଧ୍ୟରେ ଜଣେ ଥିଲେ ଚଣ୍ଡୀ ଦାସ । ସେ ଗୀତ ଲେଖିଲେ ଏବଂ ତାଙ୍କର ଗୋଟିଏ ଗୀତ ମଧ୍ୟ ସେହି ଗୁରୁଙ୍କ ବନ୍ଦନା ସମ୍ବଳିତ । ମୁଁ ଅନୁମାନ କରୁଛି ଯେ 'ଦ୍ୱିଜ' ଚଣ୍ଡୀ ଦାସ ସହଜିୟା ଗୀତମାନଙ୍କ ମଧ୍ୟରୁ ପୁରାତନ ଗୀତଗୁଡ଼ିକର ରଚୟିତା ଥିଲେ ଓ ସେହି ଗୀତମାନଙ୍କ ମଧ୍ୟରୁ ବେଶ୍ କିଛି ଗୀତ ହେଉଛି 'ରାଧାକୃଷ୍ଣ' ଆଖ୍ୟାନ ମୂଳକ । କ୍ଷେତ୍ରୀଠାରେ ରାଧା ଓ କୃଷ୍ଣ ତଥା ଚୈତନ୍ୟ ଓ ନିତ୍ୟାନନ୍ଦଙ୍କର ପ୍ରତିମୂର୍ତ୍ତି ସ୍ଥାପନା ଓ ପ୍ରତିଷ୍ଠା ଅବକାଶରେ ନରୋତ୍ତମ ଯେଉଁ ମହୋତ୍ସବର ଆୟୋଜନ କରିଥିଲେ ସେଥିରେ ପ୍ରାୟ ସମସ୍ତ ନେତୃସ୍ଥାନୀୟ ବୈଷ୍ଣବ ଏକତ୍ର ସମ୍ମିଳିତ ହୋଇଥିଲେ । କୀର୍ତ୍ତନ ସଙ୍ଗୀତ

ସେହିଠାରେ ସର୍ବପ୍ରଥମେ ଅଧୁନା ପରିଦୃଷ୍ଟ ରୂପ ବରଣ କଲା । ଏହା ଉକ୍ତ ଅଛି ଯେ ସେଠାରେ ଚଣ୍ଡୀ ଦାସଙ୍କର ଗୀତ ଗାନ କରାଯାଇଥିଲା ଓ ଅନେକ ଆଦର ଲଭ କରିଥିଲା । ଏଠାରେ ଚଣ୍ଡୀ ଦାସଙ୍କ ସହ ସମ୍ବନ୍ଧିତ ହୋଇ ବିଦ୍ୟାପତିଙ୍କର ସଙ୍ଗୀତମାନଙ୍କର କୌଣସି ସ୍ୱତନ୍ତ୍ର ଉଲ୍ଲେଖ ନ ଥିବାରୁ ମୁଁ ମନେକରେ ଯେ ଏହି ଚଣ୍ଡୀ ଦାସ ହେଉଛନ୍ତି ନରୋତ୍ତମ ଦାସଙ୍କର ଶିଷ୍ୟ ସେହି ଦ୍ୱିଜ ଚଣ୍ଡୀ ଦାସ ।

ଚଣ୍ଡୀ ଦାସଙ୍କର କେତେକ ଗୀତରେ ସମ୍ମାନସୂଚକ 'ଦ୍ୱିଜ'ର ଭଣିତା ଏ କ୍ଷେତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା 'ବଡ଼ୁ'ର ବୈପରୀତ୍ୟବୋଧକ । 'ବଡ଼ୁ' ଉପାଧି ବ୍ୟବହାର କରନ୍ତୁ, ନ କରନ୍ତୁ ଚୈତନ୍ୟଙ୍କୁ ଯେଉଁ ବୟୋଜ୍ୟେଷ୍ଠ ଚଣ୍ଡୀ ଦାସଙ୍କର ଗୀତଗୁଡ଼ିକ ଜଣାଥିଲା ସେ ସମ୍ଭବତଃ ବ୍ରାହ୍ମଣ ନଥିଲେ । ଏହି ଦ୍ୱିତୀୟ ଚଣ୍ଡୀ ଦାସ ହେଉଛନ୍ତି ବ୍ରାହ୍ମଣ ଓ ସେ ତାଙ୍କର ଗୀତଗୁଡ଼ିକୁ ପୂର୍ବଜଙ୍କଠାରୁ ଅଲଗା କରି ଚିହ୍ନାଇବାକୁ ଯାଇ ଯେଉଁଠାରେ ଗୀତର ପଦମେଳକ ସୁବିଧାଜନକ ହେଉଥିଲା ସେଠାରେ ସେ ତାଙ୍କର ଜାତିସୂଚକ 'ଦ୍ୱିଜ' ପଦଟିକୁ ବସାଇ ଦେଇଛନ୍ତି । ତୁଳନାତ୍ମକ ଭବରେ ଅଧୁନାତନ କାଳରେ 'ଚଣ୍ଡୀ ଦାସ'ଙ୍କର କେତେକ ଗୀତରେ ସୁପରିଚିତ 'ଦ୍ୱିଜ' ବଦଳରେ 'ବଡ଼ୁ' ସ୍ଥାନ ପାଇଛି (ଏବଂ ସମ୍ଭବତଃ ଓଲଟା ବି ହୋଇପାରେ) ।

ମୁଁ ଏଠାରେ ଅନୁବାଦ ମାଧ୍ୟମରେ 'ଦ୍ୱିଜ' ଚଣ୍ଡୀ ଦାସକୃତ ତିନିଗୋଟି ଗୀତ ଉଦ୍ଧାର କରୁଛି ।—

[ମୂଳ ବଙ୍ଗଳା ଭଷାରେ ଲିଖିତ ପ୍ରଥମ ଗୀତଟି ସୁଲଭ ହେବାରୁ ନିମ୍ନରେ ପ୍ରଦତ୍ତ ହେଲା ।]

(୧)

[ଶ୍ରୀ ରାଧାର ଉକ୍ତି—ନାମ ଶ୍ରବଣେ]

ସଇ କେବା ଶୁନାଇଲ ଶ୍ୟାମ ନାମ ।
କାନେର ଭିତର ଦିୟା ମରମେ ପଶିଲ ଗୋ
ଆକୁଲ କରିଲ ମୋର ପ୍ରାନ ।।
ନା ଜାନିୟେ କତ ମଧୁ ଶ୍ୟାମ ନାମେ ଆଛେ ଗୋ
ବଦନ ଛାଡ଼ିତେ ନାହି ପାରେ ।
ଜପିତେ ଜପିତେ ନାମ ଅବଶ କରିଲ ଗୋ
କେମନେ ବା ପାସରିବ ତାରେ ।।

ନାମ ପରତାପ ଯାର ଐଛନ କରିଲ ଗୋ
ଅଙ୍ଗେର ପରଶେ କିବା ହୟ ।
ଯେଖାନେ ବସତି ତାର ନୟନେ ଦେଖିୟା ଗୋ
ଯୁବତୀ ଧରମ କୈଛେ ରୟ ।।
ପାସାରିତେ କରି ମନେ ପାସରା ନା ଯାୟ ଗୋ
କି କରିବ କି ହବେ ଉପାୟ ।
କହେ ଦ୍ୱିଜ ଚଣ୍ଡୀ ଦାସେ କୁଲବତୀ କୁଲ ନାଶେ
ଆପନାର ଯୌବନ ଯାଚୟ ।।

ସଙ୍ଗୀତଟିର ଓଡ଼ିଆ ଅନୁବାଦ :—

ସହି, କିଏ ଶୁଣାଇଲା ଶ୍ୟାମ ନାମ
କର୍ଣ୍ଣର ଭିତର ଦେଇ ମରମେ ପଶିଲା ଗୋ
ଆକୁଳ କରିଲା ମୋର ପ୍ରାଣ ।।
ଜାଣେନା ମୁଁ କେତେ ମଧୁ ଶ୍ୟାମ ନାମେ ଅଛି ଗୋ
ମୁଖରୁ ତ ନାହିଁ ଛାଡ଼ି ପାରେ ।
ଜପି ଜପି ସେହି ନାମ ଅବଶ ତ ହେଲି ଗୋ
କେସନେ ଭେଟିବି ମୁହିଁ ତାରେ ।।
ନାମର କି ତାପ ତାର ଉଛନ୍ନ ତ କଲା ଗୋ
ଅଙ୍ଗ ପରଶେ କିବା ନ ହେବ ।
ଯେଉଁଠି ସେ କରେ ବାସ ଦେଖି ତାକୁ ଡୋଳେ ଗୋ
ଯୁବତୀ ଧରମ କି ରହିବ ।।
ପାସୋରିବ କଲେ ମନ ପାସୋରି ହୁଏନା ଗୋ
କି ହେବ କି ଉପାୟ କରିବ ।
କହେ ଦ୍ୱିଜ ଚଣ୍ଡୀ ଦାସ କୁଳବତୀ କୁଳନାଶ—
କରି ହିଁ ତା ଯୌବନ ଯାଚିବ ।।

(୬)

ଇଂରଜୀର ପଦ୍ୟାନୁବାଦ :—

ନାଗରବର ମୋହନ ପ୍ରିୟ ହେ ମୋର
ଅଛି କିଏ ତୁମ ସରି ଯେ ପାରେ ପରାଣ ହରି
ଅବଳା କିଶୋରୀ ମଣିଟିର ।।

ଏ ଘର ମୋହର ହୋଇ　　　　　　　　　　　ରହିଲା ତ ଆଉ ନାହିଁ
ଘରଠାରୁ ଘର ହେଲା ଦୂର ।
ଅଜଣା ଜଣେ କେ ଆସି　　　　　　　　　　ହୃଦେ ମୋର ଗଲା ପଶି
ଜଣା ଯେତେ ଲାଗିଲେଣି ପର ।।
ରଜନୀ ହେଲା ତ ଦିଶି　　　　　　　　　　ଦିବସ ହେଲା ଯେ ନିଶି
ତଥାପି ବୁଝେନା ପ୍ରିୟେ ମୋର ।
ମନ୍ଦବିହି ମୋତେ ଏବେ　　　　　　　　　　ବସାଇଛି ଭଙ୍ଗା ନାବେ
ସେଥିରେ ତ ଶିଉଳିର ସ୍ତର ।।
କିଏ ନେବ ମୋତେ କୋଳେ　　　　ଦିଶେନା କେହି ତ ଡୋଳେ
ଭକ୍ଷିବ ପୀରତି-ମଧୁ-ଗୀର ।
କେତେ କଷଣ ବା ମୋତେ　　　　　　　　　ଦେଉଥିବ ଅବିରତେ
ଏବେ ଉଭା ହୁଅ ମୋ ଆଗର ।।
ବଳି ଦେବି ଏ ପରାଣ ଛାର
ବାସୁଲୀ ନିର୍ଦ୍ଦେଶ ମାନି　　　　　　　　　　ଚଣ୍ଡୀ ଦାସ କହେ ବାଣୀ
ଭକ୍ଷୁଥାନ୍ତି ଯେତେ ଯାହା ପର ।
ଯେ ଅଟେ ଆପଣାଜନ　　　　　　　　　　ସେ ହୋଇ ନପାରେ ଆନ
ସାର କେବେ ହୁଏନା ଅସାର ।।

(୩)

ପ୍ରୀତିର ସରସୀ ଦେଖିଲି　　　　　　　ଗାଧୋଇବି ବୋଲି ଝାସିଲି ।
ମନଭରି ସେଥେ ବୁଡ଼ିଲି　　　　　　　ଯେତେବେଳେ ସେଠୁ ଉଠିଲି
ପଛକୁ ଗ୍ରହିଁଲା ବେଳକୁ ବନ୍ଧୁ　　　　　ଛାତିରେ ବଥା ମୁଁ ପାଇଲି ।
ହ୍ରଦଟି ଦିଶିଲା ଛଳଛଳ　　　　　　　ଡାକିଲା ତା ଜଳ ସୁଶୀତଳ
ମଗର ତହିଁରେ ମାଳ ମାଳ　　　　　　ଛାତି ମୋ ଭୟରେ ଥରଥର
ଘର ଲୋକେ ନୀଚମନା ମୋର　　　　　ଅସୁଖ ତାଙ୍କର କାରବାର
ସରସୀରେ ଯେହ୍ନେ ଥାଏ ଦଳ　　　　　ସେପରି ସ୍ୱରୂପ ତାହାଙ୍କର
ପଡ଼ିଶା ଜନଙ୍କ ବ୍ୟବହାର　　　　　　ଶିଙ୍ଗୀ ମତ୍ସ୍ୟ ଦଂଶେ ବାରବାର
ବୋଲୁଛି ଯାହାକୁ ନିଜ ଜ୍ଞାତି　　　　　ସିଏ ତ କଣ୍ଟାର ବିଛୁଆତି
ସରସୀର ଫେଣଭରା ଜଳ　　　　　　ନିତି ଢଳାହୁଏ ମୋ ଉପର
ଯେତେ ଛାଣି ପିଏ ଟୋପେ ନୀର　କଣ୍ଡୁ ହୁଏ ଭରି ମୋ ଶରୀର,
କି ଅବା ବାହାର କି ଭିତର ।

କି ଛାର ଭଗ୍ୟଟି ଏ ମୋହର ସୁଖ ତ ଦେଲନି କିଳେ ହେଲେ
ମୋତେ କଷଣ ଲଦିଲ ବାରବାର ।
ଚଣ୍ଡୀଦାସର ଏ ମନ୍ତରଣା କିଶୋରୀମଣିରେ କର ଘେନା
ଆହ୍ଲାଦ ସାଥିରେ ଏ ବେଦନା ଦୁଇ ସହୋଦର ଭଗ୍ନୀ ସିନା
ସୁଖ ପାଇଁ ଯିଏ ପ୍ରୀତି ଲୋଡ଼େ
କଷଣେ ତାହାର ପ୍ରାଣ ପୋଡ଼େ ।

ନିମ୍ନପ୍ରଦତ୍ତ ଗୀତଟିରେ ରାଧାକୃଷ୍ଣଙ୍କ ସମ୍ପର୍କରେ କିଛି କୁହାଯାଇ ନାହିଁ । 'ସିଦ୍ଧାନ୍ତ ଚନ୍ଦ୍ରୋଦୟ'କାର ଯେଉଁ ମନ୍ତବ୍ୟ ଦିଅନ୍ତି, ତଦନୁଯାୟୀ ଏହାକୁ କବିଙ୍କର ବ୍ୟକ୍ତିଗତ ଅନୁଭୂତିର ଆଲେଖ୍ୟରୂପେ ସୁନ୍ଦର ଗ୍ରହଣ କରାଯାଇପାରେ । ଶେଷ ପଂକ୍ତିଟି ଚଣ୍ଡୀ ଦାସଙ୍କ ଦ୍ୱାରା ଓ ଅବଶିଷ୍ଟାଂଶ ତାଙ୍କ ପ୍ରେମିକା ମୁଖରୁ ଉକ୍ତ ହୋଇଅଛି :

ତାମସ ଘୋର ଏ ରଜନୀ ମେଘମାଳା ଘୋଟି ରହିଛି
କି ସାହସେ ପ୍ରିୟ ଆସିଲ ପରାଣ ମୂରୁଛି ।
ଝରଝର ମେଘ ଝରୁଛି ପ୍ରିୟ ମୋର ଠିଆ ରହି ଅନିମେଷ-
ନୟନେ ମୋ ପଥ ହେରୁଛି
ଦୁରୁଦଶା ତା'ର ଅନ୍ତର ମୋହର ପୀଡ଼ୁଛି ।
ପ୍ରୀତିଭରା ତା'ର ମିଳନ-ବାସନା
ମୋଠାରେ ନ ମେଣ୍ଟି ରହୁଛି ।
ଯେତେ ଅପବାଦ ମଥାପାତି ନିଏ
ଜୀବନ ଦେବାକୁ ଭୟ ସେ ନ ପାଏ
କାହିଁ ମୋ ମୁକତି-ସରଣୀ
ଏ ଘର ଲୋକଙ୍କୁ ଡରି ସରେ ଦିବା ରୟଣୀ ।
'ଦେଖା ହେବ ପ୍ରିୟ' କଥା ଦେଇଥିଲି
କାହିଁ ବା ମୋ କଥା ରହିଲ ?
ହାୟ, ହାୟ ! ଛାର ମୋ ଲାଗି ମୋ ପ୍ରିୟ
କେତେ ଯେ କଷଣ ସହିଲ !
ମୋ ଅଣଆୟତ୍ତ ଘେନି ହୃଦେ ତବ
ସବୁ ଦୁଃଖ ଦେବ ପାସୋରି
କହେ ଚଣ୍ଡୀ ଦାସ ପ୍ରିୟ-ଅନୁରାଗ
ପରାଣେ ସଙ୍କଟ ପ୍ରସରି ।
ଯାହା ଗାଢ଼େ ପ୍ରାଣେ ଧରିଛି,
ତାହାରେ ପାରୁନି ମୂରୁଛି ।

'ବିବର୍ତ୍ତବିଳାସ'ରୁ ଉଦ୍ଧୃତ ନିମ୍ନୋକ୍ତ ସଙ୍ଗୀତଟି ସମ୍ଭବତଃ 'ଦ୍ୱିଜ' ଚଣ୍ଡୀ ଦାସଙ୍କଦ୍ୱାରା ବିରଚିତ—

'ରସିକ'(୧) କଥା କହେ ପ୍ରତିଟି ଜନ
କିଏ ସେ 'ରସିକ' ବା ମିଳଇ କାହିଁ ?
ଭଜିଲେ କଳିଲେ କି ଠିକଣା କଲେ
କୋଟିକେ ଗୋଟିଏ ତ ମିଳଇ ନାହିଁ ।
ବନ୍ଧୁରେ 'ରସିକ' ବୋଲିବି କାହାକୁ ?
ମସଲା ସବୁକୁ ଏକାଠି ଗୋଳାଇ
ରସ ଯିଏ କାଢ଼େ ତାହାକୁ ।
କମକୁଟ ସୁନାକଳସୀରେ ଥୋଇ ରସକୁ
ବାଢ଼ିଦିଅ ଯେବେ କାହାକୁ
ଯେତେ ମନ ସେତେ ପିଇଲେ ବନ୍ଧୁ,
ଶୋଷ ତ ହରେନା ଟିକାକୁ ।
ଉବୁଟୁବୁ ଭସୁଥାଇ ତ
କର ଅଞ୍ଜଳି ଭରି ଦିବାନିଶି ସେ ରସକୁ ଶୋଷୁଥାଇ ତ
ପିଅ ଯେତେ ପିଅ ରସତ ସରେନା ଦୁଇଗୁଣ ବଢ଼ୁଥାଏ ରେ
ମାଟିରେ ଟୋପାଏ ଢାଳିଦେଲେ ତାର ଝର ସିନା ଶୁଖିଯାଏ ରେ ।
ଆରେ ରସମୟୀ, ଚଣ୍ଡୀ ଦାସ କହି ଶୁଣ ବାରେ ମୋର ଗୀର
ତୁ ଯେ ରସର ଅସରା ଝର ।
ରସିକାକୁ ଯେବେ ନ ଲଭେ ରସିକ
କପାଳ ବିଫଳ ତାର ।

ଏହି ଯେଉଁ ସଙ୍ଗୀତ ନିମ୍ନରେ ପ୍ରଦତ୍ତ ହେଉଛି, ଏଥିରେ ରହିଛି ପାରିଭାଷିକତା, ପୁଣି ଏଥିରେ ପ୍ରାକ୍ତନ ବଙ୍ଗଳା ଗୀତିକାମାନଙ୍କର ସାନ୍ଧ୍ୟରୀତି ମଧ୍ୟ ଲକ୍ଷ୍ୟଣୀୟ । ଏହା ମଧ୍ୟ ଆସିଛି 'ବିବର୍ତ୍ତବିଳାସ'ରୁ ।

---

୧ । ଆକ୍ଷରିକ ଅର୍ଥରେ ରସିକ ତାହାକୁ ବୁଝାଏ ଯେ ରସକୁ ବୋଧଗମ୍ୟ କରେ, ଉପଭୋଗ କରେ ଓ ଉତ୍ପାଦନ କରେ (ଏଠାରେ ଆବେଗିକ ଅନୁଭୂତିକୁ ହିତକର ମାର୍ଗରେ ପରିଚାଳିତ କରିବା) । ଗୁହ୍ୟପନ୍ଥୀ ବୈଷ୍ଣବ ଧର୍ମରେ ସେହି ବ୍ୟକ୍ତିକୁ ରସିକ ବୋଲି ଚିହ୍ନିତ କରାଯାଏ, ଯାହାର ସମୁଦାୟ ପାର୍ଥିବ ଓ ଆଧ୍ୟାତ୍ମିକ ଅନୁଭୂତି ଜୀବନ-ମୃତ୍ୟୁର ଦ୍ୱୈତାବସ୍ଥାର ଊର୍ଦ୍ଧ୍ୱରେ ଅବସ୍ଥାପନ କରେ । ସହଜିୟା ପନ୍ଥାରେ ଏହି ଶବ୍ଦଟି ପରକୀୟା ଉପାସନାର ପରମଗୁରୁଙ୍କୁ ବୁଝାଇଥାଏ ।

କାମ ମଦନ ଦୁଇ ଅଟନ୍ତି ଜାୟାପତି,
ବାପାର ବାପା ତାଙ୍କ 'ସହଜ' ମଣିଷଟି ।
ଦେଖିଲେ ଦିଶେ ସିଏ ନୁହଇ ଦୂର ଅତି,
ପାଖରେ ଖୋଜିଲେ ସେ ମିଳଇ ନିତି ପ୍ରତି ।
ଏ ବିଶ୍ୱ ବ୍ରହ୍ମାଣ୍ଡରେ ରହିଛି ପୂରି ସିଏ,
ହୃଦୟ-ଫଳକରେ ସିଏତ ଚିତ୍ରଟିଏ ।
ସାପଟି ପରି ତା'ର ଫଣାରେ ମଣିବର,
ଥିଲେ ବି ଜନ୍ତୁଟି ଭୁଲେ ତା ନିଜ ଘର ।
ମଣିର ଥିଲେ ଥାଉ ପଛକେ ଗୁଣସାର,
କାମର ବେଳେ କିନ୍ତୁ ଆସେନା ଦରକାର ।
ଗାଭୀର ପିତ୍ତଶୟେ ଦଢ଼ଇ ଗୋରଚନା,
ଗାଭୀ କି କରିପାରେ ତା ମୂଲର କଳନା ?
ଗଛରେ ଝୁଲୁଥାଇ କେତେ ନା କେତେ ଫଳ,
ମୂଳ ହଲାଇ ଦେଲେ ଝଡ଼ି କି ପଡ଼େ ତଳ ?
ନିଦ ଘାରୁଛି ଯେବେ ଘୂରଇ ନିଅ ଆଖି,
ଭ୍ରୂଲତା ମଧ ଭଗେ କପାଳେ ଦିଅ ଯୋଖି ।
ହୃଦୟ ମଧସ୍ଥଳେ ଝୁଲୁଥାଇ ନିକର,
ଆନ ସେ ନୁହେଁ କିଛି ଅଟଇ ନାରୀବର ।
ଗହନ ଗତିରେ ଯା' ପ୍ରିୟାକୁ କହେ ଶୁଆ,
ବାସୁଲୀ କୃପାରୁ ତ ଚଣ୍ଡୀଦାସର ଦୁହା ॥

ସହଜିୟା ଗୀତଗୁଡ଼ିକ କ୍ଷେତ୍ରରେ ବିଶେଷତଃ ଚଣ୍ଡୀଦାସଙ୍କର ନାମ ଓ ଯଶର ସବୁଠାରୁ ନିକଟ ଅତୀତରେ ଦାବୀଦାର ହୋଇ ଉଠିଛନ୍ତି ତରୁଣୀ ରମଣ । ତାଙ୍କ ଅଭ୍ୟୁଦୟର ସର୍ବାଧିକ ନିକଟତର ସମୟ ହୋଇପାରେ ''ସିଦ୍ଧାନ୍ତ ଚନ୍ଦ୍ରୋଦୟ'' ସଙ୍କଳନର ସମୟ; ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀର ଶେଷ ଓ ଊନବିଂଶ ଶତାବ୍ଦୀର ପ୍ରାରମ୍ଭକାଳ ।

□

'ଶ୍ରୀକୃଷ୍ଣ କୀର୍ତ୍ତନ' ଗ୍ରନ୍ଥ

ସାମାନ୍ୟ ବିଭଙ୍ଗ ଓ ବିଖଣ୍ଡିତ ରୂପରେ ଯେଉଁ 'ଶ୍ରୀକୃଷ୍ଣ କୀର୍ତ୍ତନ' ଗ୍ରନ୍ଥ ଆମ ଆଗରେ ରହିଛି ତାହା ଶ୍ରୀକୃଷ୍ଣଙ୍କର ଶ୍ରୀରାଧାଙ୍କ ପ୍ରତି ପ୍ରୀତିପ୍ରବଣତାର ପ୍ରାୟ ସମସ୍ତ ସ୍ୱରଗ୍ରାମ ଅର୍ଥାତ୍ ନିଜଠାରୁ ସମ୍ଭବତଃ ବୟସରେ ଅଧିକ ଏକ ଝିଅ,ଯେ ତାଙ୍କର ମାଇଁ ଲେଖା ହେବ, ତା'ପ୍ରତି ତାଙ୍କର ଆକର୍ଷଣର ପରିପ୍ରକାଶ, ପରିଶେଷରେ ଅଶିଷ୍ଟାଚରିତାର ସହ ସବୁଦିନ ପାଇଁ ତାଙ୍କୁ ତ୍ୟାଗ କରିଯିବା ଆଖ୍ୟାନ ସମ୍ବଳିତ ଊଣା ଅଧିକ ୪୧୫ ଦ୍ୱୈତ ତଥା ଏକକ ଗୀତି-ସଂଳାପ ସଂଯୋଜିତ ଏକ ମାଳା । କ୍ଷୁଦ୍ରଗୀତିକା ପଦ ବା ଗୀତ (ଶିକୁଳି ବା ନାଗୁଡ଼ି) ମାନଙ୍କରେ ଅନ୍ତର୍ଗୁମ୍ଫିତ ଦୀର୍ଘ ଆଖ୍ୟାୟିକା କାବ୍ୟ (ପୟାର) ଭବରେ ଜଣାଶୁଣା "କୃଷ୍ଣମଙ୍ଗଳ" ପରି ଏହା ନୁହେଁ । 'ଶ୍ରୀକୃଷ୍ଣ କୀର୍ତ୍ତନ'ରେ ଦ୍ୱୈତ ବା ଏକକ ଗୀତିସଂଳାପର ଗୀତ ସବୁ ଓ ସେଗୁଡ଼ିକୁ ସଂଯୋଜିତ କରୁଥିବା ସଂସ୍କୃତ ଶ୍ଳୋକ (ଯାହା ପାଠକଙ୍କ ପାଇଁ ସବୁ ସମୟରେ ଦରକାରୀ ମନେହୁଏ ନାହିଁ) ଗୁଡ଼ିକ, ମୋର ଯାହା ମନେହୁଏ, ମୂଳରୁ ଏପରି ଗଢ଼ାଯାଇଥିଲା ଯେ ସେଗୁଡ଼ିକ ଗୀତିନାଟ୍ୟ ଅଭିନୟରେ ତଥା ପୁତ୍ତଳି ନୃତ୍ୟରେ ସଙ୍ଗୀତ ଭବରେ ବ୍ୟବହୃତ ହୋଇପାରୁଥିଲା, ଯାହା ପ୍ରାଚୀନ ଅସମୀୟାର କବି ଶଙ୍କର ଦେବଙ୍କର ଗୀତିନାଟ୍ୟର ଛାଞ୍ଚରେ ପ୍ରସ୍ତୁତ କରାଯାଇଥିଲା । ସଂସ୍କୃତ ଶ୍ଳୋକ ସବୁ ଏହାର ରଚୟିତାଙ୍କର ପ୍ରବୀଣତା ଓ ଗଠନ-କୁଶଳତାର ପରିଚୟ ଦିଅନ୍ତି ।

କଥା ଓ ଗୀତଗୁଡ଼ିକ ଏଥିରେ ଭଗ ଭଗ ହୋଇ ଭିନ୍ନ ଭିନ୍ନ ଖଣ୍ଡ (ଆକ୍ଷରଶଃ ଖଣ୍ଡେ ଖଣ୍ଡେ ମିଶ୍ରୀ ଦାନା) ରେ ସଜ୍ଜିତ; ଯେପରିକି ପରବର୍ତ୍ତୀ ପୁରାଣ (ଏଗୁଡ଼ିକ ଯଥାର୍ଥତଃ ଅଭିନୟମୂଳକ ହୋଇଥିଲେ ଭଗସବୁ ଅଙ୍କ ବୋଲି ଅଭିହିତ ହୋଇଥାନ୍ତା) ମାନଙ୍କରେ ପ୍ରୟୋଗ କରାଯାଇଛି; ମାତ୍ର ପ୍ରକୃତରେ ବଡ଼ ଆଶ୍ଚର୍ଯ୍ୟର କଥା ଯେ ସର୍ବବୃହତ୍ ତଥା ଶ୍ରେଷ୍ଠ ଏହାର ଶେଷ ଭଗଟି 'ଖଣ୍ଡ' କିମ୍ବା ଅନ୍ୟ କୌଣସି ଅଭିଧାନରେ ଚିହ୍ନିତ ହୋଇ ନାହିଁ । ତେବେ ଏହି ଅଂଶଟି କ'ଣ ଏକଦା ସ୍ୱତନ୍ତ୍ର ଏକ ରଚନା ଥିଲା ? ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଏଭଳି

ଅଭିମତକୁ ଗ୍ରହଣ କରିନେଲ ବେଳେ 'ରାଧା ବିରହ' ବୋଲି ଅଭିହିତ ଏହି ଶେଷ ଭାଗଟି ଆଦ୍ୟ ଷୋଡ଼ଶ ଶତାବ୍ଦୀରେ ଏକାନ୍ତ ଜଣାଶୁଣା କୃଷ୍ଣ ଓ ରାଧାଙ୍କର ଏକପ୍ରକାର ଚରିତାତ୍ମକ ଗୀତରଚନା ଭାବରେ ପ୍ରଚଳିତ ଥିଲା ଓ ଶେଷଭାଗର ଏହି ଗୀତଗୁଡ଼ିକ ପୂର୍ବରୁ ସୁଖ୍ୟାତି ଲାଭ କରିଥିବା ଚଣ୍ଡୀଦାସଙ୍କର ଶ୍ରେଷ୍ଠ ଗୀତମାନଙ୍କର ଏକାନ୍ତ ନିକଟବର୍ତ୍ତୀ ହୋଇଆସେ ।

ପୋଥିର ସର୍ବପ୍ରଥମ ପୃଷ୍ଠାଟି ହଜି ଯାଇଛି । ଏହି ହଜି ଯାଇଥିବା ଅଂଶଟି ଆପାତତଃ ଆବାହନ ଓ ବିସର୍ଜନ ସମ୍ବଳିତ ଥିଲା । ଆଖ୍ୟାନଟି ଆରମ୍ଭ ହୋଇଛି ରାକ୍ଷସାବତାର କଂସର ଅତ୍ୟାଚାର ଜର୍ଜରିତା ପୃଥିବୀ ଲାଗି ଦେବଗଣଙ୍କର ଦୁଃଖ ପ୍ରକାଶନରୁ । ଦେବତାମାନେ ବିଷ୍ଣୁଙ୍କ ସମୀପବର୍ତ୍ତୀ ହୋଇ ମନୁଷ୍ୟରୂପ ଧାରଣକରି କଂସକୁ ନିପାତ କରିବା ଲାଗି ତାଙ୍କୁ ପ୍ରବର୍ତ୍ତାଇଲେ । ବିଷ୍ଣୁ ସମ୍ମତି ପ୍ରଦାନ କଲେ । ଏହିଠାରେ ପ୍ରଥମ ଖଣ୍ଡ ଶେଷ ହୁଏ (ଜନ୍ମଖଣ୍ଡ) ।

ଠିକଣା ବିଷୟବସ୍ତୁଟି ଆରମ୍ଭ ହୋଇଛି କୃଷ୍ଣଙ୍କର ଜଣେ ବୃଦ୍ଧା ମାଇଁ-ଆଈ ବଡ଼ାୟୀଠାରୁ । ଗୋକୁଳର ଯୁବତୀ ରାଧା, ଯେ ପ୍ରତିଦିନ ମଥୁରା ବଜାରକୁ କ୍ଷୀର ଓ କ୍ଷୀରଜାତ ପଦାର୍ଥ ବିକ୍ରୀ କରିବାକୁ ଯାଏ, ତା'ର ସହଚରୀ-ଅଭିଭାବିକା ଭାବରେ ବଡ଼ାୟୀ ତା' ସାଙ୍ଗରେ ଯାଏ । ଦିନକର କଥା— ବୃଦ୍ଧାଜଣକ ପଥ ଅତିକ୍ରମ କରୁ କରୁ ବଡ଼ କ୍ଳାନ୍ତି ଅନୁଭବ କଲା; କିନ୍ତୁ ଯୁବତୀ ରାଧା ଆଗକୁ ଆଗକୁ ଚାଲିବାରେ ଲାଗିଲା । ଦୁହେଁ ଦୂରତାବଶତଃ ପରସ୍ପରଠାରୁ ଅଲଗା ହୋଇଗଲେ ଓ ଯୁବତୀଟି ବାଟ ଭୁଲିଗଲା । ବଡ଼ାୟୀ ବଡ଼ ଉଦ୍‌ବିଗ୍ନ ଚିତ୍ତରେ ରାଧାକୁ ପ୍ରତୀକ୍ଷା କରୁଥିଲାବେଳେ କୃଷ୍ଣଙ୍କୁ ଭେଟିଲା ଓ ମଥୁରା ବାଟରେ ସେ ରାଧାଙ୍କୁ ଦେଖିଛନ୍ତି କି ବୋଲି ତାଙ୍କୁ ପଚାରିଲା । କୃଷ୍ଣ ଅଜ୍ଞତାର ଛଳନା କରି ଯୁବତୀଟିର ଟିକିନିଖି ରୂପଗୁଣ କିପରି ବୋଲି ତାକୁ ପ୍ରଶ୍ନ କରି ବସିଲେ । କାରଣ ସବୁ କିଛି ଜାଣିଲେ ସେ ହୁଏତ ତାକୁ ଭେଟିଛନ୍ତି କି ନାହିଁ ବୋଲି କହିଦେଇ ପାରିବେ । ବଡ଼ାୟୀ ଖୁବ୍ ଆଗ୍ରହର ସହିତ ମନୋହାରିଣୀ ଯୁବତୀଟି ସମ୍ବନ୍ଧରେ ବିବରଣୀ ଦେଲା । ନନ୍ଦନଶାସ୍ତ୍ର ସମ୍ମତ ପାରମ୍ପରିକ ରୀତିର ନିଖୁଣ ଅନୁସୃତିରେ ବର୍ଣ୍ଣନାଟି ପ୍ରସ୍ତୁତ ହୋଇଛି । ରାଧାଙ୍କର ଯୌବନପୁଷ୍ଟ ରୂପଲାବଣ୍ୟର ବର୍ଣ୍ଣନା କୃଷ୍ଣଙ୍କର ବାସନାକୁ ଉଦ୍ଦୀପ୍ତ କରିଦେଲା ଓ ସେ ତାକୁ ପାଇବାକୁ ଚାହିଁଲେ । ଏ କାର୍ଯ୍ୟରେ ବଡ଼ାୟୀର ସହାୟତା ଲୋଡ଼ି ବସିଲେ ସେ । ବଡ଼ାୟୀ ଏ କାର୍ଯ୍ୟରେ ଦୂତୀ ସାଜିବା ପାଇଁ ସଙ୍ଗେ ସଙ୍ଗେ ରାଜୀ ହୋଇଗଲା ଓ କୃଷ୍ଣଙ୍କଠାରୁ କିଛି ଫୁଲ ଓ ଭଙ୍ଗା ପାନ ଉପହାର ସ୍ୱରୂପ ନେଇ ସେ ରାଧାଙ୍କ ପାଖରେ ପହଞ୍ଚି କୃଷ୍ଣଙ୍କ ବାର୍ତ୍ତା ତାଙ୍କୁ ଜଣାଇଲା । ରାଧା ଘୋର ଲଜ୍ଜିତା ଅନୁଭବ କଲେ; ରାଗିଯାଇ କୃଷ୍ଣଙ୍କ ଉପହାର ସବୁ ଫିଙ୍ଗିଦେଲେ । ଯେଉଁ କୁଟିଳ ହୃଦୟା ବୃଦ୍ଧାଟି ଥିଲା ତାଙ୍କର ରକ୍ଷାକାରିଣୀ, ତାକୁ ମନର କଥା ସ୍ପଷ୍ଟ ଖୋଲି କହିଦେଲେ ।

ବୃନ୍ଦାଟି ଏଥିରେ ହଡ଼ବଡ଼େଇ ଯାଇ ବିରକ୍ତିର ସହ କୃଷ୍ଣଙ୍କ ପାଖରେ ଆସି ନିଜ ଅସଫଳତାର କଥା ଶୁଣାଇଲା । କୃଷ୍ଣ ସେଥିବ୍ତ ରାଧାଙ୍କୁ ଭୂଲ୍ ବୁଝି ଭାବିଲେ ଯେ ହୁଏତ ସେ ରାଧାଙ୍କ ପାଖକୁ ଯେଉଁ ତୁଚ୍ଛ ଉପହାର ପଠାଇଲେ ସେହି ହେଲା ତାଙ୍କ ବିରାଗର କାରଣ । ସେ ତା'ପରେ ଆହୁରି ଆକର୍ଷଣୀୟ ଉପହାର ସ୍ୱରୂପ ଗୋଟିଏ ସୁନ୍ଦର ଶାଢ଼ୀ ଦେଇ ଆଉ ଥରେ ବଡ଼ାୟୀକୁ ପଠାଇଲେ ।

ବଡ଼ାୟୀ ଆସିଲା, କିଶୋରୀଟି ପାଖରେ ବସିଲା, ଅଳ୍ପ କଥାଭାଷା ହେଲା, ଜିନିଷତକ ରାଧାଙ୍କ ଆଗରେ ଥୋଇଦେଲା ଏବଂ ମୁହଁ ଆଡ଼କରି ଥରଥର ଚିତ୍ତରେ ଖିଲିଖିଲି ହସିଉଠିଲା ।

(ରାଧା) :— ଏ କର୍ପୂରର ସୁବାସିତ ପାନ କେଉଁଠୁ, ଏ ସୁନ୍ଦର ଶାଢ଼ୀ କେଉଁଠୁ, ବଡ଼ାୟୀ, କିଏ ଏ ଫୁଲ ସବୁ ମୋ ପାଖକୁ ପଠାଇଛି ?

(ବଡ଼ାୟୀ) :— ଛାଡ଼ ରାଧା, କୃଷ୍ଣର ଯେଉଁ ଦୟନୀୟ ଅବସ୍ଥା, ମୁଁ ସବୁ କହିବି ତୋତେ । ସେ ପ୍ରେମର ଜଳନ୍ତା ଧାସରେ ବଡ଼ କଷ୍ଟ ପାଉଛି । ତା'ର ଏ ବିକଳ ଦୁର୍ଦ୍ଦଶା କଥା ସେ ତୋତେ ବିନୟ ହୋଇ ଜଣାଏ ଯାହା........

ଯେମିତି ଏ କଥା ରାଧାଙ୍କ କାନରେ ପଡ଼ିଲା ସେ ଘୋର ବିରକ୍ତିବଶତଃ ନିଜ ଗାଲରେ ଚଟକଣା ବସାଇଲେ ଓ କୃଷ୍ଣ ପଠାଇଥିବା ଜିନିଷଗୁଡ଼ିକୁ ଗୋଇଠା ମାରିଲେ । ବଡ଼ାୟୀ ଉଠିପଡ଼ି ରାଧାଙ୍କୁ କହିଲା : ତୋର ଏପରି କରିବା ଠିକ୍ ହେଲା ନାହିଁ । ନନ୍ଦନନ୍ଦନକୁ ସଭିଏଁ ଭଲ ପାଆନ୍ତି । ତୋ ମର୍ଜି ଉପରେ ତା' ପ୍ରାଣ ଏବେ ନିର୍ଭର କରୁଛି ।

(ରାଧା) :— ମୋ ଘରେ ମୋ ସ୍ୱାମୀ ଅଛନ୍ତି, ସେ ଯେମିତି ସୁନ୍ଦର, ସେମିତି ସମର୍ଥ । ନନ୍ଦ ଘରର ଗୋଟାଏ ଗାଈରଖା ଟୋକା ସାଙ୍ଗରେ ମୋର କି ପ୍ରୀତି ?

(ବଡ଼ାୟୀ) :— ସେ ସାକ୍ଷାତ୍ ଈଶ୍ୱରଙ୍କ ଅବତାର; ଯେ ଜାତିସ୍ମର, ଯେ ପାପର ପ୍ରତିଫଳ ଦିଏ, ମୋକ୍ଷଗତି ଦାନ କରେ । ଏପରି ଜଣକ ସାଙ୍ଗରେ ଯେ ପ୍ରେମ କରିବ ସେ ଚିରକାଳ ସ୍ୱର୍ଗରେ ବିଷ୍ଣୁଲୋକରେ ବାସ କରିବ ।

(ରାଧା) :— ଝିଅର ଅଙ୍ଗ ଓ ଅପାଙ୍ଗକୁ ଧିକ୍ । ନିଜ ସ୍ତ୍ରୀ ପର ମଣିଷକୁ ପ୍ରେମକରି ଯେବେ ତାହାପାଇଁ ବିଷ୍ଣୁଲୋକରେ ସ୍ଥାୟୀ ବାସର ବ୍ୟବସ୍ଥା କରେ, ତେବେ ସେ ସ୍ତ୍ରୀର ସ୍ୱାମୀ ନିଜକୁ ହ୍ରଦଜଳରେ ବୁଡ଼ାଇଦେବା ଭଲ ।

(ସେ) ଆପଣାର ବୁଦ୍ଧି-ଜ୍ଞାନ ହରଇ ଏହିପରି ପ୍ରେମିକମାନଙ୍କ ମଧ୍ୟରେ ଯୁବରାଜ ନନ୍ଦସୁତଙ୍କୁ ପ୍ରତ୍ୟାଖ୍ୟାନ କଲା ।

ବାସୁଳୀ ପାଦରେ ମଥାନତ କରି ବଡୁ ଚଣ୍ଡୀ ଦାସ ଏହା ଗାଏ ।

ଏଠାରେ ପଦ ପାଠରେ କେତେକ ଯୁକ୍ତିଯୁକ୍ତ ଅମେଳ ରହୁଥିବାର ମନେହୁଏ । ବଡ଼ାୟୀ ଏହାପରେ ନିଶ୍ଚିତ ଅନ୍ୟ କିଛି ଆଳ ଦେଖାଇଥିବ । ସେ ହୁଏତ ରାଧାଙ୍କୁ କହିଥିବ ଯେ କୃଷ୍ଣ ଯେମିତି ବଳବାନ୍ ଗୁଣ୍ଡା, ସେ ଏତେ ସହଜରେ ତାଙ୍କୁ ଛାଡ଼ିଦେବ ନାହିଁ । ସେଥିପାଇଁ ବଡ଼ାୟୀର ଏ ପ୍ରକାର ଉକ୍ତିରୁ, ବୋଧହୁଏ, ଇସାର ପାଇ ରାଧା ମିନତିଭରା ସ୍ୱରରେ କହିଲେ, ସେ ତ ଆଜିଯାଏ ଗୃହଯୋଗ୍ୟା ହୋଇ ନାହାନ୍ତି, ସେଥିରେ ଜଣେ ଗୁଣ୍ଡାଶ୍ରେଣୀୟ ଯୁବକ ସହିତ ସୁରତି କରିବା ଏକାନ୍ତ ବିପଜ୍ଜନକ ବ୍ୟାପାର । ତେଣୁ ତାଙ୍କର ଦୃଢ଼ ପ୍ରତିଶ୍ରୁତି ରହିଲା ଯେ କୃଷ୍ଣ କିଛିକାଳ ଅପେକ୍ଷା କରିଥାନ୍ତୁ, ସେ ବୟଃପ୍ରାପ୍ତ ହେଲା ପରେ ତାଙ୍କ ସହ ମିଳିତା ହେବେ । ବଡ଼ାୟୀ ସେଠାରୁ ଫେରି କୃଷ୍ଣଙ୍କୁ ସଠିକ୍ ବିଷୟ ଜଣାଇଲା ।

କୃଷ୍ଣ ରାତିରେ ସ୍ୱପ୍ନ ଦେଖିଲେ ଯେ ସେ ରାଧା ସାଙ୍ଗରେ ଏକା ଶେଯରେ ଶୋଇଛନ୍ତି । ତାଙ୍କର କାମନା ବଳବତୀ ହୋଇ ଉଠିବାରୁ ଦେହ ଗରମ ହୋଇଉଠିଲା ଓ ସେ ଜର ଜର ଅନୁଭବ କଲେ । ସକାଳୁ ସକାଳୁ ପୁଣି ବଡ଼ାୟୀ ହାତରେ ଉପହାର ଦେଇ କହି ପଠାଇଲେ ଯେ ଥରକର ଦେଖାହିଁ ଯଥେଷ୍ଟ ହେବ । ବୃଦ୍ଧାର ଓକିଲତିରେ ରାଧା ଅତିଷ୍ଠା ହୋଇପଡ଼ିଲେ । ଦୁଇପାଖିଆ ଖେଳ ଖେଳୁଛି ବୋଲି ମନଇଛା ତାକୁ ଗାଳିଦେଇ ଶକ୍ତ ଚାପୋଡ଼ାଟାଏ ତା ମୁହଁରେ ବସାଇଦେଲେ । ରାଧାଙ୍କର ଏଭଳି ଅପ୍ରତ୍ୟାଶିତ ବ୍ୟବହାରରେ ବଡ଼ାୟୀ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲା । ଏହାପରେ ସେ କୃଷ୍ଣଙ୍କ ପାଖକୁ ଫେରିଆସି ରାଧା ଉପରେ ଦାଉ ସାଧିବା ପାଇଁ ତାଙ୍କୁ ଉସୁକାଇଲା । କୃଷ୍ଣ ସଙ୍ଗେ ସଙ୍ଗେ ରାଜୀ ହୋଇଗଲେ ।

ଦିନେ ପଥକର ଆଦାୟକାରୀର ଭୂମିକାରେ ବୃନ୍ଦାବନରୁ ମଥୁରା ଯାଇଥିବା ପ୍ରଧାନ ରାସ୍ତା କଡ଼ର ଏକ କଦମ୍ବ ଗଛ ମୂଳେ କୃଷ୍ଣ ଆସ୍ଥାନ ଜମାଇ ବସିଗଲେ ଓ ନଜର ରଖିଲେ । ଯେତେବେଳେ ବଡ଼ାୟୀ ଓ ରାଧାଙ୍କ ସମେତ ଗୋପନାରୀମାନେ ଯେ ଯାହା ପସରା ଧରି ମଥୁରା ହାଟରେ ବିକିବା ପାଇଁ ସେହି ବାଟରେ ଆସିଲେ କୃଷ୍ଣ ସେମାନଙ୍କୁ ଅଟକାଇ କର ଦାବୀ କଲେ । ବଡ଼ାୟୀ ପ୍ରତିରୋଧର ଛଳନା କଲା; କିନ୍ତୁ ରାଧା ଏଥିର ପ୍ରବଳ ପ୍ରତିବାଦ କଲେ । ସେମାନଙ୍କ ମଧ୍ୟରେ ଏମିତି ଝଗଡ଼ା ଲାଗିଲାବେଳେ ଅନ୍ୟ ଗୋପନାରୀମାନେ ଗୋଟିକ ପରେ ଗୋଟିଏ ଖସିଗଲେ । କଂସ ଜଣେ କଠୋର ଶାସକ ଥିବାରୁ ରାଧା ତା' ନିକଟରେ ଅଭିଯୋଗ କରିବେ ବୋଲି ଧମକ ଦେଲେ । କୃଷ୍ଣ କିନ୍ତୁ ପ୍ରୀତିର ପ୍ରସ୍ତାବ ବାଢ଼ିଲେ । ରାଧା ତାଙ୍କର

ବିବେକକୁ ପ୍ରଶ୍ନ କଲେ; ଶାସ୍ତ୍ର ବାଣୀ ଉଦ୍ଧାର କଲେ; କିନ୍ତୁ କୃଷ୍ଣ ସେସବୁକୁ ବେଖାତିର କରି କହିଲେ ଯେ ସେ ନିୟମ କିମ୍ବା ନୈତିକତାର ଉର୍ଦ୍ଧ୍ୱରେ । ରାଧା ଏଥିରେ ଘାବରେଇ ଗଲେ ଓ ବୁଦ୍ଧିଶୂନ୍ୟ ଅବସ୍ଥାରେ ପଡ଼ି ବୁଢ଼ୀ ଆଡ଼କୁ ଚାହିଁ ମୁହଁ ଆର୍ମିଳା କରି କହିଲେ, "ତୁ କାହିଁକି ତା କଥାରେ କାନଦେଉ, ପୁଣି ଆମ ଭିତରେ ମଧ୍ୟସ୍ଥି ସାଜୁ ? ମୋ ଶାଶୁ ମୋତେ ଜଗିବାକୁ ତୋତେ ତାଗିଦ୍ କରିଥିଲା ? ଏପରି ଆଚରଣ ତୋ'ର ସଙ୍ଗତ ହେଉଛି ? କୃଷ୍ଣ ଗୋଟାଏ ଗାଈରଖା ଗୁଣ୍ଡାଟାଏ, ତୁ କାହିଁକି ତା କଥା ଶୁଣୁଛୁ ? ପ୍ରୀତିବିନୋଦ କରିବାକୁ ଯେବେ ଇଚ୍ଛା ହେଉଛି ତୁ ତା ପାଖକୁ ଯାଉନୁ ! ଏବେ ବି ଯେବେ ତୋର ମୋ ପ୍ରତି କିଛି କର୍ତ୍ତବ୍ୟ ଅଛି ବୋଲି ଭାବୁଥାଉ, ତେବେ ମୁଁ କହୁଛି, ତୁ ଏ କୃଷ୍ଣ କଥା ଜମା ଶୁଣ୍‌ନା, ତୋ କାନ ବନ୍ଦ କରିଦେ । ଆମେ ଚୁପ୍ ରହିବା, ଦେଖିବା କ'ଣ ହେଉଛି ।"

ଶାନ୍ତି ତାଙ୍କ ପାଇଁ ନଥିଲା । କୃଷ୍ଣ ଶାରୀରିକ ବଳ ପ୍ରୟୋଗ କରିବାକୁ ପ୍ରସ୍ତୁତ ହେଲେ । ତାଙ୍କର ରକ୍ଷା ପାଇବାର ଆଉ ବାଟ ନାହିଁ ବୋଲି ରାଧା ଅନୁଭବ କଲେ । ଏଣିକି ତାଙ୍କର ଚିନ୍ତା ହେଲା ଯେ ଏ ଯେଉଁ ବିଳମ୍ବ ଘଟିଲାଣି, ତାଙ୍କର କେଶପାଶ ଅଲଗ ହେଲାଣି, ଅଙ୍ଗବାସ ସ୍ଖଳିତ ଦିଶିଲାଣି-ତାକୁ ସେ ଲୋକଙ୍କ ପାଖରେ ଓ ଘରେ କିପରି ବୁଝାଇବେ ! ବଡ଼ାୟୀକୁ କହିଲେ, "ତୁ ମୋତେ ଏତେ ସତ୍ତ୍ୱେ ଏ ପାପ ପଥରେ ଯିବାକୁ ପ୍ରବର୍ତ୍ତାଉଛୁ । ଆଉ ଏ ଯନ୍ତାରୁ ମୁକୁଳିବାର ବାଟ ମୁଁ ପାଉନାହିଁ । ଯଦି କେତେବେଳେ ମୋ ଗେରସ୍ତ ଏ କଥା ଜାଣିବ, ସେ ମୋତେ ଘରୁ ତଡ଼ିଦବ କି ନାହିଁ ? ମୁଁ ଜାଣେ, ତୁ ସେତେବେଳେ ଗୋଟାପଣେ ତାଙ୍କର ହୋଇଯିବୁ; ଆଉ ସବୁ ନିନ୍ଦା, ଅପବାଦ ସହିବାକୁ ଏକା ମୁଁ ଥିବି । ବର୍ତ୍ତମାନ ମୁଁ ଜାଣୁନି, ଏ ଘନ ଜଙ୍ଗଲ ଭିତରେ ଗୋଟାଏ ଅଚ୍ଛଦୂର ପଥ ତୁ କାହିଁକି ବାଛିଚୁ ? ତୁ ବୁଢ଼ୀ, କଅଁଳକହୀ, ଏଠାରୁ ଖସିଯିବୁ । ତା'ପରେ ମୋ ଦଶା କ'ଣ ହେବ ? କୃଷ୍ଣ ମୋର ସାତସରି ଗଳାହାର ଛିଡ଼େଇ ନବ । ଏହିକ୍ଷଣି ମୋ ଘରେ ଥିବା ଗେରସ୍ତ ଏକଥା ଜାଣିଲେ କ'ଣ ହେବ ? ତୁ କାହିଁକି ଏ ବାଟ ବାଛିଲୁ ? ଚାଲ, ଏଆଡ଼୍ ସେଆଡ଼ୁ ମିଛ କଥା ଦେଇ କୃଷ୍ଣ ପାଖରୁ ଖସିଯିବା । ଯେବେ ଏଥରକ ତା' ପାଖରୁ ରକ୍ଷାପାଇ ନିରାପଦରେ ଘରେ ପହଞ୍ଚିଯିବା ତେବେ ଆଉ ମଥୁରା ଆସିବା ନାହିଁ । ତୋ ପରି ମୋର ମାଇଁ ଆଇ ଜଗୁଆଳୀ ଥାଉ ଥାଉ ମୁଁ ଏ କି ହଟହଟାରେ ପଡ଼ିଲି ? ଆଉ କ'ଣ କହିବି ? ସବୁ ବୁଝିଶୁଝି ତୁ ଯାହା ତୁନି ପଡ଼ିଛୁ, କି ଲାଜ ସରମର କଥା ଇୟେ ?"

ନଦେଖିଲା ଭଳି ସେମାନେ ଯେମିତି ଖସି ଯିବାକୁ ଚେଷ୍ଟା କରିବେ, ସେହିପରି କୃଷ୍ଣ ଛଳନା କରି ତାଙ୍କ ନଜରକୁ ଟିକେ ହୁଗୁଳା କରିଦେଲେ । କିନ୍ତୁ ତାଙ୍କର ଦୃଷ୍ଟି ରହିଲା କିପରି ରାଧାଙ୍କୁ ତାଙ୍କ ସାଙ୍ଗଠାରୁ ଅଲଗା କରିଦେଇ ତାଙ୍କୁ

ଏକୁଟିଆ ପାଇବେ । ବୃଦ୍ଧା ସହ ସଲସୁତୁର ଥିବାରୁ ଏବେ ସେ ସୁଯୋଗ ମିଳିଗଲା । ତଥାପି ରାଧା ଝଗଡ଼ିଲେ; କିନ୍ତୁ ଯେତେବେଳେ ଜାଣିଲେ ଯେ ତାହା ବିଧିନିର୍ଦ୍ଦିଷ୍ଟ, ବାଧ ହୋଇ କୃଷ୍ଣଙ୍କ କାମପ୍ରବଣତା ପାଖରେ ନିଜକୁ ସମର୍ପଣ କରିଦେଲେ । କହିଲେ—"ଯେତେବେଳେ ମୁଁ ମଥୁରା ହାଟକୁ ପସରା ନେଇ ଯାଏ, ତୁମେ ବରାବର ମୋ ଉପରେ ନଜର ରଖି ମୋ ପଛେ ପଛେ ଯାଅ । ଏବେ ଜାଣୁଛି, ଏ ମୋ ଭାଗ୍ୟର ବିଗ୍ଭର । ହେ ନନ୍ଦନନ୍ଦନ, ମୋତେ କେବେ ଛାଡ଼ ନାହିଁ । ମୋ ଇଚ୍ଛା ବିରୁଦ୍ଧରେ ଯିବ ନାହିଁ ବୋଲି କଥା ଦେଲେ ମୁଁ ତୁମ ସହିତ ଏକା ଶେଯକୁ ଯିବି । ହେ କୃଷ୍ଣ, ସାବଧାନ, ମୋ ଶିରୋଭୂଷଣ ଯେପରି ଭାଙ୍ଗି ନଯାଏ, ମୁଁ ତୁମକୁ ନେହୁରା ହେଉଛି । ଦେଖ, ମୋ ସାତସରି ହାର ଯେପରି ଛିଣ୍ଡି ନଯାଏ, ମୋ ଅଳଙ୍କାରଯାକ ଯେମିତି ଯେ ଯାହା ଜାଗାରେ ଠିକ୍ ରହେ । ମୋ ଓଠରେ ତୁମ ଦାନ୍ତକୁ ଏଡ଼େ ଜୋରରେ ଗୁପି ଦିଅ ନାହିଁ । ମୋ ସଖୀମାନେ ନିଶ୍ଚେ ତାହା ଚିହ୍ନି ପାରିବେ । ନଖମାନଙ୍କୁ ମୋର କୁଚରେ ଭୁଷି ଦିଅନା, ଯଦି ତାହା ଦେଖାପଡ଼େ ମୋ ଗେରସ୍ତ ମୋତେ ମାରି ପକାଇବ ।" ତଥାପି ରାଧା ଚୂଡ଼ାନ୍ତ ସମର୍ପଣ ପର୍ଯ୍ୟନ୍ତ ପ୍ରତିବାଦର ସ୍ୱର ଜାରି ରଖିଥିଲେ । କିନ୍ତୁ କୃଷ୍ଣ ତାଙ୍କର କ୍ଷୁଦ୍ର ଅଳଙ୍କାର କିଛି ନେଇଯିବା ଯୋଗୁଁ ସେ ଚୁପ୍ ହୋଇଗଲେ । ସେଗୁଡ଼ିକ ତ ଫେରାଇ ଦିଆଗଲା ନାହିଁ, ବରଂ ସମ୍ଭବତଃ ଦ୍ୱିତୀୟ ମିଳନ ଲାଗି ବନ୍ଧକ ରୂପେ ରହିଲା ।

ବୃଦ୍ଧା ସ୍ତ୍ରୀଲୋକଟି ରାଧାଙ୍କୁ ଘରେ ପହଞ୍ଚାଇଲା ବେଳକୁ ବିଳମ୍ବ ହୋଇଗଲା । ଶାଶୁକୁ ଜଣାଇ ଦିଆଗଲା ଯେ ବାଟରେ ସେମାନେ ଗୋଟାଏ ଡାକୁକୁ ଭେଟିଲେ; ସେ ରାଧା ପିନ୍ଧିଥିବା ଅଳଙ୍କାରକୁ ନେଇଗଲା । ରାଧାଙ୍କ ଶାଶୁ ତାଙ୍କର ମଥୁରା ଯିବା ବନ୍ଦ କରିଦେଲା ।

ଗରମ ଖରାଦିନ ଯାଇ ମେଘୁଆ ପାଗ ଦେଖା ଦେଲାଣି । ଦ୍ୱିତୀୟ ଥର ପାଇଁ ରାଧାଙ୍କୁ ଭେଟି ନପାରି କୃଷ୍ଣ ଅଧୀର ହୋଇପଡ଼ିଲେ । ବଡ଼ାୟୀ ପାଖକୁ ଯାଇ ସେ ତା'ର ସାହାଯ୍ୟ ଲୋଡ଼ିଲେ । ବୁଢ଼ୀ କିନ୍ତୁ ଏଥରକ କିଛି ଉପାୟ କରିପାରିବ ବୋଲି ନାହିଁ କଲା । ନିଜ ଫନ୍ଦି ନିଜେ କରିବାକୁ ସେ କୃଷ୍ଣଙ୍କୁ କହିଲା । କୃଷ୍ଣ ତାକୁ ପ୍ରସ୍ତାବଟିଏ ଦେଇ କହିଲେ ଯେ ଯେମିତି ହେଉ, ରାଧା ଯେପରି ଦୈନିକ ମଥୁରା ହାଟକୁ ଯା-ଆସ କରିବ, ସେହି ବ୍ୟବସ୍ଥା କରିବାକୁ ହେବ । ବଡ଼ାୟୀ ଏ ପ୍ରସ୍ତାବକୁ ସମର୍ଥନ କରି କହିଲା ଯେ ଏବେ ତ ବର୍ଷାଦିନ ଆସିଲାଣି, ଏଣୁ କିଛି ବାଟ ଡଙ୍ଗାରେ ଯିବା ପାଇଁ ରାଧାକୁ ପ୍ରବର୍ତ୍ତାଯାଇ ପାରେ । ଏଥି ମଧ୍ୟରେ ବୃନ୍ଦାବନ ଓ ମଥୁରା ମଝିରେ ଯାତାୟାତ କଲାଭଳି ଡଙ୍ଗାଟିଏ କୃଷ୍ଣଙ୍କୁ ଯୋଗାଡ଼ କରିବାକୁ ହେବ । କୃଷ୍ଣ ଏପ୍ରକାର ଷଡ଼ଯନ୍ତ୍ରକୁ କେବଳ ପୂର୍ଣ୍ଣ ସମ୍ମତି ଜଣାଇଲେ ନାହିଁ ନିତି ପ୍ରତି ନିଜର ଡଙ୍ଗା ଫିଟାଇ ଚଳାଇବାର ବ୍ୟବସ୍ଥା କରିଦେଲେ । ରାଧାଙ୍କର ଲୋକମାନଙ୍କୁ ଏ ବିଷୟରେ ବୁଝାବୁଝି କରି ରାଜି

କରାଇବାରେ ବଡ଼ାୟୀକୁ ବିଶେଷ କଷ୍ଟ କରିବାକୁ ପଡ଼ିଲା ନାହିଁ । କିନ୍ତୁ ପୁଣି ଥରେ କୃଷ୍ଣଙ୍କୁ ଭେଟିବାର ସୁଯୋଗ ଦେବା ପାଇଁ ଆପାତତଃ ରାଧା ରାଜି ହେଲେ ନାହିଁ । ବୁଢ଼ୀ ଯେତେବେଳେ କହିଲା ଯେ ଅଧିକାଂଶ ବାଟ ସେମାନେ ନୌକାରେ ପାରି ହେବାକୁ ଯାଉଥିଲାବେଳେ ସେପରି କୌଣସି ଅବାଞ୍ଛିତ ଲୋକକୁ ଭେଟିବାର ସମ୍ଭାବନା ନାହିଁ, ସେତେବେଳେ ଯାଇ ରାଧା ରାଜି ହେଲେ ।

ଯେତେବେଳେ ବଡ଼ାୟୀ ଓ ତା'ର ସହଚରିଣୀଦଳ ଯମୁନା କୂଳରେ ପହଞ୍ଚିଲେ ସେଠି ଦେଖିଲେ, ଡଙ୍ଗାଟିଏ ଭିଡ଼ା ହୋଇଛି ଅଥଚ ନାଉରିଆ ଆଖପାଖରେ କେଉଁଠି ଦିଶୁ ନାହିଁ । ନାଉରିଆ ଆସିବାକୁ କିଛି ସମୟ ପ୍ରତୀକ୍ଷା କଲାପରେ ଝିଅଗୁଡ଼ାକ ଜୋରରେ ପାଟି କରି ଡାକିଲେ । ତତ୍‌କ୍ଷଣାତ୍ କୃଷ୍ଣ ତାଙ୍କ ଡଙ୍ଗା ସହ ହାଜର ହୋଇଗଲେ । କିନ୍ତୁ ଗୋଟିଏ ଥରରେ ସମସ୍ତଙ୍କୁ ପାର କରି ନେବା ପାଇଁ ଡଙ୍ଗାଟି ତାଙ୍କର ଛୋଟ ଥିଲା । ଦୁଇ, ଦୁଇ କିମ୍ବା ତାଠୁଁ ଊଣା କରି ସେ ସେମାନଙ୍କୁ ପାର କରାଇବାକୁ ଲାଗିଲେ । କୌଣସିମତେ ବଡ଼ାୟୀ ଓ ଅନ୍ୟମାନଙ୍କୁ ପାର କରାଇ ଦେଇ ରାଧାଙ୍କୁ ଏକା ପାରି କରିବେ ବୋଲି ସବା ପଛକୁ ରଖିଲେ । ଯେମିତି ଆଶା କରାଯାଉଥିଲା କୃଷ୍ଣ ସେମିତି ରାଧାଙ୍କୁ ପାରିକରିବା ପୂର୍ବରୁ ମୂଲ ମାଗି ବସିଲେ । ରାଧାଙ୍କ ପାଖରେ ମୂଲ ନଥିଲା, ତେଣୁ ସେ ଦେଇ ନପାରିବାରୁ କୃଷ୍ଣ ପ୍ରୀତି ଦାବୀ କଲେ । ପୂର୍ବପରି ଝଗଡ଼ା ଆରମ୍ଭ ହେଲା; କିନ୍ତୁ ଶେଷରେ ପସରା ସହ ରାଧା ଡଙ୍ଗାକୁ ଉଠିଲେ । ଡଙ୍ଗା କୂଳଠାରୁ ଅଳ୍ପଦୂର ଯାଇଛି କି ନାହିଁ କୃଷ୍ଣ ଯେ କୌଣସି ପ୍ରକାରେ ଡଙ୍ଗାକୁ ବୁଡ଼ାଇଦେଲେ । ସେଠାରେ ପାଣିର ଗଭୀରତା ନଥିବାରୁ ଖୁବ୍ ଶୀଘ୍ର ପୁଣି ଅସଜଡ଼ା ଡଙ୍ଗାଟିକୁ ସଜାଡ଼ି ଦିଆଯାଇ ପାରିଲା । ଏହି ସମୟ ମଧ୍ୟରେ କୃଷ୍ଣ ନିଜର ସନ୍ତୋଷ ବିଧାନ କରିନେଲେ । ରାଧା ବି କିଛି ଊଁ ଚୁଁ କଲେ ନାହିଁ । ଆରକୂଳରେ ପହଞ୍ଚିଲା ପରେ ନିଜର ଅପ୍ରସ୍ତୁତ ଅବସ୍ଥା ବିଷୟ ବୁଝାଇଦେବା ପାଇଁ ରାଧାଙ୍କ ପକ୍ଷରେ ବିଶେଷ ଅସୁବିଧା ହେଲା ନାହିଁ । ତାଙ୍କ ବେପାର ଜିନିଷ ଯାହାସବୁ ନଷ୍ଟ ହୋଇଯାଇଥିଲା ଅନ୍ୟମାନେ ନିଜ ନିଜ ପସରାରୁ ତାହା ଭରଣା କରିଦେଲେ । ଘରକୁ ଫେରିଲା ବାଟରେ କୃଷ୍ଣ ରାଧାଙ୍କର ଯେଉଁସବୁ ଅଳଙ୍କାର ନେଇଯାଇଥିଲେ ସେଗୁଡ଼ିକ ତାଙ୍କୁ ଫେରାଇ ଦେଲେ । ରାଧାଙ୍କର ସ୍ୱାମୀ ତାଙ୍କ ପାଇଁ ଭାରି ଦୁଃଖ କଲା ଓ ସେ ଋତୁ ନ ସରିବାଯାକେ ତାଙ୍କୁ ମଥୁରା ଯିବାକୁ ଅନୁମତି ମିଳିଲା ନାହିଁ ।

ବର୍ଷା ଋତୁ ଯାଇ ଯେବେ ଶରତ ଋତୁ ଆସିଲା, କୃଷ୍ଣ ପୁଣି ରାଧାଙ୍କ ପାଇଁ ଉଚ୍ଛନ୍ନ ହୋଇପଡ଼ିଲେ । ତାଙ୍କ ଅନୁରୋଧରେ ବଡ଼ାୟୀ ଆସି ରାଧାଙ୍କ ଶାଶୁଙ୍କୁ କହିଲା ଯେ ଜାଲଟଣା ବାଟରେ ଏବେ ରାଧା ମଥୁରାକୁ ଯାଇପାରିବ, ସେ ବାଟରେ କିଛି ଝିନ୍‌ଝୋଟ୍ ନାହିଁ । ସେ ରାଜି ହୋଇଗଲା ଓ ରାଧାଙ୍କୁ ମଥୁରା ଯିବାପାଇଁ

ଆଉ ଥରେ ଅନୁମତି ମିଳିଗଲା । ଏଥରକ କୃଷ୍ଣ ଭରବୁହା କୁଲିରୂପେ ଦେଖାଦେଲେ । ଟାଇଁ ଟାଇଁଆ ଖରାରେ ମୁଣ୍ଡରେ ପସରା ଧରି ଯିବାରେ ରାଧା ଏକାନ୍ତ ଅବସନ୍ନା ହୋଇପଡ଼ିଲେ । ସେ ସେଥିପାଇଁ ଭରବୁହା କୁଲିଟିଏ ମଜୁରି ହାରରେ ଠିକଣା କଲେ; କିନ୍ତୁ ମଜୁରି ଠିକଣା କଲେ ନାହିଁ । କୃଷ୍ଣ ବୋଝତକ ମଥୁରାକୁ ବହିନେଲେ, ମାଲତକ ବି ବିକ୍ରି ହୋଇଗଲା; କିନ୍ତୁ ମଜୁରି ବଦଳରେ କୃଷ୍ଣ ମାଗିଲେ ପ୍ରୀତି, ରାଧା ଜମା ମାଗିଲେ ନାହିଁ ।

ସେମାନେ ବୃନ୍ଦାବନକୁ ଫେରିଲେ । ବାଟଯାକ କୃଷ୍ଣ ରାଧାଙ୍କ ମୁଣ୍ଡ ଉପରେ ଛତାଟିଏ ଧରି ଧରି ଆସିଲେ । (ଏଭଳି ଦୁଇଗୁଣ କାମର ମଜୁରା କି ପ୍ରକାରେ ହେଲା ସେ ବିଷୟରେ କିଛି ଜଣାଯାଏ ନାହିଁ, ଯେହେତୁ ପୋଥିର ଆଠଟି ପୃଷ୍ଠା ସେହିଠାରୁ ହଜି ଯାଇଛି ।)

ବର୍ତ୍ତମାନ କୃଷ୍ଣ ବଗିଚା କାମ କରିବାକୁ ଯାଇ ଫଳ ଉଦ୍ୟାନର ହେପାଜତରେ ଲାଗିଲେ । ବାଟ କଡ଼ରେ ସୁନ୍ଦର ଉପବନଟିଏ ସେ ଗଢ଼ିଲେ । ସେ ଉପବନଟିକୁ ଦେଖିଯିବା ପାଇଁ ବଡ଼ାୟୀ ରାଧାଙ୍କ ସମେତ ସମସ୍ତ ଗୋପ-ବାଳାଙ୍କର ଆଗ୍ରହ ଜନ୍ମାଇଲା । କୃଷ୍ଣ ସେମାନଙ୍କ ସହ ଚମତ୍କାର ବ୍ୟବହାର କରେ; କିନ୍ତୁ ଶେଷଆଡ଼କୁ ସଖୀମାନଙ୍କଠାରୁ ରାଧାଙ୍କୁ ଅଲଗା କରାଇନେଇ ତାଙ୍କୁ ତାଙ୍କ ସହିତ ପ୍ରୀତି କରିବାକୁ ଅନୁନୟ କଲେ । ରାଧା ରାଜି ହେଲେ ନାହିଁ ।

ଦୃଶ୍ୟ ବର୍ତ୍ତମାନ ଅପସରିଗଲା ଯମୁନାକୂଳକୁ । ସେଥିରେ ଗହୀର ଗଣ୍ଡଟିଏ ବେଶ୍ ସୁବିଧାଜନକ ସ୍ଥିତିରେ ରହିଥିଲା କିନ୍ତୁ ସେଥିରେ ବସା କରିଥିଲା ଗୋଟିଏ ବିଷଧର ସର୍ପ । ସେଥିପାଇଁ ତାହା ମନୁଷ୍ୟ କିମ୍ବା ଗାଈଗୋରୁଙ୍କଦ୍ୱାରା ବ୍ୟବହୃତ ହୋଇ-ପାରୁ ନଥିଲା । କୃଷ୍ଣ ସେ ସାପକୁ ସେଠାରୁ ତଡ଼ିଦେଲେ ଏବଂ ସେ ଗଣ୍ଡଟିକୁ ସମସ୍ତଙ୍କ ବ୍ୟବହାର ଯୋଗ୍ୟ କରିଦେଲେ । ବହୁଦିନ ଧରି କୃଷ୍ଣ; ରାଧା ଓ ଅନ୍ୟ ଗୋପୀମାନେ ସେଥିରେ ପହଁରା ପହଁରି କରି ଭାରି ମଜା କଲେ । ଦିନକର ରାଧା ତାଙ୍କ ଗଳାହାର ହଜାଇ ଦେଲେ ଓ କୃଷ୍ଣ ତାକୁ ନେଇଯାଇଛନ୍ତି ବୋଲି ଭାବିଲେ । ସେ ସେଇଟିକୁ ଫେରାଇ ଆଣିବା ପାଇଁ ବଡ଼ାୟୀକୁ ପଠାଇଲେ; କିନ୍ତୁ କୃଷ୍ଣ ସେ ବିଷୟରେ କିଛି ଜାଣିନାହାନ୍ତି ବୋଲି ଅସ୍ୱୀକାର କଲେ । ଏହାପରେ ରାଧା କୃଷ୍ଣଙ୍କ ମାଆ ଯଶୋଦାଙ୍କ ପାଖକୁ ଆସି କୃଷ୍ଣଙ୍କର ଦୁର୍ବ୍ୟବହାର ବିଷୟରେ ଅଭିଯୋଗ କଲେ । ଯଶୋଦା ପୁଅ କୃଷ୍ଣକୁ ତାଗିଦ୍ କରିଦେଲେ, ଦଣ୍ଡ ବି ଦେଲେ । ରାଧାଙ୍କଠାରେ ଏହାର ପ୍ରତିଶୋଧ ନେବେ ବୋଲି କୃଷ୍ଣ ଦୃଢ଼ପ୍ରତିଜ୍ଞ ହେଲେ ।

କୃଷ୍ଣ ନିଜକୁ ଏକ ମାୟାଧନୁ ଓ ଫୁଲଶରମାନଙ୍କରେ ସନ୍ନଦ୍ଧ କରାଇ ମଥୁରା ବାଟରେ ଗୋଟିଏ କଦମ୍ବ ଗଛ ମୂଳେ ପ୍ରସ୍ତୁତ ହୋଇ ଠିଆହୋଇଗଲେ ।

ବଡ଼ାୟୀ ସାଙ୍ଗରେ ରାଧା ଯେତେବେଳେ ସେହି ବାଟରେ ଆସିଲେ, ରାଧା କାହିଁକି ମିଛରେ ତାଙ୍କୁ ଦୋଷ ଦେଇ ତାଙ୍କ ମାଆଙ୍କ ପାଖରେ ଅଭିଯୋଗ କଲେ, ସେଥିପାଇଁ ତାଙ୍କୁ କ୍ଷମା ମାଗନ୍ତୁ ବୋଲି କୃଷ୍ଣ ଦାବୀ କଲେ । କିନ୍ତୁ ରାଧା ତଥାପି ସେତେ-ବେଳକୁ ବି କୋପନ ଅବସ୍ଥାରେ ଥିଲେ; ସେ କୃଷ୍ଣଙ୍କ କଥା ଜମା ଶୁଣିଲେ ନାହିଁ । କୃଷ୍ଣ କ୍ରୋଧରେ ଅଜ୍ଞାନ ହୋଇ ରାଧାଙ୍କ ପ୍ରତି ଶର ନିକ୍ଷେପ କଲେ । ଶର ରାଧାଙ୍କଠାରେ ବାଜିବା ମାତ୍ରେ ସେ ଲେଉଟ୍‌କୋଉଟ୍ ହୋଇ ଜ୍ଞାନ ହରାଇ ଭୂଇଁରେ ଲେଟିଗଲେ । ଏପରି ଘଟିବ ବୋଲି କୃଷ୍ଣ କଳ୍ପନା କରିନଥିଲେ; ସେଥିଯୋଗୁ ସେ ହଡ଼ବଡ଼େଇଗଲେ । ବଡ଼ାୟୀ ମଧ୍ୟ ଭରି ରାଗିଯାଇ କ୍ରୋଧର କୌଣସି କାରଣ ନ ଥାଇ ଜଣେ ଯୁବତୀକୁ ହତ୍ୟା କରିବା ଅପରାଧରେ କୃଷ୍ଣଙ୍କୁ ଅପରାଧୀ କଲା ଓ ତାଙ୍କୁ ସେଠା ଛାଡ଼ି ପଳାଇବାକୁ ଦେଲା ନାହିଁ । ଆଇନ୍‌ଗତ ଦଣ୍ଡ ପାଇଁ କୃଷ୍ଣ ଯେତେ ଭୀତ ନ ହେଲେ ଗୋଟାଏ ବୁଢ଼ୀ ହାତରେ ଧରାପଡ଼ି ଅପମାନଜନକ ଅବସ୍ଥାରେ ଉପହାସର ପାତ୍ର ହୋଇପଡ଼ିଥିବାରୁ ତହୁଁ ବଳି ଲଜ୍ଜିତ ହେଲେ । ବଡ଼ ମିନତିଭରା ସ୍ୱରରେ ଏଥରକ ତାଙ୍କୁ ଛାଡ଼ିଦେବା ପାଇଁ ସେ ବଡ଼ାୟୀକୁ ଅନୁନୟ କଲେ ଏବଂ ସଂଜ୍ଞାଶୂନ୍ୟ ବାତମରୁ ରାଧାଙ୍କୁ ଉଦ୍ଧାର କରିବାକୁ ସବୁପ୍ରକାର ଉଦ୍ୟମ ସେ କରିବେ ବୋଲି ପ୍ରତିଜ୍ଞା କଲେ । ବଡ଼ାୟୀ ତାଙ୍କୁ ଛାଡ଼ିଦେଲା । କୃଷ୍ଣ ରାଧାଙ୍କ ପାଖକୁ ଆସି ବଡ଼ କରୁଣ ସ୍ୱରରେ ବିଳାପ କରିବାକୁ ଲାଗିଲେ ।

"ଏଇ ବୁଢ଼ୀ ଯେ ଆମ ମିଳନର ବ୍ୟବସ୍ଥା କରିଥାଏ, ତା'ରି କଥାରେ ପଡ଼ି ମୁଁ ଶର ବିନ୍ଧିଦେଲି । ଏବେ ଏହାର କାହିଁକି ଏ ମରଣ ଦଶା ଘଟିଲା, ଏ ମୋତେ ନାରୀ ହତ୍ୟାରେ ପକାଇଲା । ଆରେ, ତୁ ମୋ ମାଆ ଆଗରେ ମୋର ଦୁର୍ନାମ କଲୁ, ହେଉ ରାଧା, ସେ କଥା ଛାଡ଼, ତୁ ପ୍ରାଣ ଫେରି ପାଇବୁ ତ ! କାହିଁକି ଏ ମରଣ ଦଶା ପାଇ ନିଦ୍ରା ଯାଇଛୁ ? ହେ ନିର୍ବୋଧ ବାଳିକା, ମୋ କଥା ଟିକେ ଶୁଣ । ହେ ପ୍ରିୟେ, ସୁନ୍ଦରୀ ରାଧିକେ, ତୁ ଝାଡ଼ିଝୁଡ଼ି ହୋଇ ଉଠିପଡ଼ି ମୋ ହୃଦୟକୁ ଆନନ୍ଦରେ ଭରିଦେ । ଶୁଣ ଟିକେ ଭଲ, ତୁ ତ ଆଚ୍ଛା ଝିଅଟିଏ, ମୁଁ ତୋତେ ନେହୁରା ହେଉଛି, ଉଠ୍, ଉଠି ବସ । ତୋ ଉପରେ ଯେତେ ଟିକସ ବାକି ଅଛି, ସବୁ ମୁଁ ଛାଡ଼ କରିଦେଲି । ମୁଁ ପ୍ରତିଜ୍ଞା କରୁଛି, ଆଉ କେତେବେଳେ, କୌଣସି ଅବସ୍ଥାରେ ମଧ୍ୟ ତୋତେ ହଇରାଣ କରିବି ନାହିଁ । ଉଠ, ମଥୁରା ଯିବା, ସେଠିକାର ହାଟରେ ତୋ ପସରାର ଜିନିଷ ସବୁ ବିକ୍ରି ହେବ ପରା !"

କୃଷ୍ଣ କିଛି ଶୀତଳ ଜଳ ଯମୁନାରୁ ଆଣି ତାଙ୍କ (ରାଧାଙ୍କ) ମୁହଁରେ ସିଞ୍ଚିଲେ; ରାଧା ଆଖି ଖୋଲିଲେ । କିଛି ପାଣି କୃଷ୍ଣ ତାଙ୍କୁ ପିଆଇ ଦେଲେ । ରାଧା ଯେତେ-ବେଳେ ପୁଣି ପୂର୍ବାବସ୍ଥାକୁ ଆସିଗଲେ, ସେ ଧୀର ଭାବରେ ସେ ସ୍ଥାନ ଛାଡ଼ି ଚାଲିଗଲେ ।

ମାୟାଶର ତାଙ୍କୁ ପ୍ରେମ ଭରରେ ଆକ୍ରାନ୍ତ କରି ପକାଇଥିଲା । ରାଧା ଆଉ କୃଷ୍ଣଙ୍କଠାରୁ ଦୂରରେ ରହିପାରିଲେ ନାହିଁ । ସେ ତାଙ୍କ ପଛରେ ଗଲେ । ଅନେକ ଖୋଜାଖୋଜି ପରେ ଉପବନରେ ସେ ତାଙ୍କୁ ପାଇଲେ । ପ୍ରେମୀଙ୍କର ପୁନର୍ମେଳନ ହେଲା ।

କୃଷ୍ଣ କଥା ଦେଲେ ଯେ କେଉଁଠାରେ ବି ସର୍ବସାଧାରଣରେ ରାଧାଙ୍କୁ ଉତ୍ପୀଡ଼ନ କରିବେ ନାହିଁ । ସେ ତାଙ୍କ କଥା ରଖିଲେ । କିନ୍ତୁ ମାନସିକ ସ୍ତରରେ କିଛି ବିଚଳନ ଘଟାଇବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ନ ଥିବାରୁ ଗୃହ ଭିତରେ ରାଧାଙ୍କୁ ବ୍ୟଥିତା କରିବାରୁ ସେ ବିରତ ହେଲେ ନାହିଁ । ବର୍ତ୍ତମାନ ସେ ପ୍ରସ୍ତୁତ କଲେ ସୁନ୍ଦର, ମଧୁର ସ୍ୱରର ବଂଶୀଟିଏ । ଯେତେବେଳେ ଇଚ୍ଛା ସେତେବେଳେ ତାକୁ ବଜାଇବାକୁ ଲଗିଲେ ସେ । ଘର ଭିତରେ ଆବଦ୍ଧା ରାଧାଙ୍କ ନିକଟରେ ସେ ବଂଶୀର ପରିବ୍ୟାପ୍ତ ହୃଦୟଭେଦୀ ମଧୁର ନିଃସ୍ୱନ ବାରମ୍ବାର ଧ୍ୱନିତ ହେବାକୁ ଲଗିଲା ଓ ସେଥିରେ ସେ ଆନମନା ହୋଇପଡ଼ିଲେ । ଶେଷକୁ ବଡ଼ାୟୀକୁ କହିଲେ—

[ନିପୀୟ ବଂଶୀନିନାଦଂ ରାଧା କଂସ ଭୟାତୁରା,
ବେଦିତୁସ୍ୱାଦକନ୍ତସ୍ୟା ଜଗାଦ ଜରତୀ ମିଦଂ ।]

କେଦାର ରାଗଃ ।। ରୂପକଂ ।।

କେ ନା ବାଁଶୀ ବାଏ ବଡ଼ାୟି କାଳିନୀ ନଈ କୂଳେ ।
କେ ନା ବାଁଶୀ ବାଏ ବଡ଼ାୟି ଏ ଗୋଠ ଗୋକୁଳେ ।।
ଆକୁଳ ଶରୀର ମୋର ବେଆକୁଳ ମନ ।
ବାଁଶୀର ଶବଦେଁ ମୋ ଆଉଲାଇଲୋଁ ରନ୍ଧନ ।।
କେ ନା ବାଁଶୀ ବାଏ ବଡ଼ାୟି ସେ ନା କୋନ ଜନା ।
ଦାସୀ ହଆଁ ତା'ର ପାଏ ନିଶିବୋଁ ଆପନା । ଧ୍ରୁ ।
କେ ନା ବାଁଶୀ ବାଏ ବଡ଼ାୟି ଚିତ୍ତେର ହରିଷେ ।
ତାର ପାଏ ବଡ଼ାୟି ମୋଁ କୈଲୋଁ କୋନ ଦୋଷେ ।।
ଆବାର ବାରଏ ମୋର ନୟନେର ପାନୀ ।
ବାଁଶୀର ଶବଦେ ବଡ଼ାୟି ହାରାୟିଲୋଁ ପରାନୀ । ୨ ।
ଆକୁଳ କରିତେଁ କିବା ଆମ୍ଭାର ମନ ।
ବାଜାଏ ସୁସର ବାଁଶୀ ନାନ୍ଦେର ନନ୍ଦନ ।।
ପାଖି ନ ହୋଁ ତାର ଠାଇ ଉଡ଼ୀ ପଡ଼ି ଜାଉଁ ।
ମେଦନୀ ବିଦାର ଦେଉ ପସିଆଁ ଲୁକାଉଁ । ୩ ।

ବନ ପୋଡ଼େ ଆଗ ବଡ଼ାୟି ଜଗଜନେ ଜାନୀ ।
ମୋନ ମନ ପୋଡ଼େ ଯେହ୍ନ କୁମ୍ଭାରେର ପନୀ ॥
ଆନ୍ତର ସୁଖାଏ ମୋର କାହ୍ନ ଅଭିଲାସେ ।
ବାସଲୀ ଶିରେ ବନ୍ଦୀ ଗାଇଲ ଚଣ୍ଡୀ ଦାସେ । ୪ ।

["ଶ୍ରୀକୃଷ୍ଣ କୀର୍ତ୍ତନ" ବଂଶୀ ଖଣ୍ଡ—ସଂପାଦକ ମନୀନ୍ଦ୍ର ମୋହନ ବସୁ—ପୃ ୨]

[ଇଂରଜୀରୁ ଭଷାନ୍ତରିତ ଓଡ଼ିଆ ପଦ୍ୟାନୁବାଦ]

"କିଏ ସେ ସେ ଗୋ ବଜାଏ ବଂଶୀ ଯମୁନା ଆଶ ପାଶେ ?
କିଏ ସେ ସେ ଗୋ ବଜାଏ ଆସି ଗ୍ରଣ ବନ-ଦେଶେ ?
ଏ ଦେହ ମୋର ତରଳି ଯାଏ ଥରଇ ଖାଲି ଛାତି,
ଗନ୍ଧି ଟିକେ ପାରେନା ବସି ବିଗଳିତ ମୋ ମତି ।
ମୁରଲୀ ବାଏ କିଏ ଗୋ !
ମୋ ମନ ଦେହ ଦହେ ଗୋ !
ମନ ତ ହେଲଣି କିଣା ଦାସୀ ସରି ପାଦେ ତା'ର ଲେଟି ଯାଆନ୍ତି
କେଳି କଉତୁକୀ ଉଛନିଆ ସୁରେ ବଡ଼ାୟୀ ବଇଁଶୀ ବଜାନ୍ତି ।
କି ଦୋଷ ମୁଁ ତା'ର କରିଛି
ଅମାନିଆ ମୋର ନୟନରୁ ଲୁହ ଝାରୁଛି ।
ମଧୁର ମୁରଲୀ ସ୍ୱନ ଲୋ ବଡ଼ାୟୀ ପ୍ରାଣ ମୋର ଘେନି ଯାଉଛି,
ମୋ ମନର ସବୁ ଶାନ୍ତି ସୁଖ ଲୋ ଅବଲୀଳେ ଦହି ଦେଉଛି
ନନ୍ଦ ସୁତ ଏ କୃଷ୍ଣ ବେଣୁରେ ସରଗ-ମାଧୁରୀ ଭରିଛି ।
ବିସଙ୍ଗୀଟିଏ ମୁଁ ହୋଇଥିଲେ ସିନା ପାଶେ ତା'ର ଉଡ଼ି ଯାଆନ୍ତି
ଏ ବସୁଧା ଯେବେ ଫାଟି ଯାଆନ୍ତା ବା ନିଜକୁ ଲୁଗ୍ରଇ ରଖନ୍ତି,
ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି ମନ ପୋଡ଼ିଲେ କେ ଜାଣନ୍ତି ?
କୁମ୍ଭାର ଉହାରେ ପୋଡ଼ିଲ ପରି ଏ ହୃଦୟ ଜାଳା କେ ବୁଝନ୍ତି ?
କୃଷ୍ଣକୁ ପାଇବି—ଏଇ ଆଶାରେ ମୋ ଅନ୍ତରଟା ଖାଲି ଜଳୁଛି
ବାସୁଲୀର ପଦ ବନ୍ଦି ଚଣ୍ଡୀ ଦାସ ଏ ଗୀତ ସୋହୋଗେ ଗାଉଛି ।"

କୃଷ୍ଣଙ୍କୁ ତାଙ୍କ ପାଇଁ ଖୋଜି ଆଣିବାକୁ ରାଧା ବଡ଼ାୟୀକୁ ଅନୁରୋଧ କଲେ । ବଡ଼ାୟୀ ଏ କାର୍ଯ୍ୟରେ ତା'ର ଅକ୍ଷମତା ପ୍ରକାଶ କଲା ଓ ଏଭଳି ଅବୈଧ ପ୍ରେମରେ ମଜ୍ଜିବାକୁ ରାଧାଙ୍କୁ ବାରଣ କରି ଉପଦେଶ ବାଢ଼ି ବସିଲା । କିନ୍ତୁ ରାଧା ଥିଲେ ସାନ୍ତ୍ୱନାର ଅତୀତ । ଏବେ ସେ ନିଜେ ବାହାରି ପଡ଼ିଲେ ।

ସେଥିଯୋଗୁଁ ବୃଦ୍ଧା ସ୍ତ୍ରୀ ଲୋକଟି ବାଧ୍ୟ ହୋଇ ପ୍ରେମିକଟିକୁ ଖୋଜିବା ପାଇଁ ତାଙ୍କ ସାଥୀରେ ଗଲା । କିନ୍ତୁ ସେମାନେ ସେଥିରେ ସଫଳ ହେଲେ ନାହିଁ ।

କୃଷ୍ଣ ଯେତେବେଳେ ଇଚ୍ଛା ସେତେବେଳେ ବଂଶୀ ବଜାଇବାରୁ ସେ (ରାଧା) ରାତିରେ ଶୋଇ ପାରିଲେ ନାହିଁ । ଭୋର ସକାଳୁ ବୃଦ୍ଧା ଯେତେବେଳେ ରାଧାଙ୍କୁ ଡାକିବାକୁ ଆସିଲା, ଦେଖିଲା, ରାଧା ମଲା ଗଲା ପରି ମୂର୍ଚ୍ଛା ଯାଇଛନ୍ତି । ଥଣ୍ଡା ପାଣି ଆଣି ସେ ରାଧାଙ୍କ ମୁହଁରେ ସିଞ୍ଚାସିଞ୍ଚି କଲା ପରେ ରାଧା ଶୀଘ୍ର ଜ୍ଞାନ ଫେରିପାଇଲେ ।

ବଡ଼ାୟୀ ଏବେ ସତକୁସତ ରାଧାଙ୍କ ପାଇଁ ଭାରି ମନ ଦୁଃଖ କଲା ଏବଂ ଏଭଳି ଦୁର୍ଦ୍ଦଶାରେ ତାଙ୍କୁ ପକାଇଥିବାରୁ କୃଷ୍ଣଙ୍କୁ ପାନେ ଦେବା ପାଇଁ ମନସ୍ଥ କଲା । ସେ କୃଷ୍ଣଙ୍କଠାରେ ମାୟା ବିସ୍ତାର କରି ତାଙ୍କୁ ଆଣି କଦମ୍ବ ତଳର ସେଇ ଜାଗାରେ ଶୁଆଇ ପକାଇଲା । ବଂଶୀଟି ତାଙ୍କ କଡ଼କୁ ଖସି ପଡ଼ିଲା । ରାଧା ସେ ବଂଶୀଟିକୁ ଉଠାଇନେଇ ବହି ଆଣୁଥିବା ଜଳ କଳସୀରେ ବୁଡ଼ାଇ ଘେନି ଆସିଲେ । କୃଷ୍ଣ ଚେତା ପାଇବାପରେ ବଂଶୀଟିକୁ ହଜାଇ ବସିଥିବାରୁ ଭାରି ବ୍ୟସ୍ତ ହେଲେ । ରାଧା ଯେ ଗୋପନରେ ବଂଶୀଟିକୁ ନେଇଯାଇ ନେଇଛନ୍ତି ଏହା ବୁଝିବାକୁ ତାଙ୍କର ବେଶି ବିଳମ୍ବ ହେଲା ନାହିଁ । ରାଧାଙ୍କୁ ଦୋଷ ଦେବାରୁ ସେ ଠୋଫଟକା ମନା କରିଦେଲେ, କୃଷ୍ଣ କିନ୍ତୁ ତାଙ୍କ ପଛେ ପଛେ ଲାଗି ରହିଲେ, ବହୁତ ଅନୁନୟ ବିନୟ କଲେ । ପରିଶେଷରେ ସର୍ତ୍ତ ରହିଲା ଯେ କୃଷ୍ଣ ତାଙ୍କ ବଂଶୀ ଫେରିପାଇବେ ଯେବେ ସେ ଏଥିକି ନିଜର ଆଚରଣକୁ ସଂଯତ କରିବେ ଓ ବଡ଼ାୟୀକୁ ଦୃଢ଼ ପ୍ରତିଶ୍ରୁତି ଦେବେ ଯେ ସେ ରାଧାଙ୍କ ପ୍ରତି ତାଙ୍କର କୌଣସି ବିପରୀତ ବ୍ୟବହାର ପ୍ରଦର୍ଶନ କରିବେ ନାହିଁ । କୃଷ୍ଣ ଏଥିରେ ରାଜି ହେଲେ । ବଡ଼ାୟୀ ରାଧାଙ୍କୁ ନେଇ ଘରକୁ ବାହୁଡ଼ିଗଲା ।

ମାସ ପରେ ମାସ ବିତିଲା, ଅଥଚ କୃଷ୍ଣ ରାଧାଙ୍କୁ ଭେଟନ୍ତି ନାହିଁ । ଏବେ ଆଦ୍ୟ ବସନ୍ତ କାଳ ଆସିଗଲା । ରାଧାଙ୍କର ଧୈର୍ଯ୍ୟ ଶେଷ ସୀମାରେ ପହଞ୍ଚିଲା । ଯେପରି ହେଉ, କୃଷ୍ଣଙ୍କୁ ତାଙ୍କ ପାଇଁ ଖୋଜି ଆଣିବାଲାଗି ସେ ବୃଦ୍ଧା ସ୍ତ୍ରୀ ଲୋକଟିକୁ ରାଧା ପ୍ରତି ନିୟତ ଅନୁନୟ କରିବାକୁ ଲାଗିଲେ । ବଡ଼ାୟୀ ବାରମ୍ବାର ନିଜର ଅକ୍ଷମତା ପ୍ରକାଶ କଲା । ଏପ୍ରକାର ଦୀର୍ଘ, ଅନିଶ୍ଚିତ ଯାତ୍ରାରେ ବାହାରିବା ପାଇଁ ଅର୍ଥାତ୍ କୃଷ୍ଣ କେଉଁଠି ଅଛନ୍ତି, ତାହା ସେ ଜାଣି ନଥିବାରୁ କୁଆଡ଼େ ଯାଇ ଖୋଜିବ ବୋଲି ସେ ମନା କରୁଥିଲା । କୃଷ୍ଣଙ୍କୁ ତାଙ୍କ ପାଇଁ ଖୋଜି ଆଣିବା ଲାଗି ରାଧା ବୁଢ଼ୀକୁ ତାର ହଇରାଣ ହେବାର କ୍ଷତିପୂରଣ ସ୍ୱରୂପ କିଛି ସୁନା ଯାଚିଲେ । ବୃନ୍ଦାବନ ଆଖପାଖର ସବୁ ସମ୍ଭାବ୍ୟ, ଅସମ୍ଭାବ୍ୟ ସ୍ଥଳୀ ସମେତ ବହୁଦୂର ସ୍ଥାନର ଠିକଣା ସେ ତାଙ୍କୁ ବତାଇ ବସିଲେ । (୧)

---

୧ । ଏହା ପରେ ଯେଉଁ ପଦମାନ ରହିଛି, ସେଥିରେ ରଚୟିତା (ଅତି ଊଣାରେ ଏହି ପଦମାନଙ୍କର) ଏଠାରେ ଯେପରି ବର୍ଣ୍ଣନା ଦେଇଛନ୍ତି ସେଥିରେ

"ଯେବେ ଏ ସବୁ ଜାଗାରେ ତୁ ତାଙ୍କୁ ନପାଇବୁ, ତେବେ ତୁ ଗଙ୍ଗାକୂଳକୁ ଯାଇ ତାଙ୍କୁ ଖୋଜିପାରୁ । ସେଠାରେ ତାଙ୍କୁ ଦେଖି ନପାରିଲେ ସାଗରର ଗୃହ (କିମ୍ବା ସାଗର ଉପରିସ୍ଥ ଗୃହ)କୁ ଯାଇପାରୁ । ସେଠାରେ ଗୋପନରେ ଗାଈଜଗା ସାଗର (କିମ୍ବା ସମୁଦ୍ର ଉପରେ ଥିବା ଗୋଗୋଷ୍ଠ)କୁ ପଚାରିବୁ । ଯେବେ ସେଠାରେ ବି କୃଷ୍ଣଙ୍କୁ ତୁ ପାଇବୁ ନାହିଁ ତେବେ ସେଠାକାର ରାସ୍ତାରେ ଯାଉଥିବା ପ୍ରତ୍ୟେକ ଲୋକକୁ ତାଙ୍କ ବିଷୟରେ ପଚାରିବୁ; ଏହାପରେ ତୁ ନିଶ୍ଚୟ ତାଙ୍କ ବିଷୟରେ ଜାଣିପାରିବୁ କାରଣ ସେଠି ଜଗତର ଈଶ୍ୱର (ଜଗନ୍ନାଥ) ଅଛନ୍ତି ।"

ବଡ଼ାୟୀ ଉତ୍ତରରେ କହିଲା ଯେ ସେ ଏତେ ଦୂର ବାହାରକୁ ଯାଇପାରିବ ନାହିଁ । ରାଧା ତାକୁ ଅତି କମ୍‌ରେ ମଥୁରା ଆଡ଼କୁ ଯିବାକୁ କହିଲେ, ଯେଉଁଠି ସେ ନିଶ୍ଚିତ କୃଷ୍ଣଙ୍କୁ ଧରିପାରିବ । ଅତୀତରେ ସେ କୃଷ୍ଣଙ୍କ ପ୍ରତି ଯାହା ଯାହା କରିଛନ୍ତି, ସେଥିପାଇଁ ବଡ଼ାୟୀ ତାଙ୍କୁ ଭର୍ତ୍ସନା କରିବାକୁ ଲାଗିଲା । କିନ୍ତୁ ରାଧା କେବଳ ତାଙ୍କର ବର୍ତ୍ତମାନର ଦୁର୍ଗତି ବିଷୟ ବକି ଲାଗିଲେ । ବଡ଼ାୟୀ ରାଧାଙ୍କର ନଛୋଡ଼ବନ୍ଧା ରୀତି ଦେଖି ତାଙ୍କୁ ଏଡ଼ି ପାରିଲା ନାହିଁ । ତାଙ୍କୁ ସଙ୍ଗରେ ଧରି ପଳାତକ ପ୍ରେମିକଟିକୁ ଖୋଜିବାକୁ ବାହାରି ପଡ଼ିଲା । ସେମାନେ ସେହି କଦମ୍ବ ଗଛ ପାଖକୁ ଆସିଲେ, ଯେଉଁଟି ଥିଲା ଶ୍ରାନ୍ତି ଅପନୋଦନ ପାଇଁ କୃଷ୍ଣଙ୍କର ଅତି ପ୍ରିୟ ଆଶ୍ରୟସ୍ଥଳୀ । ସେମାନେ ସେଠାରେ ଧୈର୍ଯ୍ୟର ସହ ପ୍ରତୀକ୍ଷା କରିବାକୁ ଲାଗିଲେ ।

ଦିନ ସରିଗଲା, ରାତି ଆସିଲା । ଲୁହ ଛଳଛଳ ଆଖିରେ ରାଧା ତଥାପି ପ୍ରତୀକ୍ଷା କରୁଥିବା ଅବସ୍ଥାରେ ବଡ଼ାୟୀକୁ ଅତୀତର କଥା କହି ବର୍ତ୍ତମାନ ପାଇଁ ଶୋକ କରୁ କରୁ ରାତିଟା ସରି ଆସିଲା ଓ ପ୍ରଭାତ ହେଲା । ବଡ଼ାୟୀ ଏହା ପରେ ତାଙ୍କୁ ନେଇ ବୃନ୍ଦାବନକୁ ଗଲା ଯେଉଁଠାରେ ଗାଈ ଚରଉଥିବା ଅବସ୍ଥାରେ ସେମାନେ କୃଷ୍ଣଙ୍କ ଦେଖା ପାଇଲେ । ବିଚରା ଝିଅଟି ପାଇଁ ଏସବୁ ଯଥେଷ୍ଟ ଅଧିକ ହୋଇଗଲା । ସେ ମୂର୍ଚ୍ଛାଗତ ହୋଇଗଲେ । ମାତ୍ର ବଡ଼ାୟୀ ଶୀଘ୍ର ତାଙ୍କୁ ଚେତା କରାଇଲା । ବିଗତ ଦିନମାନଙ୍କରେ ରାଧା ଯେ କୃଷ୍ଣଙ୍କୁ ଅବମାନନା କରି ଆସିଛନ୍ତି ସେଥିପାଇଁ

ସେ ଚୈତନ୍ୟଙ୍କ ସହ କୃଷ୍ଣଙ୍କୁ ଏକ ଓ ଅଭିନ୍ନ ବୋଲି ଦୃଢ଼ ଭାବରେ ପ୍ରତିପନ୍ନ କରିଥିବା ପ୍ରତୀତ ହୁଏ । 'ଭାଗୀରଥି କୂଳ', 'ସାଗରେର', ଏବଂ 'ଜଗନ୍ନାଥ' ତାତ୍ପର୍ଯ୍ୟହୀନ ହୋଇ ନପାରେ । ଗଙ୍ଗାକୂଳର ନଦିୟାରେ ଚୈତନ୍ୟ ଜନ୍ମଗ୍ରହଣ କରିଥିଲେ । ପୁରୀରେ ଥିଲାବେଳେ ସମୁଦ୍ର ତୀରବର୍ତ୍ତୀ ଏକ ଉଦ୍ୟାନ-ଗୃହରେ ଅବସ୍ଥାନ କରୁଥିବାର ସମସ୍ତଙ୍କୁ ଜଣାଥିଲା । ତାଙ୍କ ପ୍ରୟାଣ କାଳରେ ସେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁରୀଠାରେ ବିଲୀନ ହୋଇଯିବାର ସମ୍ଭାବନା କରାଯାଇଥାଏ । ଏହା ସବୁ ସୂଚାଇ ଦେବ ଯେ ଏହି କୃତିଟି ୧୫୩୪ ଖ୍ରୀ.ପୂର୍ବରୁ କେବେହେଲେ ରଚିତ ହୋଇ ନଥିବ ।

ସେ ନମ୍ର ଭବରେ ନିଜର ସବୁ ଦୋଷ ସ୍ୱୀକାର କଲେ ବି କୃଷ୍ଣ ସେସବୁ କିଛି ଶୁଣିଲେ ନାହିଁ ବରଂ ଉଦ୍ଧତ ବ୍ୟବହାର ଦର୍ଶାଇଲେ । ରାଧା ବାରମ୍ବାର କହିଲେ, ''ମୋତେ ଟିକେ ତୁମ ପାଖରେ ବସିବାକୁ ଦିଅ ।'' କୃଷ୍ଣ ପ୍ରତ୍ୟୁତ୍ତରରେ କହିଲେ, ''ମୋ ପାଖକୁ ଲଗି ଲଗି ଆସ ନା, ଲୋକେ ନାନା କଥା କହିବେ । ଯେଉଁଠି ଅଛୁ, ସେଇଠୁ ମୁଁ ଯାହା କହୁଛି ଶୁଣ । ମୁଁ ନିଶ୍ଚିତ ଜାଣୁଛି ଯେ ବେଳକାଳ ଖରାପ ହେଲାଣି । ତୋ ସ୍ୱାମୀର ଜଣେ ଭଣଜା ସହିତ ଅବୈଧ ପ୍ରଣୟରେ ମାତିବା କଥାକୁ ତୁ ମନରେ ସ୍ଥାନ ଦେବା ଉଚିତ ହେଉ ନାହିଁ ।'' ରାଧା କହିଲେ, ''ଥରକ ପାଇଁ ମାତ୍ର ଥରକ ପାଇଁ ତୁମେ ମୋର ମୁହଁ ରଖ । ଥରକ ପାଇଁ ମୋ ସହିତ ପ୍ରଣୟ ଆଚରଣ କରି ମୋତେ ରକ୍ଷା କର ।''

କୃଷ୍ଣ ଉତ୍ତରରେ କହିଲେ, ''ମୁଁ ଏବେ ଯୋଗୀ ହୋଇଯାଇଛି । କି ଦିନ, କି ରାତି ମୁଁ କେବଳ ଯୋଗଧ୍ୟାନରେ ଅଛି । ମୁଁ ମୋର ମାନସିକ ତଥା ପ୍ରାଣଧାରକ ସମସ୍ତ କ୍ରିୟାକଳାପକୁ ନିୟନ୍ତ୍ରଣ ଦ୍ୱାରା ଏକ ବିନ୍ଦୁରେ ସ୍ଥିର ରଖିଛି । ପଦ୍ମମୂଳରୁ ମଧୁପାନ କରି ମୁଁ ଜୀବନଧାରଣ କରୁଛି । ସେଥିଯୋଗୁଁ ମୁଁ ଏବେ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଛି । ପ୍ରଲୁବ୍ଧକାରିଣୀ ରାଧା, ତୁ ଚାଲିଯା, ଦୂର ହୋଇ ଯା' । ତୋର ପ୍ରେମ ନିବେଦନ ବୃଥା । ମୁଁ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା, ତିନି ନାଡ଼ିକୁ ଏକତ୍ର ଯୋଗ କରାଇଛି । ମୋର ମାନସ ଓ ନିଃଶ୍ୱାସ ଅଭ୍ୟନ୍ତରରେ ଦ୍ରୁତ ହୋଇଯାଇଛନ୍ତି । ଦଶମ ଦ୍ୱାର ସଂପୂର୍ଣ୍ଣ ରୁଦ୍ଧ । ମୁଁ ବର୍ତ୍ତମାନ ଯୋଗମାର୍ଗରେ ଚାଲିଛି । ପ୍ରେମର ବାଣ ସଦ୍‌ଜ୍ଞାନର ବାଣ ଦ୍ୱାରା ସଂପୂର୍ଣ୍ଣ ବଶୀଭୂତ ହୋଇଛି; ସେଥିପାଇଁ ମୁଁ ତୋର ଯୌବନ ଢଳଢଳ ଦେହର ପ୍ରଲୋଭନରୁ ବହୁ ଉର୍ଦ୍ଧ୍ୱରେ । ମାଂସଳ ଶରୀରର ଆକର୍ଷଣ ମୋର ଦେହସହା ହୋଇଗଲାଣି । ସଂସାରର ସବୁ କିଛି ମୋତେ ଅକିଞ୍ଚିତ୍‌କର ମନେ ହେଉଛି ।'' ଏହିପରି ହୃଦୟ ବିଦାରକ ଭାଷା କହି କୃଷ୍ଣ ଯୋଗୀର ଭଙ୍ଗୀରେ ସ୍ଥିର ହୋଇ ବସିଗଲେ । ରାଧା କହିଲେ ଯେ ଯେତେବେଳେ କୃଷ୍ଣ ଏବେ ଯୋଗୀ ହେଲେଣି, ସେ ମଧ୍ୟ ଘରଦ୍ୱାର ଛାଡ଼ି ଯୋଗିନୀ ଭବରେ ତାଙ୍କର ସହଚାରିଣୀ ତଥା ବ୍ୟକ୍ତିଗତ ସେବାକାରିଣୀ ଭୃତ୍ୟା ହୋଇଯିବେ । ରାଧାଙ୍କର ଏ ପ୍ରସ୍ତାବକୁ କୃଷ୍ଣ କୌଣସି ପ୍ରକାରେ ମେଣ୍ଟି ନପାରି ଏହିପରି ଏକ ବାହାନା କରି କହିଲେ ଯେ ସେ କିଛି ସାଧାରଣ ଯୋଗୀ ନୁହନ୍ତି, ସେ ହେଉଛନ୍ତି ଏକ ଅବତାର । କୃଷ୍ଣଙ୍କର ଏ ଦାବୀ ପ୍ରତି ରାଧା ଆଦୌ କୌଣସି ମନ୍ତବ୍ୟ ପ୍ରକାଶ କରିବାକୁ ଖାତିର ନକରି ସେ କେବଳ ଥରକ ପାଇଁ ତାଙ୍କ ସହ ପ୍ରଣୟ ଆଚରଣ କରନ୍ତୁ ବୋଲି ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । କୃଷ୍ଣ ଏହାକୁ ଏଡ଼ାଇ ଦେଲେ ଏବଂ ଅତୀତରେ ସେ ଯେଉଁ ଅପରାଧ ସବୁ କରିଥିଲେ ସେସବୁକୁ ମନେ ପକାଇଦେଲେ । ରାଧା କହିଲେ କୃଷ୍ଣ ଯେବେ ତାଙ୍କ ସହ ପ୍ରଣୟ ଆଚରଣ ନକରନ୍ତି ତେବେ ସେ ମୃତ୍ୟୁବରଣ କରିବେ

ଓ ସେ ଦୋଷ କୃଷ୍ଣଙ୍କୁ ହିଁ ଲାଗିବ । କୃଷ୍ଣ ଏବେ ଦୟାର୍ଦ୍ର ହେଲେ, କହିଲେ, "ଆଚ୍ଛା, କେବଳ ବଡ଼ାୟୀ ଯେବେ ଅନୁମୋଦନ କରେ ।" ବୃନ୍ଦାନାରୀଟି ହସ୍ତକ୍ଷେପ କରିବା ପର୍ଯ୍ୟନ୍ତ ସେମାନଙ୍କ ଭିତରେ ଆହୁରି କେତେ କଥାବାର୍ତ୍ତା ଚାଲିଲା । ପ୍ରଥମରୁ ବଡ଼ାୟୀ ରାଧାଙ୍କୁ ସମର୍ଥନ କରୁନଥିଲା କିନ୍ତୁ ପରିଶେଷରେ ସେ ପ୍ରଭାବିତା ହୋଇପଡ଼ିଲା । ରାଧା ଯେତେବେଳେ ତାଙ୍କ ବିଷୟକ ଦାୟିତ୍ୱ ବଡ଼ାୟୀ ନେଉ ବୋଲି ତାକୁ ରାଜୀ କରାଇବାରେ ବ୍ୟସ୍ତ ଥିଲେ, କୃଷ୍ଣ ସେମାନଙ୍କ ଅଗୋଚରରେ ନିଜକୁ ସେମାନଙ୍କ ଦୃଷ୍ଟିର ଉହାଡ଼କୁ ନେଇଗଲେ । ନାରୀଦ୍ୱୟ ପୁନର୍ବାର ପଦଯାତ୍ରାରେ ବାହାରିଲେ ଏବଂ କ୍ଳାନ୍ତିକର ଅନୁସନ୍ଧାନ ପରେ ସେମାନେ ନାରଦ ଋଷିଙ୍କ ଦେଖା ପାଇଲେ । କୃଷ୍ଣଙ୍କର ଗତିବିଧି ବିଷୟରେ ପଚାରି ଯିବାରୁ ସେ ଉପବେଶନ ପୂର୍ବକ ଯୋଗ ଧ୍ୟାନରେ ମଗ୍ନ ହେଲେ ଏବଂ ତାହାପରେ ସେମାନଙ୍କୁ କହିଲେ ଯେ ବୃନ୍ଦାବନର ଅଭ୍ୟନ୍ତରସ୍ଥ ଘନ ଅରଣ୍ୟରେ ଥିବା କଦମ୍ବ ବୃକ୍ଷ ମୂଳରେ ଫୁଲ ଶେଯରେ ସେମାନେ କୃଷ୍ଣଙ୍କୁ ଭେଟିପାରିବେ ।

ସେମାନେ ସେହି ସ୍ଥଳକୁ ସିଧାରାସ୍ତାରେ ଯାଇ ଅଳ୍ପ ଦୂରରୁ କୃଷ୍ଣଙ୍କୁ ଦେଖିବାକୁ ପାଇଲେ । ଏକାନ୍ତ ପରିଶ୍ରାନ୍ତା ରାଧାଙ୍କ ପକ୍ଷରେ ସେ ଦୃଶ୍ୟ ଯଥେଷ୍ଟ ମାତ୍ରାଧିକ ଥିଲା, ସେ ସଂଜ୍ଞା ହରାଇଲେ । ଏବେ ଚେତା ଫେରିପାଇ ସେ ବୃନ୍ଦାନାରୀକୁ କୃଷ୍ଣଙ୍କ ପାଖକୁ ପଠାଇଲେ ଏଇଥିପାଇଁ ଯେ ସେ ତାଙ୍କ ଅବସ୍ଥା ବିଷୟ କୃଷ୍ଣଙ୍କୁ ଜଣାଇ ଯଥାବିଧି କାର୍ଯ୍ୟାନୁଷ୍ଠାନ କରିବାକୁ କହିବ । ବଡ଼ାୟୀ କୃଷ୍ଣଙ୍କ ପାଖକୁ ଆସି ରାଧାଙ୍କର କାରୁଣ୍ୟ ଜର୍ଜରିତ ଅବସ୍ଥା ସମ୍ପର୍କରେ ଜୟଦେବଙ୍କ ଉପଯୋଗୀ ସଙ୍ଗୀତ-ମାନଙ୍କର ବିଷଦୀକୃତ ଶବ୍ଦାନ୍ତରିତ ଅନୁବାଦ ଯଥା—"ସ୍ତନ ବିନିହିତମପି ହାରମ୍" ଏବଂ "ନିନ୍ଦତି ଚନ୍ଦନ ମିନ୍ଦୁ କିରଣ ମନୁ ବିନ୍ଦତି ଖେଦ ମଧୀରମ୍" ମାଧ୍ୟମରେ ଜଣାଇଲା । କୃଷ୍ଣ ଧୈର୍ଯ୍ୟର ସହିତ ତା କଥା ଶୁଣିଲେ ଏବଂ ପରେ ପରେ ସ୍ମିତ ପ୍ରକାଶ କରି କହିଲେ, "ଏହି ଉପଲକ୍ଷ୍ୟରେ ଯଥାଯୋଗ୍ୟ ବେଶଭୂଷା ହୋଇ ସେ ଆସି ମୋ ପାଖରେ ବସୁ, ମୁଁ ତା'ର ମଙ୍ଗଳ ବିଧାନ କରିବି ।"

ସେହି ଅନୁଯାୟୀ ରାଧା ଆଗମନ କଲେ । କୃଷ୍ଣ ତାଙ୍କ ପାଇଁ ଅନୁକମ୍ପାର ପ୍ରବଳ ପ୍ରବାହରେ ମଜ୍ଜମାନ ହୋଇଗଲେ । ସେମାନେ ସମ୍ମିଳିତ ହେଲେ ଏବଂ ସବୁକିଛି ଭୁଲିଗଲେ । ବର୍ତ୍ତମାନ କ୍ଳାନ୍ତା ଓ ନିଃଶେଷିତା ରାଧା ଆପଣାକୁ ଶୁଖିଲା ପତ୍ରର ପଲଙ୍କରେ କୃଷ୍ଣଙ୍କ କୋଳରେ ମୁଣ୍ଡରଖି ଲୋଟାଇ ଦେଲେ । ଅବସନ୍ନତା ଯୋଗୁଁ ଯଥାଶୀଘ୍ର ସେ ଗଭୀର ନିଦ୍ରାରେ ଅଭିଭୂତା ହୋଇପଡ଼ିଲେ । ବଡ଼ାୟୀ କିନ୍ତୁ ବରାବର କିଛି ଦୂରରେ ଅବସ୍ଥାନ କରୁଥିଲା ଏବଂ ପୂରାପୂରି ଦୃଷ୍ଟିର ଅଗୋଚର ନଥିଲା । କୃଷ୍ଣ ତାକୁ ଠାରି ପାଖକୁ ଡାକିଲେ । ସେ ପାଖକୁ ଆସିବାରୁ ତାକୁ କହିଲେ, "ତୁ ଯାହା କହିଲୁ, ମୁଁ ତାହା କଲି । ଏବେ ମୋତେ ବିଦାୟ ଦେ । ଦିନ ଆସି

ଶେଷ ହେବାକୁ ବସିଲଣି, ତୁ ସଙ୍ଗେ ସଙ୍ଗେ ଏ ବନ ଛାଡ଼ି ଚାଲିଯା । ମୁଁ ତୋତେ ଦେଇଥିବା କଥା ରଖିଛି ଏବେ ତୁ ମୋର ଗୋଟିଏ ଅନୁରୋଧ ନିଶ୍ଚୟ ରଖିବୁ । ମୁଁ ଶୁଭଙ୍କର କାର୍ଯ୍ୟ ଲାଗି ବୃନ୍ଦାବନ ଛାଡ଼ି ଚାଲିଯାଉଛି । ତୋତେ ରାଧାର ଦାୟିତ୍ୱ ନେବାକୁ ହେବ ।" ଏହି କଥା କହି କୃଷ୍ଣ ନାତିଧୀର ଭାବରେ ନିଜ କୋଳରୁ ନିଦ୍ରିତା ଯୁବତୀର ମଥାକୁ ତଳକୁ ଓହ୍ଲାଇ ଦେଲେ ଏବଂ ମଥୁରା ଯାତ୍ରା କଲେ ।

ରାଧା ଜାଗିଉଠି କୃଷ୍ଣଙ୍କୁ ତାଙ୍କ ପାଖରେ ନଦେଖି କାନ୍ଦି ଉଠିଲେ । ବୁଢ଼ୀ ସାଙ୍ଗରେ ଜିଗର କଲେ କୃଷ୍ଣଙ୍କୁ ତାଙ୍କୁ ଆଣି ଦେବାକୁ । ବଡ଼ାୟୀ କହିଲେ ଏବେ ଅନେକ ବିଳମ୍ବ ହେଲାଣି, ଏଣେ ଅନ୍ଧାର ଘୋଟି ଆସୁଛି, ସେମାନେ ଶୀଘ୍ର ଶୀଘ୍ର ଘରକୁ ବାହୁଡ଼ି ଯିବା ଠିକ୍ ହେବ । ସେ ପୁଣି ଟିକେ ଯୋଡ଼ାଯୋଡ଼ି କରି କହିଲା ଯେ ଯେତେବେଳେ ସେମାନେ ପରସ୍ପରକୁ ବୁଝିଗଲେଣି, କୃଷ୍ଣ ନିଶ୍ଚୟ ସକାଳୁ ସକାଳୁ ତାଙ୍କୁ ଭେଟିବେ । କୌଣସିମତେ ବଡ଼ାୟୀ ବାଳିକାଟିକୁ ଘରକୁ ଫେରାଇ ନେଲା ।

ଦିନ ଆସିଲା, ଗଲା; କିନ୍ତୁ କୃଷ୍ଣ ରାଧାଙ୍କୁ ମିଳିଲେ ନାହିଁ । ନିଦାଘ କାଳ ଶେଷ ହେବା ପରେ ବର୍ଷା ଋତୁ ଆରମ୍ଭ ହୋଇଗଲା । ତାଙ୍କର ସେହି ଅମାନିଆ ପ୍ରେମିକଟିକୁ ଖୋଜି ଆଣିବା ପାଇଁ ରାଧା ବଡ଼ାୟୀକୁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ସେ ବିଳପିଲେ—

[ନିନାୟ କତିଚିତ୍ କାଳାନ୍ କଥଞ୍ଚିତ୍ କୃଷ୍ଣତୃଷ୍ଣୟା,
ଅଥାଧିଭବତୋ ରାଧା ଜଗାଦ ଜାରତୀମିଦଂ ।]

ମାଳବଶ୍ରୀ ରାଗଃ । ଯତିଃ ।

ଫୁଟିଲ କଦମ-ଫୁଲ ଭରେ ନୋଁ ଆଇଲା ଡାଲ ।
ଏଭେଁ ଗୋକୁଳକ ନାଇଲ ବାଲ ଗୋପାଲ ॥
କତ ନା ରାଖିବ କୁଚ ନେତେ ଉହାଡ଼ିଆଁ ।
ନିଦୟ ହୃଦୟ କାହ୍ନ ନା ଗେଲ ବୋଲାଇଆଁ ॥ ୧ ॥
ଶୈଶବେର ନେହା ବଡ଼ାୟି କେ ନା ବିହଡ଼ାଇଲା ।
ପ୍ରାନ ନାଥ କାହ୍ନ ମୋର ଏଭେଁ ଘର ନାଇଲ ॥ ଧ୍ରୁ ॥
ମୁଝିଆଁ ଫେଲାଇବୋ ବଡ଼ାୟି ଶିଷେର ସିନ୍ଦୂର ।
ବାହୁର ବଲୟା ମୋ କରିବୋଁ ଶଙ୍ଖଚୂର ॥
କାହ୍ନ ବିନୀ ସବ ଖନ ପୋଡ଼ଏ ପରାନୀ ।
ବିଷାଇଲ କାଣ୍ଡେର ଘାଏ ଯେହେନ ହରିଣୀ ॥ ୨ ॥

ପୁନମତୀ ସବ ଗୋଆଲିନୀ ଆନ୍ଥେ ସୁଖେ ।
କୋନ ଦୋଷେ ବିଧି ମୋକ ଦିଲ ଏତ ଦୁଖେ ।।
ଅହୋନିଶି କାହ୍ନାଇଁର ଗୁନ ସୋଆଁରିଆଁ ।
ବଜରେ ଗଢ଼ିଲ ବୁକ ନା ଯାଏ ଫୁଟିଆଁ ।। ୩ ।।
ଜେଠ ମାସ ଗେଲ ଆଷାଢ଼ ପରବେଶ ।
ସାମଲ ମେଘେଁ ଛାଇଲ ଦକ୍ଷିନ ପ୍ରଦେଶ ।।
ଏଭେଁ ନାଇଲ ନିଠୁର ସେ ନାନ୍ଦେର ନନ୍ଦନ ।
ଗାଇଲ ବଡ଼ୁ ଚଣ୍ଡୀ ଦାସ ବାସଲୀ-ଗଣ ।। ୪ ।।

[ଶ୍ରୀକୃଷ୍ଣ କୀର୍ତ୍ତନ-ରାଧାବିରହ-ସମ୍ପାଦକ-ମନୀନ୍ଦ୍ର ମୋହନ ବସୁ-ପୃ ୧୩୯-୧୪୦]

[ଇଂରାଜୀରୁ ଭାଷାନ୍ତରିତ ଓଡ଼ିଆ ପଦ୍ୟାନୁବାଦ]

"କଦମ୍ବ ନଏଁ ନୂଆ ଫୁଲ ଭରେ ଗୋପଯୁବା ସେତ ଫେରିଲା ନାହିଁ
ଉଦ୍‌ଗତ ଏ ମୋ ବକ୍ଷ ଯୁଗଳ କେେତ ବା ଲୁଗ୍ରଉଥିବିଟି ମୁହିଁ ?
କଠୋର-ହୃଦୟ ପ୍ରେମିକ ସେ ମୋର ଶେଷ କଥା ପଦେ ନ ଗଲା କହି
ବଡ଼ାୟୀ ଲୋ ଆମ ପିଲାକାଳୁ ଜଡ଼ିଥିବା ସେ ପ୍ରଣୟ ଭଙ୍ଗେ କେହି ?
ମୋ ପ୍ରାଣ ଆଧାର ଦେବତା ସେ ମୋର
ଆଉ ତ ମୋ ପାଶେ ଫେରିଲା ନାହିଁ
ଶଙ୍ଖା ହାତରୁ ଭଙ୍ଗାଇ ଦେବି ସିନ୍ଦୂର ପୋଛି ଦେବିଟି ମୁହିଁ(୧) ।
କୃଷ୍ଣବିରହ ବ୍ୟଥାର ପରଶ ଅନ୍ତରେ ମୋର ଏସନ ଘାରେ
ବିଷବୋଳାଶରେ ହରିଣୀ ଯେସନ ତିଳ ତିଳ କରି ପରାଣ ହାରେ ।
ଭାଗ୍ୟବତୀ ଏ ଗୋପଯୁବତୀଏ ଦିବସ ବିତୁଛି କେତେ ହିଁ ସୁଖେ
ନିୟତି ମୋ ଭାଲେ ଏତିକି କଷଣ ଲେଖିଲା, ଜଳୁଛି ମୁଁ କେତେ ଦୁଃଖେ !
କି ଦିବା କି ନିଶି କୃଷ୍ଣେ ମନାସି ଢାଳେ ମୁଁ ଲୋତକ ଭାଳେ ତା ରୀତି
ପଥରେ ବନ୍ଧା ନଥିଲେ କାହିଁକି ନ ଫାଟି ଥା'ନ୍ତା ଏ ମୋର ଛାତି ?
ଜ୍ୟେଷ୍ଠ ଅନ୍ତେ ଆଷାଢ଼ ଆସିଛି ବଉଦ ଘୋଟିଛି ଦକ୍ଷିଣ ଦିଶେ
କଠିନ ହୃଦୟ ନନ୍ଦର ପୁଅ ଟିକିଏ କାହିଁ ସେ ପାଶେ ନ ଆସେ
ବାସୁଲୀ ଚରଣ କିଙ୍କର ଜଣେ ଚଣ୍ଡୀ ଦାସ ମୁଁ ଏସନ ଭାଷେ ।।"

---

୧ । ଗୋଳା ସିନ୍ଦୂର ମଥାରେ ପିନ୍ଧିବା ଓ ଶଙ୍ଖଖୋଳରୁ ତିଆରି କାଚ ହାତରେ ପିନ୍ଧିବା ଯୋଗୁଁ ନାରୀଟିଏ ଜଣାଇଦିଏ ଯେ ସ୍ୱାମୀ ତା'ର ବଞ୍ଚିଛି ।

ବଡ଼ାୟୀ ତାଙ୍କୁ ବୁଝାଇ ସୁଝାଇ ଥୟ ଧରିବାକୁ କହିଲା ; କାରଣ ପରବର୍ତ୍ତୀ ଚାରିମାସ (ଚତୁର୍ମାସ୍ୟା) ତା ପକ୍ଷରେ ପଥଚାରିଣୀ ହେବା ଘୋର କଷ୍ଟଦାୟକ ହେବ । ରାଧା କହିଲେ ଯେ ଥରଟିଏ ହେଲେ କୃଷ୍ଣଙ୍କୁ ନ ଭେଟି ଏତେ ଦୀର୍ଘ ସମୟ ବଞ୍ଚିରହିବା ତାଙ୍କ ପକ୍ଷରେ ଅସମ୍ଭବ ହେବ । ସେ ପୁଣି କହିଲେ :

"ଭଦ୍ରପଦ ମାସେ ଅହର୍ନିଶ ଅନ୍ଧକାର ।
ମୟୂର ଭେକ ଡାହୁକ କରେ କୋଳାହଳ ॥
ଏତେବେଳେ ନ ଦେଖିଲେ କହ୍ନାଇର ମୁଖ ।
ଚିନ୍ତି ଚିନ୍ତି ଯିବି ଫାଟି ଏ ମୋହର ବୁକ ॥
ଆଶ୍ୱିନ ମାସର ଶେଷେ ନିର୍ମେଘ ଆକାଶ ।
କ୍ଷେତ ଚହଟାଇ ଦେଇ ଫୁଟିବତ କାଶ ॥
ତେବେ କାହ୍ନୁ ପ୍ରିୟତମା ଜୀବନ ନିଷ୍ଫଳ ।
ଗାଏ ବଡ଼ୁ ଚଣ୍ଡୀ ଦାସ ବାସଲୀ-କୋୟର ॥"

ମଥୁରାରେ ଯେଉଁଠି କୃଷ୍ଣ ଥିବାର ସମ୍ଭାବନା, ସେହିଠାକୁ ଯିବା ପାଇଁ ବଡ଼ାୟୀକୁ ସେ ବାରମ୍ବାର ଅନୁରୋଧ କଲେ ଓ ତାକୁ ତାଙ୍କର ଏକ ମୁଦ୍ରିକା ଅର୍ପଣ କଲେ । (କୃଷ୍ଣଙ୍କ ପ୍ରତି ନିଶ୍ଚିତ ସନ୍ଦେଶ ଓ ବୃଦ୍ଧାର ପାଉଣା ସ୍ୱରୂପ) । କୁନ୍ଥୁ କୁନ୍ଥୁ ହୋଇ ବଡ଼ାୟୀ ରାଜୀ ହେଲା ।

ବଡ଼ାୟୀ ମଥୁରା ଆସିଲା, କୃଷ୍ଣଙ୍କୁ ବି ଭେଟିଲା । କୃଷ୍ଣ କିନ୍ତୁ ସ୍ପଷ୍ଟ ତାକୁ କହିଦେଲେ ଯେ ସେ ଆଉ ରାଧାପ୍ରେମରେ ବୁଡ଼ି ନାହାନ୍ତି । ଅଧିକ ଜିଗର ନକରି ଘରକୁ ଫେରିଯିବା ପାଇଁ କୃଷ୍ଣ ଭଦ୍ରଭାବରେ ବୁଢ଼ୀକୁ ଜଣାଇଦେଲେ । କୃଷ୍ଣଙ୍କର କହିବା ଭଙ୍ଗୀ ବୁଢ଼ୀକୁ ଭଲ ଲାଗିଲା ନାହିଁ । ସେ କହିଲା, "ତୋର ଏ ଢଙ୍ଗ କ'ଣ ମୁଁ ତ ବୁଝିପାରୁ ନାହିଁ । ବିନାମୂଲ୍ୟରେ, ଅଯାଚିତ ଭାବରେ ତୋତେ ଏ ଯେଉଁ ଅମୃତଧାରା ପିଇବାକୁ ମିଳୁଛି ତୁ ତାକୁ ଠେଲି ଦେଉଛୁ । ସେ ଅସହାୟା ବାଳିକାଟି ତୋ ପାଇଁ ଆଉ ଏଣିକି ଗାଉଁଲିଆଣୀ ହୋଇ ରହିବ ନାହିଁ । ମୋଠାରେ କିଛି ବିଶ୍ୱାସ ରଖ, ତା ପାଖକୁ ଫେରିଚାଲ । ମୋ କଥା ଅନୁଯାୟୀ କାମ ନ କଲେ ତୁ ଭବିଷ୍ୟତରେ ଅନୁତାପ କରିବୁ । ସେତେବେଳେ ଦିନ ଥିଲା, ଯେତେବେଳେ ଉତ୍ତମ ଭୋଜନ ତୋ ପାଇଁ ସେମିତି କିଛି ଆକର୍ଷଣର ବିଷୟ ନଥିଲା । ଏବେ ମାଟି, ଗୋଡ଼ି ଖାଇବାକୁ ପସନ୍ଦ କରୁଛୁ କାହିଁକି ? ସୁନାପାତ୍ରଟିଏ ଭାଙ୍ଗିଗଲେ ଯେମିତି ମରମତ କରି ହୁଏ, ଭଲ ଲୋକର ପ୍ରୀତି ହେଉଛି ସେହିପରି । ମନ୍ଦ ଲୋକଟି ବିଶ୍ୱାସଶୂନ୍ୟ ଓ ତା'ର ପ୍ରୀତି ମାଟିପାତ୍ର ତୁଲ୍ୟ । ରାଧା ଅଛି ସେଠି ତା'ଘରେ, ତୁ ଅଛୁ ଏଠି ମଥୁରାରେ, ମୁଁ ଗୋଟାଏ ଅସ୍ତବ୍ୟସ୍ତ ଥକିପଡ଼ିଥିବା ବୁଢ଼ୀ ତୋ ତା' ଭିତରେ ଯାହା କ୍ରୀଡ଼ାକନ୍ଦୁକ ପରି ଏଆଡ଼ ସେଆଡ଼ ହୋଇ ହଲପଟା ହେଉଛି ।"

କୃଷ୍ଣ ନିଜ ଭିତରେ ଆଲୋଡ଼ନ ଅନୁଭବ କଲେ; ମାତ୍ର ତାଙ୍କ ମତିଗତିରେ କିଛି ପରିବର୍ତ୍ତନ ଘଟିଲା ନାହିଁ । ଧୀର ସ୍ୱରରେ ସେ ନିଜ ଅବସ୍ଥାର ପୁନଗବୃତ୍ତି କଲେ । ରାଧା ସହ ପୁନର୍ମିଳନର ସମ୍ଭାବନା ଥିଲା ଅଚିନ୍ତନୀୟ । ବହୁଦିନ ତଳର କଥା ହେଲେ ବି ରାଧାର ସେ କଠୋର ଭଷା ଏବେ ବି ତାଙ୍କ କାନରେ ଝଣଝଣେଇ ଉଠୁଥିଲା । ସେ ଭଲ ପାଇଁ ଗୋକୁଳ ଛାଡ଼ି ଆସିଥିଲେ । ଏବେ ସେ କଂସକୁ ହଟାଇଦେବା କାର୍ଯ୍ୟରେ ନିୟୋଜିତ ହୋଇଗଲେଣି ।

ପୋଥିଟି ଏହିଠାରେ ସମାପ୍ତ ହୋଇଛି । କୃଷ୍ଣଙ୍କର ଅବଶିଷ୍ଟ ଉକ୍ତି ଓ ପରବର୍ତ୍ତୀ ଘଟଣା ଯାହା ପରପୃଷ୍ଠା (ପୁଡ଼ା) ମାନଙ୍କରେ ବର୍ଣ୍ଣିତ ହୋଇଥିବ, ସେଗୁଡ଼ିକ ଆମ ପାଇଁ ହଜିଯାଇଛି । କିନ୍ତୁ ତାଙ୍କର ଖୁଡ଼ୁତା-ଶ୍ୱଶୁର ଚନ୍ଦ୍ରଶେଖରଙ୍କ ଘରେ ଚୈତନ୍ୟ ଯେଉଁ ତାତ୍‌କାଳିକ ସ୍ୱତଃସ୍ଫୂର୍ତ୍ତ ନାଟକଟିର ଆୟୋଜନ କରିଥିଲେ ସେଥିରୁ ଏହାର ସାରାଂଶ ବୁଝାଯାଇ ପାରେ (ଦ୍ରଷ୍ଟବ୍ୟ-ଚୈତନ୍ୟ ଭଗବତ) ।

□

'ଶ୍ରୀକୃଷ୍ଣ କୀର୍ତ୍ତନ'ରେ ଉତ୍ଥାପିତ ସମସ୍ୟାବଳୀ : ପୁନର୍ବିବେଚନ

ଅମାର୍ଜିତ ପ୍ରେମ ଓ ଏହାର ବାସ୍ତବ ଉଷ୍ଣତାର ଉଗ୍ରସ୍ୱର 'ଶ୍ରୀକୃଷ୍ଣ କୀର୍ତ୍ତନ'ରେ ସମୟେ ସମୟେ ଅଶ୍ଳୀଳତାଦ୍ୱାରା ଏପରି ଶ୍ରୁତିକଟୁ ହୋଇଉଠିଛି ଯେ ସେଥିଯୋଗୁଁ ଏହା ଅନ୍ୟ ଯେକୌଣସି ପ୍ରାଚୀନ ବଙ୍ଗ କାବ୍ୟକବିତାଠାରୁ ସ୍ୱତନ୍ତ୍ର ହୋଇଯାଇଛି । କୃଷ୍ଣ ଗାଥାର ପ୍ରାଚୀନତାଗତ ବଳିଷ୍ଠ ପ୍ରାମାଣିକତା ହେତୁ ଏହା ପଣ୍ଡିତମାନଙ୍କ ଦ୍ୱାରା 'ମୌନଂ ସମ୍ମତି ଲକ୍ଷଣଂ' ରୀତିରେ ପ୍ରାୟଶଃ ଗୃହୀତ ହୋଇଯାଇଛି । କିନ୍ତୁ ଏହା ଏପରି ହେବା ସମୁଚିତ କି ? ଜୟଦେବଙ୍କର ସଙ୍ଗୀତସବୁ ଏଭଳି କର୍କଶ ଗ୍ରାମ୍ୟତାର କୌଣସି ସୀମା ସ୍ପର୍ଶ କରେ ନାହିଁ ତ ! କୃଷ୍ଣଙ୍କ ସହ ରାଧା ଓ ଅନ୍ୟ ଗୋପୀମାନଙ୍କର ପ୍ରେମଲୀଳା ବର୍ଣ୍ଣନା ସମ୍ବଳିତ ଭବାନନ୍ଦଙ୍କର ଆଖ୍ୟାୟିକା କାବ୍ୟ 'ହରିବଂଶ' ଏ ଦୃଷ୍ଟିରୁ 'ଶ୍ରୀକୃଷ୍ଣ କୀର୍ତ୍ତନ'କୁ ଶୂନ୍ୟଗର୍ଭ ପ୍ରତିପାଦନ କରିଥାଏ । ଜୟଦେବ ହେଉଛନ୍ତି ଦ୍ୱାଦଶ ଶତାବ୍ଦୀର ଏବଂ ଭବାନନ୍ଦଙ୍କ ରଚନା କାଳକୁ ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧର ପୂର୍ବ ବୋଲି ନିର୍ଦ୍ଧାରଣ କରଯାଇ ନ ପାରେ । କିନ୍ତୁ ସଂସ୍କୃତ, ବଙ୍ଗଳା ଅଥବା ଅବହଟ୍ଟରେ ଏକଦା ଏଭଳି ଏକ ରଚନା ପ୍ରଚଳିତ ଥିଲା, ଯେଉଁଥିରେ କ୍ଷୁଦ୍ର ବା ବୃହତ୍ ପରିମାପ୍‌ରେ ଭଗବାନଙ୍କର ଗୋପାଳ ବାଳକ ଭାବରେ ଉଲଗ୍ନ ପ୍ରଣୟଲୀଳାର ବର୍ଣ୍ଣନା ରହିଥିଲା । ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର ରଚୟିତାଙ୍କର ରଚନାରେ ଏହାର ସୂଚନା ରହିଛି ଏବଂ ଭବାନନ୍ଦଙ୍କ କାବ୍ୟରେ ସ୍ପଷ୍ଟତଃ ଏହା ଉଲ୍ଲିଖିତ ଅଛି । ବିଶେଷତଃ ଭବାନନ୍ଦଙ୍କ କାବ୍ୟର ନାମକରଣରେ ଏହା ଦୃଢ଼ ସନ୍ନିବଦ୍ଧ । (ଯାହା ହେଉ ନା କାହିଁକି 'ହରିବଂଶ'ର ନାମୋଲ୍ଲେଖ ମାତ୍ର କରିଥିବା କୌଣସି ଲେଖକ 'ହରିବଂଶ' ଦେଖି ନଥିଲେ ।) ଭବାନନ୍ଦ ଥିଲେ ଉତ୍ତର-ପୂର୍ବ ବଙ୍ଗର ଲୋକ । ତାଙ୍କ କାବ୍ୟ 'ଶ୍ରୀକୃଷ୍ଣ କୀର୍ତ୍ତନ' ଭଳି ଗୀତି ସଙ୍ଗୀତଭରା ହେଲେ ବି ସଂସ୍କୃତ ଶ୍ଳୋକମାଳାରେ ମଣ୍ଡିତ ନୁହେଁ । ଏହା ସିଲ୍‌ହଟ ଓ ଚିଟାଗଞ୍ଜର ମୁସଲମାନମାନଙ୍କ ମଧ୍ୟରେ ଥିଲା ବେଶ୍ ଲୋକପ୍ରିୟ । 'ଶ୍ରୀକୃଷ୍ଣ କୀର୍ତ୍ତନ'ର

ପୋଥି-ପାଣ୍ଡୁଲିପି ଦକ୍ଷିଣ-ପଶ୍ଚିମ ବଙ୍ଗର ଶେଷ ପ୍ରାନ୍ତବର୍ତ୍ତୀ ବାଙ୍କୁର ଜିଲ୍ଲାର ଅଭ୍ୟନ୍ତର ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା, କିନ୍ତୁ ପ୍ରକୃତରେ କେଉଁଠାରେ ପାଣ୍ଡୁଲିପିଟିର ଉତ୍ପତ୍ତି ଘଟିଥିଲା ତାହା ଆମେ ଜାଣୁ ନାହିଁ । ପୂର୍ବରୁ ଆମେ ଯାହା ଉଲ୍ଲେଖ କରିଛୁ ପାଣ୍ଡୁଲିପିଟିର କଡ଼ରେ ଥିବା ଫାଙ୍କା ଜାଗାରେ କେତେକ ତରବରିଆ ଲେଖା ଦେଖିବାକୁ ମିଳେ ଯେଉଁଥିରୁ ତିନି ଜଣ ମୁସଲମାନ ବ୍ୟକ୍ତିଙ୍କର ହସ୍ତାକ୍ଷର ସନାକ୍ତ ହୁଏ ଏବଂ ସେଥିରେ ପାର୍ସୀ ଅକ୍ଷରରେ ଯେଉଁ ଧାଡ଼ିଟି ରହିଛି, ତାହାର ପାଠୋଦ୍ଧାର ହୋଇ ନାହିଁ । ଏହା ପ୍ରମାଣ କରିଦିଏ ଯେ ଏକଦା ପାଣ୍ଡୁଲିପିଟି ମୁସଲମାନ ଅଧିକାରଭୁକ୍ତ ଥିବ ।

'ଶ୍ରୀକୃଷ୍ଣ କୀର୍ତ୍ତନ'ର ଅକ୍ଷର ବା ଭଷାରେ ଏଭଳି କିଛି ନିର୍ଦ୍ଦିଷ୍ଟ ସ୍ୱାତନ୍ତ୍ର୍ୟ ଲକ୍ଷିତ ହୁଏ ନାହିଁ ଯଦ୍ଦ୍ୱାରା କୌଣସି ଏକ ବିଶେଷ ଅଞ୍ଚଳ ତା'ର ଉତ୍ପତ୍ତି-ଭୂମି ବୋଲି ସ୍ଥିର ହୋଇପାରିବ । ଅକ୍ଷରମାନଙ୍କରେ ସ୍ଥାନୀୟ ଆଞ୍ଚଳିକ ବିଶେଷତ୍ୱ ସେପରି କିଛି ମିଳେ ନାହିଁ କେବଳ ଯାହା ବଙ୍ଗଳା 'ର' ଟି ପେଟକିଳା 'ର' ର ପ୍ରତିନିଧିତ୍ୱ କରୁଛି; ମାତ୍ର ଏହା ଅସମୀୟା ତଥା ଉତ୍ତର ଓ ପୂର୍ବ ବଙ୍ଗଳା-ଅକ୍ଷରର ଅନ୍ୟ ଏକ ଚାରିତ୍ରିକ ବିଶେଷତ୍ୱ । ଏହାର ଭଷା ଅସମୀୟାଁ ସହ ସୁସ୍ପଷ୍ଟ ସନ୍ନିବଦ୍ଧତାର ପରିଚୟ ଦେବା ସଙ୍ଗେ ଅଧିକତର ଓଡ଼ିଆ ସହ ବହୁଳାଂଶରେ ସମ୍ବନ୍ଧିତ ଜଣାପଡ଼େ ।

ପ୍ରଥମ ଦୃଷ୍ଟିରେ 'ଶ୍ରୀକୃଷ୍ଣ କୀର୍ତ୍ତନ' ଭଷାର ଯେଉଁ ବ୍ୟାକରଣ ରୀତି ପଡ଼େ, ଏହା ପାଠକର ହୃଦ୍‌ବୋଧ କରାଇଦିଏ ଯେ କେବଳ ଚର୍ଯ୍ୟାପଦର ସହ କେତେକ ମେଳକକୁ ଛାଡ଼ିଦେଲେ ଏହା ଯେ କୌଣସି ଅନ୍ୟ ଜଣାଶୁଣା ପ୍ରାଚୀନ ରଚନାଠାରୁ ପ୍ରାଚୀନତର । କିନ୍ତୁ ଏଥି ସଙ୍ଗେ ସଙ୍ଗେ ଏହାର ଧ୍ୱନିଗତ ତଥା ବାକ୍ୟ ଗଠନଗତ (ପ୍ରକୃତି ପ୍ରତ୍ୟୟମୂଳକ) ସମସ୍ତ ଲକ୍ଷଣମାନଙ୍କୁ ଯେବେ ବିଚାରକୁ ନିଆଯାଏ ଏହାକୁ ଆଦିକାଳ ଆଡ଼କୁ ନେବାକୁ ଅସୁବିଧା ହୁଏ । ମାତ୍ର ଏହାର ଭଷା ଓ ଛନ୍ଦରେ ଅଭ୍ରାନ୍ତ ଭବରେ ନିହିତ ଅଛି ଉଭୟ ପ୍ରାଚୀନତା ଓ ନବୀନତାର ସଙ୍କେତ । କେବଳ କେତେକ ମିଶ୍ରିତ ପାର୍ସୀ ଓ ଆର୍ଯ୍ୟ ଭରତୀୟ ମୂଳ ଉତ୍ସରୁ ଆସିଥିବା ଗୋଟାଏ ଦୁଇଟା ଶବ୍ଦ ସମେତ ଅଳ୍ପ ଆରବୀ ଓ ପାର୍ସୀ ପଦ ଏଥିରେ ଦେଖିବାକୁ ମିଳେ । ବନାନ ପଦ୍ଧତି ମଧ୍ୟ ପୁରୁଣାକାଳର; କିନ୍ତୁ ଯେଉଁ ଉଚ୍ଚାରଣ ରୀତି ନିହାତି ଏବକାଳର ସେ ସବୁକୁ ଘୋଡ଼ାଇ ପକାଇବାରେ ଏ ଭଷାରେ ବିଫଳତା ସ୍ପଷ୍ଟ । ଅଳ୍ପ କିଛି ହେଲେ ରୂପ ନାହିଁ ଯେଉଁଗୁଡ଼ିକ ନିଶ୍ଚିତ ରୂପେ ସ୍ୱରଧ୍ୱନିଗତ ସମ୍ମେଳନକୁ ସ୍ପଷ୍ଟ କରିଦେବ । ଏ ପ୍ରକାର ଆକୃତି ସପ୍ତଦଶ ଶତକର ପ୍ରାନ୍ତ କିମ୍ବା ଅଷ୍ଟାଦଶ ଶତକର ଆଦ୍ୟପାଦରେ ପରିଦୃଷ୍ଟ ହେଉଥିଲା ।

ବଙ୍ଗଳା ଛନ୍ଦର ବିପରୀତରେ ରଖି ଏହାର ସଂସ୍କୃତ ଶ୍ଳୋକମାନଙ୍କୁ ବିଚାରକୁ ନେଲାବେଳେ ତୃତୀୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼େ । ସଂସ୍କୃତ

ଶ୍ଳୋକଗୁଡ଼ିକ ଆଖ୍ୟାନଟିର କ୍ରମପ୍ରବାହଗତ ଗତିଶୀଳତାକୁ ବହନ କଲାବେଳେ ବଙ୍ଗଳା ପୟାର (ଗୀତ) ଗୁଡ଼ିକ ଆମୋଦଦାୟୀ ସରସ ଶୋଭ ପ୍ରଦାନ କରିଥାନ୍ତି । ଅଧିକାଂଶ ଶ୍ଳୋକ ବେଶ୍ ଉନ୍ନତ ସ୍ତରର ଏବଂ ଏହାର କବି ସ୍ୱଳ୍ପଧୀ ଜଣାପଡ଼ନ୍ତି ନାହିଁ । ଏହି କାବ୍ୟର ପ୍ରାଥମିକ ରୂପ ଶ୍ଳୋକ ସମ୍ବଳିତ ଥିବା ଅନୁମିତ ହୁଏ ଏବଂ ଏହି ଶ୍ଳୋକଗୁଡ଼ିକ ସଂଯୋଜକ ସୂତ୍ର ଭବେ ଗଢ଼ି ଉଠିଥିବା ସମ୍ଭବ । ଏହା ସମ୍ଭବତଃ ଥିଲା 'ଗୀତଗୋବିନ୍ଦ'ଠାରୁ ଉନ୍ନତ ରୀତିଧର୍ମୀ, କିନ୍ତୁ ଗୀତଗୁଡ଼ିକ ସଂସ୍କୃତରେ ଲେଖା ନଥିଲା । ଏହି ଦୃଷ୍ଟିରୁ ବିଗ୍ରରପୂର୍ବକ ଲକ୍ଷ୍ୟ କଲେ ଜାଣି ହୁଏ ଯେ 'ଶ୍ରୀକୃଷ୍ଣ କୀର୍ତ୍ତନ' ଏବେ ଯେଉଁ ରୂପରେ ଆମ ପାଖକୁ ଆସିଛି, ତାହା ଯଥେଷ୍ଟ ପରିହାର, ପରିବର୍ତ୍ତନ ଓ ଅଙ୍ଗଛେଦ ବରଣ ପୂର୍ବକ ଉତ୍କଟ ସଂଯୋଜନ ଦ୍ୱାରା ଭରକ୍ରାନ୍ତ ହୋଇପଡ଼ିଛି ।

ସ୍ଥାନେ ସ୍ଥାନେ ସହାୟକ ସଙ୍ଗୀତଟି (ଅଥବା ସଂଗୀତମାନ) ଯେଉଁଠି ରହିବା କଥା ସେଠି ନାହିଁ; ଦୃଷ୍ଟାନ୍ତ ସ୍ୱରୂପ ପ୍ରଥମ ଭଗ (ଜନ୍ମଖଣ୍ଡ) ଯେଉଁଠି ଦୁଇଟି ଶ୍ଳୋକରେ ଶେଷ ହୋଇଛି ସେଠାରେ ଅତି କମ୍‌ରେ ଦୁଇଟି ସହାୟକ ଗୀତର ଆବଶ୍ୟକତା ରହିଛି । ସର୍ବାଧିକ କାମୋଦ୍ଦୀପକ ଭଗ (ଧାନଖଣ୍ଡ)ଟି କେବଳ ମାତ୍ରାଧିକ ପରିମାଣରେ ସ୍ଫୀତିକୃତ ହୋଇ ନାହିଁ, ଅତି ଊଣାରେ ଦୁଇଟି ଅଳ୍ପ ପ୍ରଭେଦ ଥିବା ପାଠାନ୍ତରଦ୍ୱାର ଅଧ୍ୟାରୋପିତ ହୋଇଛି । ଅଧ୍ୟାରୋପଣମାନ ସ୍ୱଭବତଃ ଅସ୍ପଷ୍ଟ ନୁହନ୍ତି ଏବଂ ଅନେକ ସ୍ଥଳରେ ଅଳ୍ପ କିଛି ବିରୋଧାତ୍ମକ କଥା ମଧ୍ୟ କୁହାଯାଇ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଶେଷ ଖଣ୍ଡ (ରାଧା ବିରହ)ରେ ଆମକୁ ପ୍ରଥମେ କୁହାଗଲା ଯେ ଯେତେବେଳେ ରାଧା କୃଷ୍ଣଙ୍କ କୋଳରେ ମୁଣ୍ଡ ରଖି ଶୋଇପଡ଼ିଥିଲେ କୃଷ୍ଣ ବଡ଼ାୟୀ ଆଡ଼କୁ ଆସିଲେ । ବଡ଼ାୟୀ(୧) କିଛି ଦୂରରେ ଥିଲା ସେ ତାକୁ ଆପଣାର ଅଭିଳାଷ ସମ୍ପର୍କରେ ଜଣାଇଲେ ଏବଂ ନିଜର ବକ୍ତବ୍ୟ ଶେଷ କରିବା ପରେ ଧୀରେ ଧୀରେ ନିଜ ଜଂଘ ଉପରୁ ରାଧାଙ୍କର ମୁଣ୍ଡ ଉଠାଇ ସେ ସ୍ଥାନ ଛାଡ଼ି ମଥୁରା ପ୍ରସ୍ଥାନ କଲେ । (୨)

କାବ୍ୟଟିର ଭିନ୍ନ ଭିନ୍ନ ଖଣ୍ଡରେ ହୋଇଥିବା ବିଭକ୍ତିକରଣ ସଠିକ ଭବରେ ମୌଳିକ ମନେହୁଏ ନାହିଁ । ଯେକୌଣସି ଆଡ଼ୁ ଦେଖିଲେ ବି ସେଥିରେ କେତେକ ଫେଣ୍ଟାଫେଣ୍ଟି ସଜଡ଼ା ସଜଡ଼ି ଆଖିରେ ପଡ଼େ, ଯେଉଁଥିରୁ ଅନୁପଯୁକ୍ତ ସମ୍ପାଦନାର ପରିଚୟ ମିଳିଲା । ଉଦାହରଣ ସ୍ୱରୂପ— ଯେଉଁ ଖଣ୍ଡଟି ପ୍ରଥମରୁ 'ଯମୁନା ଖଣ୍ଡ'

---

୧ । ବଡ଼ାୟିର ପାନେ କହ୍ନା କରିଲ ଗମନ (କୃଷ୍ଣ ବଡ଼ାୟୀ ଆଡ଼କୁ ଆସିଲେ) ।

୨ । ଧୀର ଧୀର କରି ରାଧାର ଶିୟାରେର ଉର କାନ୍ହା (ସେଧୀର ସୁକୋମଳ ଭବରେ ନିଜ ଜଙ୍ଘକୁ ରାଧାଙ୍କ ମୁଣ୍ଡତଳୁ ଘୁଞ୍ଚାଇ ଦେଲେ ।)

ଥିଲ, ପରେ ତାକୁ ନିହାତି ହାଲୁକା ଭବରେ ତିନୋଟି ଅଲଗା ଅଲଗା ଖଣ୍ଡରେ ଭର୍ଗି ଦିଆଗଲ, ଯଥା— କାଳୀୟଦଳନ, ଯମୁନା, ହାର ଖଣ୍ଡ । ସମୁଦାୟ 'ବୃନ୍ଦାବନ ଖଣ୍ଡ'ଟି ସମ୍ଭବତଃ ପରବର୍ତ୍ତୀ ବିଶଦୀକୃତ ପ୍ରକ୍ଷିପ୍ତ ରୂପ ଯାହା କୃତି ହିସାବରେ ଏକାନ୍ତ ଅପ୍ରାସଙ୍ଗିକ ।

ସ୍ୱନାମ ସଂସ୍ଥାନ ବା ପ୍ରତ୍ୟେକଟି ଗୀତ ଶେଷରେ କବିଙ୍କ ନାମର ଭଣିତା ଚତୁର୍ଥ ପ୍ରତିବନ୍ଧକ ଯୋଗାଇ ଦିଏ । ନାମଟି କେଉଁଠି 'ଚଣ୍ଡୀ ଦାସ' ତ କେଉଁଠି 'ବଡୁ ଚଣ୍ଡୀ ଦାସ' (ଏପରି ଉଚ୍ଚାରଣର ହାର ମୋଟାମୋଟି ୨ : ୩ ହୋଇପାରେ) ପାଞ୍ଚ, ଛଅଟି ସ୍ଥଳରେ 'ଆନନ୍ତ ବଡୁ ଚଣ୍ଡୀ ଦାସ' (ବା ଅନନ୍ତ) ଏବଂ ଗୋଟିଏ ସ୍ଥଳରେ 'ଅନନ୍ତ ନାମେ ବଡୁ ଚଣ୍ଡୀ ଦାସ' ଉଲ୍ଲିଖିତ ଥିବାର ଲକ୍ଷ୍ୟ କରଯାଏ । 'ଆନନ୍ତ' ଏହି ନାମଟି ରଚନାଟିରେ ଏକପ୍ରକାର ସୁନ୍ଦର ବାର୍ନ୍ଧି ହୋଇ ଲିପିବଦ୍ଧ ରହିଛି, ଯାହା ଜ୍ଞାତସାର ପ୍ରକ୍ଷେପଣ ମନେହୁଏ ନାହିଁ । ତେଣୁ ସମସ୍ତ ଦୃଷ୍ଟିକୋଣରୁ ନିରପେକ୍ଷ ବିବେଚନା ମାଧ୍ୟମରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ବାଧ୍ୟ ହେବା ଯେ ଆନନ୍ତ ଏକ ବ୍ୟକ୍ତିଗତ ନାମ; କିନ୍ତୁ ଚଣ୍ଡୀ ଦାସ / ବଡୁ ଚଣ୍ଡୀ ଦାସ ନିଜେ କବିଙ୍କର କିମ୍ବା ଅନୁଲେଖନକାରଙ୍କର ଉପନାମ, ଡାକ ନାମ ବା ବୃତ୍ତିଗତ ଉପାଧି ବିଶେଷ । (ଯେବେ ପ୍ରକୃତରେ କେହି ଅନୁଲେଖକ ଥାଆନ୍ତି ତେବେ ସେହିଭଳି ଏକ ଅନୁମାନର ବିପଜ୍ଜନକତାକୁ ବରଣ କରିନେଇ ମୁଁ କହିବି ଯେ ଏ ଏହି ଅନନ୍ତ ଆଚାର୍ଯ୍ୟ ଯେ ଅଦ୍ୱୈତଙ୍କର ଶିଷ୍ୟ ଏବଂ 'ଶ୍ରୀକୃଷ୍ଣ କୀର୍ତ୍ତନ'ର ଅନୁରଣନରେ ରଚିତ 'ଦାନ' ଆଖ୍ୟାନ ସଙ୍ଗୀତାବଳୀର ରଚୟିତା ।

ବର୍ତ୍ତମାନ ଏଠାରେ ଏକ ପ୍ରତିବାଦ ଉଠାଯାଇପାରେ । 'ଚଣ୍ଡୀ ଦାସ' କିପରି ଏକ ଡାକ ନାମ ବା ବୃତ୍ତିଗତ ଉପାଧି ହୋଇପାରେ ? ଏହାର ଉତ୍ତର ହେଉଛି— 'ଅନନ୍ତ' (ବା ଆନନ୍ତ) ନାମ ସହିତ ଏହା ସେହିପରି ସ୍ୱଭବତଃ ବ୍ୟବହୃତ ହୋଇଛି । ସେ ଯାହା ହେଉନା କାହିଁକି ପ୍ରତିବାଦର ବୈଧତା ନିର୍ଭର କରିବ ପ୍ରକୃତରେ ଏହି ନାମ ବହନ କରୁଥିବା ବ୍ୟକ୍ତିର ବିଦ୍ୟମାନତା ଉପରେ; କେବଳ ନାମ ମାତ୍ରକରେ ନୁହେଁ । 'ବିଦ୍ୟାପତି' ଓ 'ବ୍ୟାସ' ପରି 'ଚଣ୍ଡୀ ଦାସ' ଏକ ଉପାଧି ବା ଲେଖନୀୟ ନାମ ନଥିଲ ବୋଲି ବା କିଏ କହିପାରିବ ? ଆମେ ପ୍ରାଚୀନ ଓଡ଼ିଆ କାବ୍ୟର ସାରଳା ଦାସଙ୍କ ସହ ମଧ୍ୟ ତୁଳନା କରିପାରୁ । ଦେବୀ ବାସଳୀଙ୍କ ପ୍ରତି ଭକ୍ତିପ୍ଲୁତ ଆତ୍ମ ନିବେଦନ (ଚଣ୍ଡୀଙ୍କର ଅପର ନାମ ବାସଳୀ) ଯାହା ବରବର 'ଭଣିତା'ରେ ପରିଦୃଷ୍ଟ ହୁଏ ତାହାର ଆକ୍ଷରିକ ଅର୍ଥ ତ 'ଚଣ୍ଡୀଙ୍କର ଦାସ ବା ସେବକ' । ତିନୋଟି ସ୍ୱତନ୍ତ୍ର ଲକ୍ଷଣାକ୍ରାନ୍ତ 'ଭଣିତା'ର ନମୁନା ଏଠାରେ ଦିଆଗଲ—

'ଗାଇଲ ବଡ଼ୁ ଚଣ୍ଡୀ ଦାସ ବାସଳୀ ଗଣ' (୧)
'ଗାଇଲ ବଡ଼ୁ ଚଣ୍ଡୀ ଦାସ ବାସଳୀ ବର'
'ଗାଇଲ ବଡ଼ୁ ଚଣ୍ଡୀ ଦାସ ବାସଳୀ ଗତି ।' (୧)

ଆମେ ଯେବେ 'ଅନନ୍ତ'କୁ ଏକ ବ୍ୟକ୍ତିଗତ ନାମ ଭବରେ ଗ୍ରହଣ କରିବା ତେବେ 'ବଡ଼ୁ ଚଣ୍ଡୀ ଦାସ'କୁ ସହଜରେ ବୁଝାଯାଇ ପାରିବ । ଏହି ସରଳାର୍ଥ ମଧ୍ୟ କାବ୍ୟଟିର ମୌଳିକ ପ୍ରକୃତି ବା ସ୍ୱରୂପ ଉପରେ କେତେକ ଆଲୋକପାତ କରିପାରିବ ଏବଂ କବିଙ୍କର ପେଶା ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇପାରିବ । 'ବଡ଼ୁ'—ଏହି ଶବ୍ଦଟିର ଅର୍ଥ ନାଟକାଭିନୟକାରୀ ଅଥବା କୌଣସି ପରିବାର କିମ୍ବା ବୃତ୍ତିଧାରୀ ଗୋଷ୍ଠୀର ବୟୋଜ୍ୟେଷ୍ଠ ସଦସ୍ୟ । 'ଚଣ୍ଡୀଦାସ' ଅର୍ଥ ଦେଉଳ କିମ୍ବା ଦେବୀ ଚଣ୍ଡୀ / ବାସଳୀଙ୍କ ଅଧିଷ୍ଠାନ କ୍ଷେତ୍ରରେ ବୃତ୍ତିଧାରୀ ସେବକ ଜଣେ ପୁରୁଷ । ୧୨୭୧ ଖ୍ରୀଷ୍ଟାବ୍ଦର ବୋଲି ସ୍ଥିରୀକୃତ ହୋଇଥିବା ଏକ ପ୍ରାଚୀନ ଓଡ଼ିଆ ଅଭିଲେଖରେ 'ନାଟୁଆ' (ଯା) (ଭା) ନାମରେ ଅଭିହିତ ଏକ ନୃତ୍ୟାଭିନୟକାରୀ ପରିବାର କଳିଙ୍ଗର ସୀମାଚଳସ୍ଥ ନୃସିଂହ ମନ୍ଦିର ସହିତ ଜଡ଼ିତ ଥିବାର ଉଲ୍ଲେଖ ରହିଛି । ସବୁଠାରୁ ବୟୋଜ୍ୟେଷ୍ଠ ସଦସ୍ୟ ଥିଲ ସର୍ବଜ୍ୟେଷ୍ଠ ଭ୍ରାତା (ବଡ଼ୁ) । ସେହିଭଳି ନୃତ୍ୟ-ଅଭିନୟ-ଗୋଷ୍ଠୀ ବା ଦଳ ଜୟଦେବଙ୍କ ପରବର୍ତ୍ତୀ ଶତାବ୍ଦୀରେ ବଙ୍ଗଳାରେ ଥିବାର ଅନୁମାନ ଆମେ କରିପାରୁ (ଯେ ନିଃସନ୍ଦେହ ଭବେ ଏହି ପାରିବାରିକ ଦଳର ନେତୃତ୍ୱ ଗ୍ରହଣ କରୁଥିଲେ) ଏବଂ ଏହି ପ୍ରକାର ଏକ ଦଳ ଚଣ୍ଡୀଙ୍କୁ ତାଙ୍କର ରକ୍ଷାକର୍ତ୍ତ୍ରୀ ଦେବୀ ଭବରେ ("ବାସଳୀଗଣ") ଉପାସନା କରୁଥିବାରୁ 'ଚଣ୍ଡୀ ଦାସ' ନାମରେ ସେ ବିଦିତ ଥିଲେ ଏବଂ କୃଷ୍ଣଗାଥା ସମ୍ବଳିତ ଲୀଳାଗାନର ଭଣିତା ପଦରେ ସ୍ୱାଭବିକ ରୀତିରେ ଗାଉଥିଲେ । ଏହି ଗୀତ ସେହି ବୟୋଜ୍ୟେଷ୍ଠ ବ୍ୟକ୍ତି ଦ୍ୱାର ରଚିତ ହୋଇଥିଲ ଯେ ଥିଲ ବୟସ୍କ ସଦସ୍ୟ (ବଡ଼ୁ ଚଣ୍ଡୀ ଦାସ), ଏହାଙ୍କର ବ୍ୟକ୍ତିଗତ ନାମ ଥିଲ ଅନନ୍ତ ଏବଂ ଏହି ଅନନ୍ତ ବଂଶଗତ ନାଟ୍ୟସଂଘର ପରିଚାଳନା କରୁଥିଲେ । ଏହା ମଧ୍ୟ ଅନନୁବୋଧ ନୁହେଁ ଯେ ଏହିଭଳି ଏକ ଚଣ୍ଡୀ ଦାସ ଦଳ ଗୌଡ଼ ନିକଟବର୍ତ୍ତୀ 'କାନାଇ-ନାଟଶାଳ'ରେ ତାହାର ମୁଖ୍ୟ କାର୍ଯ୍ୟାଳୟ ଥାପି ରହିଥିଲ ଏବଂ ରମକେଳିରୁ ପ୍ରତ୍ୟାଗମନ ପଥରେ ଚୈତନ୍ୟ ଏହିଠାରେ ତାଙ୍କର ନୃତ୍ୟାଭିନୟ ସନ୍ଦର୍ଶନ କରିଥିଲେ ।

'ରାଧା ବିରହ' ଖଣ୍ଡର ଚୈତନ୍ୟଙ୍କ ସମ୍ପର୍କୀୟ ଯେଉଁ ସନ୍ଦିଗ୍ଧ ଉଲ୍ଲେଖ ଏଥିପୂର୍ବରୁ ଲକ୍ଷ୍ୟ କରଯାଇଛି ଏବଂ ଭଷାତାତ୍ତ୍ୱିକ ତଥା ଅନ୍ୟାନ୍ୟ ଦୃଷ୍ଟିକୋଣରୁ

---

୧ । 'ଗଣ' ଓ 'ଗତି' ଶବ୍ଦ ଦୁଇଟିର 'ବାଟ', 'ପନ୍ଥା', 'ପରିତ୍ରାଣ' ଅର୍ଥ ହୋଇପାରେ । ମାତ୍ର ମୁଁ ଏଠାରେ 'ଗତି'କୁ ସଂସ୍କୃତ 'ଗୋତ୍ରିକା' (ବିରଦର ଗୋଷ୍ଠୀ)ରୁ ଗ୍ରହଣ କରିଛି ।

ବିଗ୍ରର କରଯାଇ ତୁଳନାତ୍ମକ ଭବରେ ପରବର୍ତ୍ତୀ ବା ବିଳମ୍ବରେ ଲେଖାଯାଇଥିବା ବିବରଣୀ ସମ୍ପର୍କରେ ଯେଉଁ ସୂଚନା ପ୍ରଦତ୍ତ ହୋଇଛି, ସେଥିରୁ ଆମେ ଏହି ନିଷ୍କର୍ଷରେ ଉପନୀତ ହୋଇପାରିବା ଯେ ଚୈତନ୍ୟ ଯେଉଁ ଅଭିନୟ ଦେଖୁଥିଲେ ଏବଂ ଯେଉଁ ଗୀତଗୁଡ଼ିକ ତାଙ୍କୁ ଜଣାଥିଲା ସେ ସବୁ ଅନନ୍ତଙ୍କଠାରୁ ଆସିନଥିଲା, ଆସିଥିଲା ତାଙ୍କର କୌଣସି ବଂଶଧର ପୂର୍ବଜଙ୍କଠାରୁ ଯେ ହୋଇପାରନ୍ତି ଅସଲ ବା ପ୍ରଥମ ଚଣ୍ଡୀ ଦାସ ।

ଖୋଲା ମେଲା ହୁଗୁଳା ଅବସ୍ଥାରେ ନୁହେଁ, ପୁସ୍ତକ ଆକାରରେ ସିଲାଇ ହୋଇଥିବା ଅବସ୍ଥାରେ କଲିକତା ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପାଣ୍ଡୁଲିପିମାନଙ୍କ ମଧ୍ୟରେ ୧୯୩୦ ଖ୍ରୀ:ରେ ଦୁଇଟି ବହୁ ପରବର୍ତ୍ତୀ ପାଣ୍ଡୁଲିପିର ଆବିଷ୍କାର ଚଣ୍ଡୀ ଦାସ-ତଦ୍‌ବିଦ୍‌ମାନଙ୍କ ମଧ୍ୟରେ ଦ୍ରୁତକମ୍ପନ ସୃଷ୍ଟି କଲା । ସାଙ୍ଗୀତିକ ତାଳ-ଗାନର କେହି ଶିକ୍ଷାନବୀସ୍‌ଙ୍କର ବାସ୍ତବ ବ୍ୟାବହାରିକ ପୁସ୍ତକ ଥିଲା ସେହି ପାଣ୍ଡୁଲିପିଗୁଡ଼ିକ । ସେଥିରେ 'ଶ୍ରୀକୃଷ୍ଣ କୀର୍ତ୍ତନ' ଅଂଶରେ ଅନ୍ୟୁନ ସତେଇଶଟି ସଂଶୋଧନ କରାଯାଇଥିଲା । ଅନ୍ୟ ଦଶଟି କାବ୍ୟଟିର ହଜି ଯାଇଥିବା ଅଂଶମାନଙ୍କରେ ସଂଯୋଜନ ବୋଲି ସହଜରେ ସନାକ୍ତ କରଯାଇ ପାରିଛି । ଏହି ପାଣ୍ଡୁଲିପି ଦୁଇଟି 'ଶ୍ରୀକୃଷ୍ଣ କୀର୍ତ୍ତନ' ଆବିଷ୍କର୍ତ୍ତାଙ୍କର ସଂଗ୍ରହର ଅନ୍ତର୍ଭୁକ୍ତ । ଏହି ଆବିଷ୍କାର ଅନ୍ତତଃ ପ୍ରମାଣିତ କରିଦେଲା ଯେ ଚଳିତ ଶତାବ୍ଦୀର ପ୍ରଥମ କିଛି ଦଶକ ପର୍ଯ୍ୟନ୍ତ 'ଶ୍ରୀକୃଷ୍ଣ କୀର୍ତ୍ତନ'ର ଗୀତଗୁଡ଼ିକ ବାସ୍ତବତଃ ଅଜଣା ଅଶୁଣା ନଥିଲା । 'ଶ୍ରୀକୃଷ୍ଣ କୀର୍ତ୍ତନ' ଯେ ପ୍ରବୃଦ୍ଧ ଅତୀତର ଏକ ସାରସ୍ୱତ ସ୍ମାରକୀ ବିଶେଷ ଓ ପରବର୍ତ୍ତୀ ବୈଷ୍ଣବ କୀର୍ତ୍ତନ କାର୍ଯ୍ୟକଳାପ ସହିତ ଏହା ସଂଯୁକ୍ତ ନୁହେଁ—ଏହି ତତ୍ତ୍ୱଟି ପ୍ରତି ଏହି ଆବିଷ୍କାରର ପ୍ରଚଣ୍ଡ ଧକ୍‌କା ଆଣି ପହଞ୍ଚାଇଲା । ଯାହାହେଉ, ସେହି ସମୟରେ ଏଥିପ୍ରତି କାହାରି ଦୃଷ୍ଟି ପଡ଼ି ନଥିଲେହେଁ, 'ଶ୍ରୀକୃଷ୍ଣ କୀର୍ତ୍ତନ'ରୁ ପାଣ୍ଡୁଲିପିକୁ ଯେତେ ପ୍ରାଚୀନ ବୋଲି ମନେ କରଯାଉଛି, ଏହା ସେତେ ପ୍ରାଚୀନ ନୁହେଁ; ଏହାର କାଗଜ, କାଳି ଓ ହସ୍ତାକ୍ଷରର ଲିଖନ ପଦ୍ଧତି ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭଗରୁ ପୁରୁଣା ବୋଲି ଏହାକୁ ପ୍ରତିପନ୍ନ କରେ ନାହିଁ । ଏହି ସମୟ-ସୀମା ମଧ୍ୟ ଭଷାତାତ୍ତ୍ୱିକ ପ୍ରମାଣ ଦ୍ୱାର ସଂସିଦ୍ଧ ।

ମୁଁ ଏଥିପୂର୍ବରୁ ଉଲ୍ଲେଖ କରିସାରିଛି ଯେ ଚଣ୍ଡୀ ଦାସଙ୍କର ବିକ୍ଷିପ୍ତ କେତେକ ଦ୍ୱିପଦୀ ସଙ୍ଗୀତ ଓ 'ଶ୍ରୀକୃଷ୍ଣ କୀର୍ତ୍ତନ'ର କେତେକାଂଶ ଅଷ୍ଟାଦଶ ଶତାବ୍ଦୀରେ ମଧ୍ୟ ଘୋଷାପଦ (ଧୁୟା) ଭବରେ ପ୍ରଚଳିତ ଥିଲା । ପ୍ରାଚୀନତର କୀର୍ତ୍ତନ ସଙ୍କଳନ-ମାନଙ୍କରେ ଏଭଳି କେତେକ ଗୀତ ଅଛି, ଯାହା ମୂଳତଃ ଚଣ୍ଡୀ ଦାସଙ୍କ ରଚିତ କବିତା । ଅନୁବାଦରୁ ଗୋଟିକୁ ମୁଁ ନିମ୍ନରେ ଉଦ୍ଧାର କରୁଛି । ଏହା ନରହରି ଚକ୍ରବର୍ତ୍ତୀଙ୍କର 'ଗୀତ ଚନ୍ଦ୍ରୋଦୟ'ରେ ସନ୍ନିବଦ୍ଧ ରହିଛି (ଅଷ୍ଟାଦଶ ଶତାବ୍ଦୀର ଆଦ୍ୟ ଭଗରେ ସଙ୍କଳିତ) ।

"ପ୍ରେମିକ ଯେ ସିଏ ଗୁଣର ସ୍ତମ୍ଭଟିଏ :
ତୁମ ନାମ ତା'ର ଜିହ୍ବାରେ ଲେଉଟୁଥାଏ ।
ଯେବେ ତୁମ ନାମ ପଡ଼େ ଖାଲି ତା କାନରେ
ଆନନ୍ଦର ଜ୍ୟୋତି ଝଲସଇ ତାହାଠାରେ ।
ମୁଖକୁ କିପରି ଆଡ଼େଇ ସେ ନେଇଥାଏ
ଲୁହ ଛଳ ଛଳ ଆଖି ତା'ର ଯେବେ ହୁଏ ।
କେବେ ଯଦି ତାକୁ ପଗ୍ଚରେ କିଛି ବା କେହି
ଉତ୍ତର ନ ଦେଇ ହାତଟି ଦିଏ ହଲଇ ।
ମୁଁ କହେ ତୁମକୁ ଅବଶ୍ୟ କରିବ ଯାହା
କିଛି ଭବ ନାହିଁ କହୁଛି ବୋଲି ମୁଁ ଏହା ।
ଧୃତି ଶେଷ ସୀମା ହୋଇଯାଇଅଛି ପାର
ବଡ଼ୁ ଚଣ୍ଡୀ ଦାସ ଭଣୁଅଛି ଏହି ଗୀର ।

□

ପ୍ରାନ୍ତଭାଷ

ଏହାର ପୂର୍ବ ପୃଷ୍ଠାମାନଙ୍କରେ ହୋଇଯାଇଥିବା ଆଲୋଚନାରୁ, ମୋର ଧାରଣା, ଚଣ୍ଡୀ ଦାସ ଏକ ନାମ, ଯାହା ବୈଧତଃ ଭାଷାତଥ୍ୟଗତ ତଥା ବିଦ୍ୟମାନତାଗତ ଐତିହାସିକ ଦୃଷ୍ଟିକୋଣରୁ ବହୁବ୍ୟକ୍ତିଙ୍କଠାରେ ଆରୋପିତ ହୋଇପାରେ । ଏହା ମୁଁ ସୂଚାଇଦେବାରେ ସମର୍ଥ ହୋଇଛି ।

ଭାଷାତଥ୍ୟମୂଳକ ଐତିହାସିକତା ଦୃଷ୍ଟିରୁ ଅତି ଊଣାରେ ସମନାମଧାରୀ କବିତ୍ରିତୟ ଊନବିଂଶ ଶତାବ୍ଦୀ ପୂର୍ବରୁ ବିଦ୍ୟମାନ ଥିଲେ । ଜଣେ ହେଲେ ପୁରାତନ ଚଣ୍ଡୀ ଦାସ, ଯେ ଚୈତନ୍ୟ ଓ ତାଙ୍କ ସଖାମାନଙ୍କର ପ୍ରଶଂସାଭାଜନ ହୋଇଥିଲେ । ଅନ୍ୟ ଜଣକ ବ୍ରାହ୍ମଣ (ଦ୍ୱିଜ) ଚଣ୍ଡୀ ଦାସ, ଯେ ଥିଲେ ନରୋତ୍ତମ ଦାସଙ୍କର ଶିଷ୍ୟ । ତୃତୀୟ ଜଣକ ହେଲେ ତାନ୍ତ୍ରିକ ବୈଷ୍ଣବ, ଯେ ଅଳ୍ପ କିଛି କାବ୍ୟ, କବିତା ରଚନା କରିଥିଲେ ; କିନ୍ତୁ ସମ୍ଭବତଃ ରହସ୍ୟବାଦୀ ସଙ୍ଗୀତ ରଚନାରେ ବହୁପ୍ରସୂ ଥିଲେ । ଏହି ତୃତୀୟ ଚଣ୍ଡୀ ଦାସ ଜଣକ ସମ୍ଭବତଃ ସେହି ବ୍ୟକ୍ତି ଥିଲେ, ଯେ କୃଷ୍ଣ ପ୍ରେମ-ଲୀଳାଶ୍ରୟୀ କେତେକ କୀର୍ତ୍ତନ ସଙ୍ଗୀତରେ 'ତରୁଣୀରମଣ' ଉପନାମଟି ବ୍ୟବହାର କରୁଥିଲେ ।

ଅନେକ ଥିଲେ ପେଷାଦାର ଭଡ଼ାଟିଆ ଲେଖକ ଓ ଜାଲିୟାତିକାରୀ, ଯେଉଁମାନେ ଗଦା ଗଦା ଅଳିଆ ଭଳି କେତେବେଳେ 'ଦୀନ' ଚଣ୍ଡୀ ଦାସ, 'ହୀନ' ଚଣ୍ଡୀ ଦାସ, 'କ୍ଷୀଣ' ଚଣ୍ଡୀ ଦାସ ଅଥବା 'ଦୀନ କ୍ଷୀଣ' ଏବଂ କେତେବେଳେ ଅବଶ୍ୟ ସାଧା 'ଚଣ୍ଡୀ ଦାସ' ନାମରେ ଭଣିତା ଲଗାଇ ଲେଖାମାନ ଉତ୍ପାଦନ କରିଥିଲେ । ଛପାରେ ଦୃଶ୍ୟମାନତା ହେତୁ କେବଳ ଭଣିତାହିଁ ସର୍ବଥା ସେମାନଙ୍କ କ୍ଷେତ୍ରରେ ଥିଲା ଏକମାତ୍ର ଯଥାର୍ଥତା । କେବଳ ସେଥିପାଇଁ ହିଁ କୌଣସି କୌଣସି ସମୟରେ ସେଗୁଡ଼ିକ କେହି କେହି ତଦ୍‌ବିଦ୍‌ଙ୍କର 'ଗୁରୁତ୍ୱପୂର୍ଣ୍ଣ' ବିବେଚନାର ଅଙ୍ଗୀଭୂତ ହୋଇପଡ଼ିଥିଲା ।

ଇତିହାସ ଦୃଷ୍ଟିରୁ ଦେଖିଲେ, ଗୋଟିଏ 'ଚଣ୍ଡୀ ଦାସ' ଦଳ ଥିଲ, ଯାହାଙ୍କୁ ଆମେ ଏକ ଧାରାବଦ୍ଧ କବି, ଗାୟକ, ନର୍ତ୍ତକ ଏବଂ ବ୍ୟଙ୍ଗକାର ତଥା ପୁତୁଳି ନୃତ୍ୟକାରୀ କହିପାରୁ, ଯେଉଁମାନଙ୍କର ରାଧାଙ୍କ ସହ କୃଷ୍ଣଙ୍କର (ଏବଂ ଅନ୍ୟ ଗୋପାଙ୍ଗନା) ପ୍ରେମଲୀଳାଶ୍ରୟୀ ନାଟ୍ୟ ସଙ୍ଗୀତର ଏକ ସାରସ୍ୱତ ସଂଗ୍ରହ ଥିଲ। ସେହି ମୂଳ ସଂଗ୍ରହ-ସଂପଦର ଏକ ଛାଞ୍ଚ 'ଶ୍ରୀକୃଷ୍ଣ କୀର୍ତ୍ତନ' ରୂପରେ ଆମ ପାଖକୁ ଆସିଛି । ଏହା ଆନୁମାନିକ ଜୟଦେବଙ୍କର 'ଗୀତଗୋବିନ୍ଦ' ଏବଂ ସମ୍ଭବତଃ ଅନେକାଂଶରେ ଉମାପତିଙ୍କର 'ପାରିଜାତ ହରଣ' ପରି ଥିଲ । (କିନ୍ତୁ ସଂସ୍କୃତ ନାଟକର ଗଠନ ରୂପ ବରଣ କରି ନଥିଲ, ଯେଉଁଥିରେ ନାଟ୍ୟ ଓ ଗୀତିସଙ୍ଗୀତଗୁଡ଼ିକ ସଂସ୍କୃତ ଶ୍ଳୋକର ମାଳାରେ ଏକତ୍ର ଗ୍ରଥିତ ହୋଇ ଗତିଶୀଳ ହେବା ସଙ୍ଗେ ସଙ୍ଗେ କଥାବସ୍ତୁର ଅଗ୍ରସରତା ସମ୍ପାଦନ କରିଥାଏ) । କବି ଚଣ୍ଡୀ ଦାସ ବୋଲି ପରିଚିତ ଥିଲେ କିନ୍ତୁ ଏହା ତାଙ୍କର ବ୍ୟକ୍ତିଗତ କିମ୍ବା ଆରୋପିତ ନାମ ଥିଲ, ସେ ବିଷୟରେ ଆମେ ନିଶ୍ଚିତ ନୋହୁ ।

ପ୍ରଥମ ଚଣ୍ଡୀ ଦାସ ଯେପରି ଥିଲେ ଜଣେ ସୁକବି, ଦ୍ୱିତୀୟ ମଧ୍ୟ ଥିଲେ ତଦନୁରୂପ । ଏହି ଦୁଇଜଣଙ୍କ ମଧ୍ୟରେ କିଏ ଥିଲେ ଉତ୍କୃଷ୍ଟତର, ତାହା ନିର୍ଣ୍ଣୟ କରିବା କଠିନ । ଜଣେ ଅଜ୍ଞାତନାମା କାଳିଦାସଙ୍କର ପ୍ରଶଂସକଙ୍କଠାରେ କ୍ଷମା ପ୍ରାର୍ଥନାପୂର୍ବକ ପରିଶେଷରେ ମୁଁ କହିବି :

ଏକୋଽପି ଜୀୟତେ ହନ୍ତ ଚଣ୍ଡୀଦାସୋ ନ କେନଚିତ୍ ।
ଶୃଙ୍ଗାରେ ବ୍ରଜଲୀଳାୟାମ୍ ଚଣ୍ଡୀଦାସ ଦ୍ୱୟୀ କିମୁ ॥

ଏପରିକି ଜଣେ ଚଣ୍ଡୀ ଦାସ ଅନ୍ୟ କୌଣସି ନାମର ଦ୍ୱିତୀୟ ନୁହନ୍ତି । ବ୍ରଜଭୂମିର ପ୍ରେମଲୀଳା ବର୍ଣ୍ଣନ କ୍ଷେତ୍ରରେ ଚଣ୍ଡୀ ଦାସ ଯୁଗଳଙ୍କର କଥାହିଁ କାହିଁ ?

□

ସହାୟକ ଗ୍ରନ୍ଥସୂଚୀ

ମହାଜନ-ପଦାବଳୀ—ଜଗବନ୍ଧୁ ଭଦ୍ର, ୧୮୭୫ ।

ପ୍ରାଚୀନ-କାବ୍ୟ-ସଂଗ୍ରହ-୧ମ ଭଗ—ଅକ୍ଷୟ ଚନ୍ଦ୍ର ସରକାର ଓ
ସାରଦା ଚରଣ ମିତ୍ର, ୧୮୭୮ ।

ଚଣ୍ଡୀ ଦାସେର ପଦାବଳୀ—ନୀଳରତନ ମୁଖର୍ଜୀ,
ବଙ୍ଗୀୟ ସାହିତ୍ୟ ପରିଷଦ, ୧୯୧୨ ।

ଶ୍ରୀକୃଷ୍ଣ କୀର୍ତ୍ତନ—ବସନ୍ତ ରଞ୍ଜନ ରାୟ, ବଙ୍ଗୀୟ ସାହିତ୍ୟ ପରିଷଦ, ୧୯୧୭ ।

ବୀରଭୂମ ବିବରଣ-ତୃତୀୟ ଭଗ—ମହିମା ନିରଞ୍ଜନ ଚକ୍ରବର୍ତ୍ତୀ, ୧୯୨୭ ।

ଚଣ୍ଡୀ ଦାସେର ପଦାବଳୀ—ସୁନୀତି କୁମାର ଚାଟର୍ଜୀ ଓ ହରେକୃଷ୍ଣ ମୁଖୋପାଧ୍ୟାୟ,
ବଙ୍ଗୀୟ ସାହିତ୍ୟ ପରିଷଦ, ୧୯୩୪ ।

ଦୀନ ଚଣ୍ଡୀ ଦାସେର ପଦାବଳୀ-ପ୍ରଥମ ଭଗ—ମନୀନ୍ଦ୍ର ମୋହନ ବସୁ, ୧୯୩୪ ।

ଚଣ୍ଡୀ ଦାସ ଚରିତ—ଯୋଗେଶ ଚନ୍ଦ୍ର ରାୟ, ୧୯୩୪ ।

ବାଙ୍ଗ୍ଲ ସାହିତ୍ୟେର ଇତିହାସ—୧ମ ଭଗ, ୧ମ ଖଣ୍ଡ,
ସୁକୁମାର ସେନ୍, ୫ମ ସଂସ୍କରଣ, ୧୯୭୦ ।

Indian I... ...ance
117751
20/12/04
SHIMLA

ପ୍ରାକ୍ତନ ବଙ୍ଗୀୟ ବୈଷ୍ଣବ କବିତା କୁସୁମମାନଙ୍କରେ ମଧୁରତମ ଗୀତିକାବଳୀ ଚଣ୍ଡୀଦାସଙ୍କ ନାମରେ ଆରୋପିତ । ମାତ୍ର ଚଣ୍ଡୀଦାସ କିଏ ଓ କ'ଣ ଥିଲେ, କେଉଁଠି, କେତେବେଳେ ସେ କ୍ରମୋନ୍ନତି ଲାଭ କରିଥିଲେ—ଏହି ପ୍ରଶ୍ନଗୁଡ଼ିକ ବଙ୍ଗ ଭାଷା-ସାହିତ୍ୟର ପ୍ରଖ୍ୟାତ ବିଦ୍ୱାନ୍‌ମାନଙ୍କର ଏକାନ୍ତ ଅଧ୍ୟବସାୟନିଷ୍ଠ ଗବେଷଣାକୁ ବ୍ୟର୍ଥତାରେ ପର୍ଯ୍ୟବସିତ କରିଛି । ଚଣ୍ଡୀଦାସଙ୍କର ପ୍ରଥମ ଉଲ୍ଲେଖ ଦେଖିବାକୁ ମିଳେ 'ଚୈତନ୍ୟ ଚରିତାମୃତ'ରେ । ଚୈତନ୍ୟଙ୍କର ବୟଃକନିଷ୍ଠ ସାମସମୟିକ ବ୍ୟକ୍ତି କୃଷ୍ଣଦାସ କବିରାଜ ଏଥିରେ ଲିପିବଦ୍ଧ କରିଛନ୍ତି ଯେ ପ୍ରଭୁ ତାଙ୍କର ପରବର୍ତ୍ତୀ ବୟଃକ୍ରମରେ ଜୟଦେବ (ସଂସ୍କୃତରେ), ବିଦ୍ୟାପତି (ମୈଥିଳୀରେ) ଓ ଚଣ୍ଡୀଦାସ (ବଙ୍ଗଳାରେ) ଙ୍କର ସଙ୍ଗୀତମାନଙ୍କରୁ ଭାବାତ୍ମକ ପୋଷକତା ପ୍ରାପ୍ତ ହୋଇଥିଲେ । ଏହା ଚଣ୍ଡୀଦାସଙ୍କର ଆବିର୍ଭାବ କାଳକୁ ୧୫ଶ ଶତାବ୍ଦୀର ପ୍ରାନ୍ତ କିମ୍ବା ୧୬ଶ ଶତାବ୍ଦୀର ଆଦ୍ୟପାଦର ନିକଟବର୍ତ୍ତୀ କେଉଁ ଏକ ସମୟର ବୋଲି ଚିହ୍ନାଇ ଦେବ । ସମୟକୁ ବାଦ୍ ଦେଲେ ବି ଚଣ୍ଡୀଦାସଙ୍କର ବହୁବିଧ ଏକରୂପତା ଓ ତାଙ୍କର ଅପରାପର ଅସ୍ତିତ୍ୱମାନଙ୍କ ସହ ଜଡ଼ିତ କାହାଣୀମାନ ମନୋମୁଗ୍ଧକର ଅଧ୍ୟୟନର ସାମଗ୍ରୀ । ବଙ୍ଗ ଭାଷା-ସାହିତ୍ୟ ଇତିହାସର ଜନୈକ ଗଣ୍ୟମାନ୍ୟ, ପ୍ରାମାଣିକ ଜ୍ଞାନସଂପନ୍ନ ପ୍ରବକ୍ତା ଡଃ ସୁକୁମାର ସେନ୍ ଏ ସମସ୍ତ ଜିଜ୍ଞାସିତ ତଥ୍ୟମାନଙ୍କର ତଦ୍‌ବିଦ୍ ସୁଲଭ ବିଚକ୍ଷଣତା ଓ ଆଖ୍ୟାୟିତାର ଆହ୍ଲାଦ ନେଇ ଆଲୋଚନା ପ୍ରସ୍ତୁତ କରିଛନ୍ତି । ତାଙ୍କର 'ଶ୍ରୀକୃଷ୍ଣ କୀର୍ତ୍ତନ' ଗ୍ରନ୍ଥର ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ ଯେଉଁଭଳି ଦର୍ଶାଏ, ସେଥିରୁ ସେ ଏକମାତ୍ର ବଡୁ ଚଣ୍ଡୀଦାସଙ୍କୁ ଜୟଦେବ ଓ ବିଦ୍ୟାପତିଙ୍କର ସମସ୍ତରୀୟଭାବେ ଗ୍ରହଣ କରିବାର ପକ୍ଷପାତୀ ଜଣାଯାଆନ୍ତି । ପରିଶେଷରେ ସେ ବଡୁ ଓ ଦ୍ୱିଜ ଉଭୟଙ୍କ ମଧ୍ୟରେ ତୁଳାଦଣ୍ଡଟିକୁ ଧରି କହନ୍ତି : ଏକମାତ୍ର ଚଣ୍ଡୀଦାସ [illegible] ନୁହଁନ୍ତି, ବ୍ରଜ ପ୍ରେମଲୀଳା ବର୍ଣ୍ଣନ କ୍ଷେତ୍ରରେ ଚଣ୍ଡିଦ[illegible]

Library IIAS, Shimla
OR 891.441 52 C 36 S
00117751

ପ୍ରଚ୍ଛଦ ରେଖାଙ୍କନ : ସତ୍ୟଜିତ୍ ରାୟ

ଅନ୍ତର୍ଲିଖନ : ଚଣ୍ଡୀଦାସଙ୍କ ନାମର ଭଣିତା ଥିବା 'ଶ୍ରୀକୃଷ୍ଣ କୀର୍ତ୍ତନ' ପୋଥି-ପାଣ୍ଡୁଲିପିର ଏକ ପୃଷ୍ଠାର ଅବିକଳ ଚିତ୍ରଲିପି ।

ମୂଲ୍ୟ : ୧୫ ଟଙ୍କା

ISBN 81-7201-919-X